ବର୍ଷ-୨୬, ସଂଖ୍ୟା-୨୮୯
ଭୁବନେଶ୍ୱର
ଅକ୍ଟୋବର, ୨୯, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-26, Issue No. 289
Bhubaneswar
October, 29, 2026, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବୈଷ୍ଣବୀଙ୍କ
୫ ୱିକେଟ

# ତାଣ୍ଡବ ରଚିଲା 'ଅର୍ଣ୍ଣବ'

ହାଇଦ୍ରାବାଦ/ଭୁବନେଶ୍ୱର, ୨୮।୧୦(ମହାଭାରତ): ଆନ୍ଧ୍ର ପ୍ରଦେଶରେ ଲ୍ୟାଣ୍ଡ ଫଲ୍ କରିବା ପରେ ତାଣ୍ଡବ ରଚିଛି ବାତ୍ୟା ଅର୍ଣ୍ଣବ। ଆନ୍ଧ୍ରରେ ବ୍ୟାପକ କ୍ଷତି କରିଛି ଏହି ସାମୁଦ୍ରିକ ଝଡ଼। ବିଳମ୍ବିତ ରାତିରେ ସ୍ଥଳଭାଗ ଛୁଇଁଥିବା ବାତ୍ୟା ଅର୍ଣ୍ଣବ ଦୀର୍ଘ ସାଢେ ୬ ଘଣ୍ଟାର ସଂଘର୍ଷ ପରେ ସ୍ଥଳଭାଗ ଅତିକ୍ରମ କରିଛି। ଏହା ପୂର୍ବରୁ ସ୍ଥଳଭାଗ ଛୁଇଁଥିବା ସ୍ଥାନ ଛାରଖାର କରିଥିଲା। ଆନ୍ଧ୍ର ଓ ସୀମାନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ



ଲାଗି ରହିଥିଲା ତୁହାକୁ ତୁହା ବର୍ଷା ଓ ପବନ। ବର୍ତ୍ତମାନ ସୁଦ୍ଧା ଅର୍ଣ୍ଣବ ଆନ୍ଧ୍ରରେ ୫ ଜଣଙ୍କ ଜୀବନ ନେଇ ସାରିଥିବା ବେଳେଏକାଧିକ ଘରକୁ ସଂପୂର୍ଣ୍ଣ ଭାବେ ମାଟିରେ ମିଶାଇ ଦେଇଛି। ୟନମ ଉପକୂଳ ନିକଟରେ ଲ୍ୟାଣ୍ଡଫଲ୍ କରିବା ପରେ ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି ବାତ୍ୟା। ଲ୍ୟାଣ୍ଡଫଲ୍ ସମୟରେ ଘଣ୍ଟାପ୍ରତି ସର୍ବାଧିକ ୧୫୦ କିଲୋମିଟର ବେଗରେ ଝଟ୍‌କା ପବନ ବହିଥିବା ସୂଚନା ମିଳିଛି । ତେବେ ବାତ୍ୟାର ପ୍ରଭାବ ଏବେ ମଧ୍ୟ ଜାରି ରହିଥିବାରୁ ଉପକୂଳବର୍ତ୍ତୀ ଅଞ୍ଚଳରେ ଚିନ୍ତା ବଢ଼ିଛି ।

ସ୍ଥଳଭାଗ ଅତିକ୍ରମ କରିବା ପରେ ଅର୍ଣ୍ଣବ ଅତି ଭୀଷଣ ବାତ୍ୟାରୁ ଭୀଷଣ ବାତ୍ୟାରେ ପରିଣତ ହୋଇଛି । ଆଗକୁ ଏହା ଆହୁରି ଦୁର୍ବଳ ହୋଇ ଗଭୀର ଅବପାତର ରୂପ ନେବାର ଆକଳନ କରାଯାଇଛି। ଏହା ସହିତ ପବନର ବେଗ ମଧ୍ୟ କମିବାରେ ଲାଗିଛି। ପୂର୍ବରୁ ଘଣ୍ଟାପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହୁଥିବା ବେଳେ ଏବେ ଝଟ୍‌କା ପବନର ବେଗ ଘଣ୍ଟାପ୍ରତି ୧୩୫ କିଲୋମିଟରକୁ ହ୍ରାସ ପାଇଥିବା କୁହାଯାଇଛି । ଏଥିସହ କେଉଁଠି ଗଛ ଭାଙ୍ଗି ଯାଇଛି ତ ଆଉ କେଉଁଠି ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି। ଉଭୟ ଆନ୍ଧ୍ର ଓ ଓଡ଼ିଶାର ବାତ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ଏବେ ବି କ୍ଷୟକ୍ଷତିର ଆକଳନ ଚାଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ କରିଛନ୍ତି ଏନଡିଆରଏଫର ଜଣେ ବରିଷ୍ଠ ଅଧିକାରୀ। ଅଧିକାରୀଙ୍କ କହିବା କଥା ଯେ ଶକ୍ତିଶାଳୀ ଘୂର୍ଣ୍ଣିବାତ୍ୟା ଯୋଗୁ ଆନ୍ଧ୍ରର ପ୍ରାୟ ୭୧୪ଟି ଗାଁ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଆନ୍ଧ୍ର ବ୍ୟତୀତ ଓଡ଼ିଶାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଛତିଶଗଡ଼, ଝାଡ଼ଖଣ୍ଡ, ପୁଡୁଚେରୀ, ତେଲଙ୍ଗାନା ଓ ଆଣ୍ଡାମାନରେ ମଧ୍ୟ ବାତ୍ୟା ଅର୍ଣ୍ଣବ ତା'ର ଛାପ ଛାଡ଼ିଛି।ଏଥିପାଇଁ ଏନଡିଆରଏଫ ପକ୍ଷରୁ ଏହି ସବୁ ରାଜ୍ୟରେ ପ୍ରାୟ ୪୦ଟି ଟିମକୁ ମୁତୟନ କରାଯାଇଥିବା ଏନଡିଆରଏଫର ଆଇଜି ନରେନ୍ଦ୍ର ସିଂହ ଭୁଣ୍ଡେଲା ସୂଚନା ଦେଇଛନ୍ତି। ଅତିରିକ୍ତ ୪ଟି ଏନଡିଆରଏଫ ଟିମକୁ ମଙ୍ଗଳବାର ରାତିରେ ସ୍ଥିତିର ମୁକାବିଲା ପାଇଁ ଆନ୍ଧ୍ର ପ୍ରଦେଶକୁ ପଠାଯାଇଛି। ଏବେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି।

ବାତ୍ୟା ଅର୍ଣ୍ଣବ ରାତି ପ୍ରାୟ ୧୨.୫୭ରେ ପୁଡୁଚେରୀର ୟାନାମ ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥଳ ଭାଗ ଛୁଇଁଥିଲା। ସ୍ଥଳ ଭାଗକୁ ଆସିବା ପୂର୍ବରୁ ଗୋଟିଏ ଅତି ଭୀଷଣ ବାତ୍ୟାରେ ଥିଲା ଅର୍ଣ୍ଣବ। କିନ୍ତୁ ସ୍ଥଳ ଭାଗ ଛୁଇଁବା ମାତ୍ରେ ଏହା ଭୀଷଣ ବାତ୍ୟାରେ ପରିଣତ ହୋଇଥିଲା।ଏହି ସମୟରେ ପବନର ସର୍ବାଧିକ ବେଗ ଘଣ୍ଟା ପ୍ରତି ୧୪୦ କିମି ରହିଥିଲା। ଲ୍ୟାଣ୍ଡଫଲ ପରେ କିଛି ସମୟ ପାଇଁ ସ୍ଥିର ହୋଇଯାଇଥିଲା ଅର୍ଣ୍ଣବ। ଏବେ ଏହା ଧୀରେଧୀରେ ଦୁର୍ବଳ ହୋଇ ଆଗକୁ ବଢ଼ିବାରେ ଲାଗିଛି। ସନ୍ଧ୍ୟା ସୁଦ୍ଧା ଏହା ଓଡ଼ିଶାର ମାଲକାନାଗିରି ଦେଇ ଛତିଶଗଡ଼ ମୁହାଁ ହେବ। ଏହି ସମୟରେ ଏହା ଗଭୀର ଅବପାତରେ ପରିଣତ ହୋଇ ସାରିଥିବ। ବାତ୍ୟା ଯୋଗୁ ଉତ୍ତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଦୁଇ ରାଜ୍ୟରେ କିଛି ଜିଲ୍ଲାରେ ପବନ ସାଙ୍ଗକୁ ପ୍ରବଳ ବର୍ଷା ଲାଗି ରହିଛି। ଓଡ଼ିଶା ଅପେକ୍ଷା ଆନ୍ଧ୍ରରେ ଅଧିକ କ୍ଷୟକ୍ଷତି ହୋଇଛି।ଏନଡିଆରଏଫ ଟିମ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ବେଳେ ଜାଣିବାକୁ ପାଇଛି ଯେ ଶହଶହ ଗଛ ଭାଙ୍ଗି ଯାଇଛି। ୩୧ଟି ଘର ମାଟିରେ ମିଶି ଯାଇଛି ଓ ବିଭିନ୍ନ ସ୍ଥାନରୁ ୫ଜଣଙ୍କ ମୃତଦେହ ମିଳିଛି। ଓଡ଼ିଶାରେ ସେତେଟା କ୍ଷୟକ୍ଷତି ହୋଇ ନଥିବା ଶ୍ରୀ ସିଂହ ସ୍ପଷ୍ଟ କରିଛନ୍ତି। ତାଙ୍କ କହିବା କଥା ଯେ ଆନ୍ଧ୍ର ପ୍ରଦେଶରେ ୫୭ ହଜାର ଲୋକଙ୍କୁ ମଙ୍ଗଳବାର ରାତିରେ ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ସେହିପରି ୟାନାମରୁ ମଧ୍ୟ ୩୮ ଜଣଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ପଠାଯାଇଛି।

## ପ୍ରବଳ ବର୍ଷା : ବଢୁଛି ନଦୀର ଜଳସ୍ତର

ଭୁବନେଶ୍ୱର, ୨୭।୧୦(ମହାଭାରତ): ୟନମ ଉପକୂଳ ନିକଟରେ ଲ୍ୟାଣ୍ଡଫଲ୍ କରିବା ପରେ ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି ବାତ୍ୟା ଅର୍ଣ୍ଣବ। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ଫଳରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧ ପାଇବାରେ ଲାଗିଛି। ଆଜି ବାତ୍ୟା ଅବପାତରେ ପରିଣତ ହେବା ପରେ ସଂଧ୍ୟାରେ ଓଡ଼ିଶା ଦେଇ ଛତିଶଗଡ଼ ଯାଇଥିଲା। ଛତିଶଗଡ଼ ପ୍ରବେଶ ପୂର୍ବରୁ ଗତକାଲି ରାତିରୁ ରାଜ୍ୟରେ ପ୍ରବଳ ବର୍ଷା ହୋଇଛି।



ଗଞ୍ଜାମ ସୋରଡ଼ା ଓ ପୁରୁଷୋତ୍ତମପୁର ନିକଟରେ ଋଷିକୁଲ୍ୟା ନଦୀର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଗଜପତି ମହେନ୍ଦ୍ରଗଡ଼ଠାରେ ବଡ଼ଝୋର ଏବଂ ମୋହନାଠାରେ ହରଭଙ୍ଗୀ ନଦୀର ଜଳସ୍ତର ଉପରମୁଖୀ ରହିଛି। କୋରାପୁଟ ସିରିମୋଡ଼ା ନିକଟରେ କୋଲାବ ନଦୀର ଜଳପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଏହାସହ ବାଲିମେଳା, ଜଳାପୁଟ, ଅପର ଇନ୍ଦ୍ରାବତୀ, କୋଲାବ ଏବଂ ରେଙ୍ଗାଲି ଭଳି ବୃହତ୍ ଜଳଭଣ୍ଡାରଗୁଡ଼ିକୁ ପ୍ରଚୁର ପରିମାଣରେ ବର୍ଷାଜଳ ପ୍ରବେଶ କରୁଛି। ଉପରମୁଣ୍ଡରେ କୃତ୍ରିମ ବନ୍ୟା ଏବଂ ତଳମୁଣ୍ଡରେ ଜଳପ୍ଲାବନ ଏଡ଼ାଇବା ପାଇଁ ଜଳସେଚନ ନିୟମାନୁସାରେ ଡ୍ୟାମ୍ ପରିଚାଳନା କରିବାକୁ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି। ସ୍ଥଳଭାଗ ଅତିକ୍ରମ କରିବା ପରେ ଅର୍ଣ୍ଣବ ଅତି ଭୀଷଣ ବାତ୍ୟାରୁ ଭୀଷଣ ବାତ୍ୟାରେ ପରିଣତ ହୋଇଛି। ଆଗକୁ ଏହା ଆହୁରି ଦୁର୍ବଳ ହୋଇ ଗଭୀର ଅବପାତର ରୂପ ନେବାର ଆକଳନ କରାଯାଇଛି । ଏହା ସହିତ ପବନର ବେଗ ମଧ୍ୟ କମିବାରେ ଲାଗିଛି। ପୂର୍ବରୁ ଘଣ୍ଟାପ୍ରତି ୧୧୦ରୁ ୧୨୦ କିଲୋମିଟର ବେଗରେ ପବନ ବହୁଥିବା ବେଳେ ଏବେ ଝଟ୍‌କା ପବନର ବେଗ ଘଣ୍ଟାପ୍ରତି ୧୩୫ କିଲୋମିଟରକୁ ହ୍ରାସ ପାଇଥିବା କୁହାଯାଇଛି ।ଅର୍ଣ୍ଣବ ଆନ୍ଧ୍ର ଉପକୂଳରେ ଉତ୍ତରକୁ ଗତି କରିବାବେଳେ ଆହୁରି ଦୁର୍ବଳ ହୋଇଥିଲା ସନ୍ଧ୍ୟା ବେଳକୁ ଏହା ଏକ ଗଭୀର ଅବପାତରେ ପରିଣତ ହୋଇଥିଲା।

ସେତେବେଳେ ଏହା ଦକ୍ଷିଣ-ପଶ୍ଚିମ ଓଡ଼ିଶାର ଜିଲ୍ଲା- କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଏବଂ ଛତିଶଗଡ଼ ରାଜ୍ୟର ଦାନ୍ତେୱାଡା ଓ ବସ୍ତର ପାଖରେ କେନ୍ଦ୍ରୀଭୂତ ହୋଇଥିଲା। ଏହା ଆହୁରି ଦୁର୍ବଳ ହୋଇ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ପୂର୍ବାନୁମାନ କରାଯାଇଛି।

ଏହାର ପ୍ରଭାବରେ ଓଡ଼ିଶାରେ ଆଜି ସର୍ବାଧିକ ବର୍ଷା ହୋଇଛି। କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ କିଛି ସ୍ଥାନରେ ଅତି ଭୀଷଣ ବର୍ଷା ଦେଖିବାକୁ ମିଳିଥିଲା। ଗଜପତି ଜିଲ୍ଲାରେ ପ୍ରଭାବ ଅଧିକ ରହିଥିଲା। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଆକଳନ ଅନୁଯାୟୀ, ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, ବଂଶଧାରା, ନାଗାବଳୀ, ସାବେରୀ, ଋଷିକୁଲ୍ୟା, ଦୟା ଏବଂ ଭାର୍ଗବୀ ନଦୀର ଅବାହିକାରେ ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି ।ଏଥିପାଇଁ ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ସମେତ ଏକାଧିକ ଜିଲ୍ଲାର ପ୍ରଶାସନକୁ ସତର୍କ ରହିବାକୁ କୁହାଯାଇଛି ।

## ଯୁକ୍ତ ୩ ନାମଲେଖା ଫି ଫେରସ୍ତ

ଭୁବନେଶ୍ୱର, ୨୮।୧୦(ମହାଭାରତ): ଯୁକ୍ତ ତିନି (+୩) ପ୍ରଥମ ପର୍ଯ୍ୟାୟ ନାମଲେଖା ସମୟରେ ଦାଖଲ କରାଯାଇଥିବା ନାମଲେଖା ଫି' ଛାତ୍ରଛାତ୍ରୀମାନଙ୍କ ବ୍ୟାଙ୍କ ଆକାଉଂଟକୁ ଫେରସ୍ତ କରାଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ ନିଜ ବ୍ୟାଙ୍କ ଆକାଉଂଟ ଯାଂଚ କରନ୍ତୁ: କମନ୍ ଆପ୍ଲିକେସନ୍ ଫର୍ମରେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଙ୍କ ଆକାଉଂଟରେ ଟଙ୍କା ଜମା ହୋଇଛି କି ନାହିଁ ଦୟାକରି ଯାଂଚ କରନ୍ତୁ। ଯଦି ଟଙ୍କା ଫେରସ୍ତ ପାଇନାହାନ୍ତି: ତ୍ରୁଟିପୂର୍ଣ୍ଣ ବ୍ୟାଙ୍କ ଖାତା ବିବରଣୀ କିମ୍ବା ଟ୍ରାଞ୍ଜାକସନ ଫେଲ୍ ଯୋଗୁଁ ଯଦି ଆପଣଙ୍କ ଖାତାରେ ଫେରସ୍ତ ଟଙ୍କା ଜମା ହୋଇନଥାଏ, ତେବେ ସଠିକ୍ ବିବରଣୀ ପ୍ରଦାନ କରିବା ଏବଂ ଫେରସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ସାମସ୍ ଷ୍ଟୁଡେଂଟ ଲଗ୍ ଇନ୍ ରେ ଶୀଘ୍ର ଏକ ସ୍ୱତନ୍ତ୍ର ଲିଙ୍କ୍ ଉପଲବ୍ଧ ହେବ। ଅଧିକ ସୂଚନା ଏବଂ ଅପଡେଟ୍ ପାଇଁ ଦୟାକରି ସାମସ୍ ଓଡ଼ିଶାର ଅଫିସିଆଲ୍ ପୋର୍ଟାଲ୍ ପରିଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ନଭେମ୍ବର ୧୮ରୁ ବିଧାନସଭାର ଶୀତ ଅଧିବେଶନ

ଭୁବନେଶ୍ୱର, ୨୮।୧୦(ମହାଭାରତ): ବିଧାନସଭାର ଶୀତକାଳୀନ ଅଧିବେଶନ ଆସନ୍ତା ନଭେମ୍ବର ୧୮ ତାରିଖରୁ ଆରମ୍ଭ ହେବ। ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ୩୧ଟି କାର୍ଯ୍ୟଦିବସ ରହିଛି। ଅଧିବେଶନର ପ୍ରଥମଦିନରେ ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

ବିଧାନସଭା ସଚିବାଳୟ ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁସାରେ, ସପ୍ତଦଶ ଓଡ଼ିଶା ବିଧାନସଭାର ଅଷ୍ଟମ ଅଧିବେଶନ ଆସନ୍ତା ନଭେମ୍ବର ୧୮ ତାରିଖ ବୁଧବାରଠାରୁ ୪୪ ଦିନ ଅର୍ଥାତ୍ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ମଧ୍ୟରେ ମୋଟ ୩୧ଟି କାର୍ଯ୍ୟଦିବସ ରହିଛି। ବିଜ୍ଞପ୍ତି ଅନୁସାରେ, ଅଧିବେଶନର ପ୍ରଥମ ଦିନ ଅର୍ଥାତ୍ ନଭେମ୍ବର ୧୮ତାରିଖରେ ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ଖର୍ଚ୍ଚ ବିବରଣୀ(ବଜେଟ) ଉପସ୍ଥାପନ କରାଯିବ। ଏହାପରେ ନଭେମ୍ବର ୨୫,୨୬ ଓ ୨୭ ତାରିଖ ତିନି ଦିନ ଧରି ଅତିରିକ୍ତ ଖର୍ଚ୍ଚ ବିବରଣୀ ଦାବି ଉପରେ ଆଲୋଚନା ହେବ। ନଭେମ୍ବର ୩୦ତାରିଖ ସୋମବାର ଦିନ ଏହି ଅତିରିକ୍ତ ଖର୍ଚ୍ଚ ଦାବି ଉପରେ ବ୍ୟୟ ମଞ୍ଜୁରୀ ଆଗତ କରାଯାଇ ପାରିତ ହେବାକୁ ସ୍ଥିରୀକୃତ ହୋଇଛି।ଅଧିବେଶନରେ ମୋଟ୍ ୩୧ଟି କାର୍ଯ୍ୟଦିବସ ମଧ୍ୟରୁ ୨୫ଟି ସରକାରୀ କାର୍ଯ୍ୟ ଦିବସ ଓ ବଜେଟ୍ ସମ୍ବନ୍ଧୀୟ ଆଲୋଚନା ପାଇଁ ରଖାଯାଇଥିବାବେଳେ ୬ଟି ବେସରକାରୀ ସଭ୍ୟଙ୍କ କାର୍ଯ୍ୟ ଦିବସ (ବିଲ୍ ଓ ସଂକଳ୍ପ) ନିମନ୍ତେ ଧାର୍ଯ୍ୟ କରାଯାଇଛି। ନଭେମ୍ବର ୨୦, ଡିସେମ୍ବର ୪, ୧୧, ୧୮, ୨୯ ଓ ୩୧ ତାରିଖକୁ ବେସରକାରୀ କାର୍ଯ୍ୟଦିବସ ଭାବେ ଧାର୍ଯ୍ୟ ହୋଇଛି। ଏହି ଶୀତ ଅଧିବେଶନ କାଳରେ ନଭେମ୍ବର ୨୪ ମଙ୍ଗଳବାର ରାସପୂର୍ଣ୍ଣିମା ଓ ଡିସେମ୍ବର ୨୫ ବଡ଼ଦିନ (ଖ୍ରୀଷ୍ଟମାସ) ଉପଲକ୍ଷେ ସରକାରୀ ଛୁଟି ହୋଇଥିବାରୁ ଗୃହ କାର୍ଯ୍ୟ ବନ୍ଦ ରହିବ। ଏତଦବ୍ୟତୀତ ନଭେମ୍ବର ୨୨ ଓ ୨୯, ଡିସେମ୍ବର ୬, ୧୩, ୨୦ ଓ ୨୭ ରବିବାର ସମେତ ଡିସେମ୍ବର ୧୨ ଶନିବାରରେ ଗୃହ କାର୍ଯ୍ୟ ବନ୍ଦ ରହିବ।

## ବାତ୍ୟା ସ୍ଥିତି ଓ କ୍ଷୟକ୍ଷତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୧୦: ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲରେ ଆମେ ସଫଳ ହୋଇଛୁ । ବର୍ତ୍ତମାନ ସୁଦ୍ଧା କୌଣସି ଜୀବନ ହାନୀର ସୂଚନା ନାହିଁ । ଆଜି ସନ୍ଧ୍ୟାରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କଣ୍ଟ୍ରୋଲ ରୁମ୍‌ରେ ବାତ୍ୟା 'ଅର୍ଣ୍ଣବ' ପରିଚାଳନାର ସମୀକ୍ଷା କରିବା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବାତ୍ୟା ପୂର୍ବରୁ ଓ ବାତ୍ୟା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ତାଙ୍କ ସହ ଅନେକ ଥର ଫୋନରେ କଥା ହୋଇ ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ସରକାର ମଧ୍ୟ ଆନ୍ଧ୍ର ସରକାରଙ୍କ ସହିତ ଯୋଗାଯୋଗରେ ଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଏସଆରସିଙ୍କ କଣ୍ଟ୍ରୋଲ୍ ରୁମ୍‌ରେ ବାତ୍ୟା ଅର୍ଣ୍ଣବ'ର ସ୍ଥିତି ଓ ଓଡ଼ିଶା ଉପରେ ଏହାର ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଏସଆରସି ରାଜେଶ ପ୍ରଭାକର ପାଟିଲ ମୁଖ୍ୟମନ୍ତ୍ରୀଙ୍କୁ ଏ ସମ୍ପର୍କରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ବାତ୍ୟା ପରିଚାଳନା ଓ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ବିଭିନ୍ନ ଜିଲ୍ଲାରେ ତଦାରଖ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନଙ୍କ ସହିତ ସେଠାକାର ପରିସ୍ଥିତି ଓ ପରିଚାଳନା ବିଷୟରେ ପଚାରି ବୁଝିଥିଲେ। କୋରାପୁଟ ତଦାରଖ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ଗଜପତିରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମାଲକାନଗିରିରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ ବର୍ଷା ସ୍ଥିତି, କ୍ଷୟକ୍ଷତି, ନଦୀ ଜଳସ୍ତର, ଆଶ୍ରୟସ୍ଥଳୀର ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ ।

ସମୀକ୍ଷା ପରେ ଗଣମାଧ୍ୟମ ଆଗରେ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ୧୭ଟି ବ୍ଲକ୍‌ରେ ୧୦୫ ମିଲିମିଟରରୁ ଅଧିକ ବର୍ଷା ହୋଇଛି । କୋରାପୁଟର ପଟାଙ୍ଗୀରେ ସର୍ବାଧିକ ୧୮୮ ମିଲିମିଟର ଓ ଗଜପତିର ମୋହନାରେ ୧୮୨.୪ ମିଲିମିଟର ବର୍ଷା ହୋଇଛି । ତେବେ ଜିଲ୍ଲା ମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ବର୍ଷା ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିପର୍ଯ୍ୟୟ ପରିଚାଳନାରେ ଆମର



ଯଥେଷ୍ଟ ଦକ୍ଷତା ରହିଛି ଏବଂ ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିଲା । ତେଣୁ ପରିସ୍ଥିତିର ମୁକାବିଲାରେ ଆମେ ସଫଳ ହୋଇଥିଲୁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ବାତ୍ୟାର ମୁକାବିଲା ପାଇଁ ୨ ଜଣ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ୬ ଜଣ ମନ୍ତ୍ରୀ ଏବଂ ୭ ଜଣ ଆଇଏଏସ ଅଧିକାରୀଙ୍କୁ ବିଭିନ୍ନ ଜିଲ୍ଲାର ତଦାରଖ ଦାୟିତ୍ୱ ଦିଆଯାଇଥିଲା ।

ବାତ୍ୟା ମୁକାବିଲା ପାଇଁ ସମୁଦାୟ ୩୧୩ଟି ରେସ୍‌ପନ୍ସ ଟିମ୍ ନିୟୋଜିତ ରହିଛି ଏଥିରେ ୬୦ଟି ଓଡ୍ରାଫ୍, ୯ଟି ଏନ୍.ଡି.ଆର୍.ଏଫ୍ ଏବଂ ୨୪୪ଟି ଅଗ୍ନିଶମ ସେବା ଟିମ୍ ନିୟୋଜିତ ଅଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରଭାବିତ ୮ଟି ଜିଲ୍ଲାର ୬୩୪ଟି ଆଶ୍ରୟ ସ୍ଥଳୀରେ ୪୩, ୮୨୭ ଲୋକଙ୍କୁ ସୁରକ୍ଷିତ ରଖାଯାଇଛି। ଏହି ଜିଲ୍ଲା ଗୁଡିକ ହେଲା- ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଞ୍ଜାମ, ଗଜପତି ଓ ନୂଆପଡା। ରିଲିଫ କ୍ୟାମ୍ପ ଗୁଡ଼ିକରେ ଲୋକମାନଙ୍କୁ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି । ପାନୀୟ ଜଳ, ଔଷଧ ଓ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମଧ୍ୟ ମହଜୁଦ ରଖାଯାଇଛି। ଏହି ସମୟରେ ୨,୨୪୫ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଛି ଏବଂ ୯୩୧ ଜଣ ଶିଶୁ ସୁରକ୍ଷିତ ଭାବେ ଜନ୍ମ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ସମୁଦ୍ର ତଟରୁ ମତ୍ସ୍ୟଜୀବୀ ମାନେ ୧୯, ୧୪୩ଟି ବୋଟ୍‌ରେ ସମୁଦ୍ରକୁ ଯାଇଥିଲେ, ସେମାନେ ସମସ୍ତେ କୂଳକୁ ଆସିଛନ୍ତି । ସେମାନଙ୍କୁ ଫେରାଇ ଆଣିବାରେ ଆମେ ଶତ-ପ୍ରତିଶତ ସଫଳ ହୋଇଛୁ ବୋଲି ସେ କହିଥିଲେ । ବର୍ତ୍ତମାନ ମଧ୍ୟ ଆମେ ପରିସ୍ଥିତି ଉପରେ ନଜର ରଖିଛୁ । ବର୍ଷା ଯୋଗୁ ବିଭିନ୍ନ ଜିଲ୍ଲାରେ ତଳିଆ ଅଞ୍ଚଳରେ ପାଣିଘେର ସମସ୍ୟା ଦେଖା ଯିବାର ସମ୍ଭାବନା ରହିଛି । ସେଥିପାଇଁ ବ୍ୟାପକ ପମ୍ପ ବନ୍ଦୋବସ୍ତ କରି ଜଳ ନିଷ୍କାସନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ଏହି ସମୀକ୍ଷାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ଏସଆରସିଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବଢ଼ିଲା

ନୂଆଦିଲ୍ଲୀ, ୨୮।୧୦(ମହାଭାରତ); କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର। ଦୀପାବଳି ପୂର୍ବରୁ ନିଜର କର୍ମଚାରୀଙ୍କୁ ବଡ଼ ଭେଟି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ପୁଣି ୩% ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ମହଙ୍ଗା ଭତ୍ତା ବା ଡିଏ ୩% ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ଉପରେ ଆଜି କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଏହାପୂର୍ବରୁ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବଢ଼ିଥିଲା। ଦେଶରେ ଦେଖାଯାଇଥିବା ମହାଙ୍ଗା ମାଡ଼ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବର୍ଷକ ମଧ୍ୟରେ ୨ଥର ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କ ମୂଳ ଦରମାରେ ଅଧିକ ୨% ଟଙ୍କା ମହଙ୍ଗା ଭତ୍ତା ଆକାରରେ ପାଇବେ। ପୂର୍ବରୁ ସେମାନଙ୍କୁ ୫୮% ଡିଏ ମିଳୁଥିଲା। ଏହା ଏପ୍ରିଲରେ ୬୦% ଓ ଏବେ ୬୩% ହୋଇଯାଇଛି। ଏହି ବର୍ଦ୍ଧିତ ଦର ଜୁଲାଇ ୧ରୁ ପିଛିଲା ଭାବେ ଲାଗୁ ହେବ। ସରକାରଙ୍କୁ ଏଥିପାଇଁ ବାର୍ଷିକ ଅଧିକ ୧୦,୦୧୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।ବର୍ଦ୍ଧିତ ମହଙ୍ଗା ଭତ୍ତା କେବଳ ବେତନଭୋଗୀ ନୁହନ୍ତି, ବରଂ ପେନସନଧାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ।

## ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୨୮।୧୦(ମହାଭାରତ): ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଗତକାଲି ବିଳମ୍ବିତ ରାତିରେ ଆନ୍ଧ୍ରପ୍ରଦେଶର ବାପଟଲା ଓ ବିଶାଖାପାଟଣା ମଧ୍ୟବର୍ତ୍ତୀ ୟାନାମ ପାଖରେ ଲ୍ୟାଣ୍ଡଫଲ୍ କରିଛି। ସ୍ଥଳଭାଗ ଅତିକ୍ରମ କରିବା ପରେ ଦ୍ରୁତଗତିରେ ଦୁର୍ବଳ ହେଉଥିବା 'ଅର୍ଣ୍ଣବ' ଭୀଷଣ ବାତ୍ୟାରେ ପରିଣତ ହୋଇଛି। ଏହା କ୍ରମଶଃ ବାତ୍ୟା, ଗଭୀର ଅବପାତ ଓ ଅବପାତରେ ପରିଣତ ହେବ। ଏହା ଗଭୀର ଅବପାତ ଅବା ଅବପାତର ରୂପ ନେଇ ଆଜି ମାଲକାନଗିରି ଦେଇ ଛତିଶଗଡ଼ ଯିବାର ସମ୍ଭାବନା ରହିଛି। ଆଉ ଏହା ମଧ୍ୟରେ ସୂଚନା ଆସିଛି ଯେ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଗତକାଲି ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଓଡ଼ିଶାରେ ଲଘୁଚାପର ପ୍ରଭାବ ପଡ଼ିବା ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଆଣ୍ଡାମାନ ସାଗରରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। କିନ୍ତୁ ତାହା ଅବପାତ ହେବ କିମ୍ବା ବାତ୍ୟା ହେବ, ତା'ର ପୂର୍ବାନୁମାନ କରାଯାଇନାହିଁ। ତା'ର ପୂର୍ବାନୁମାନ କଲା ପରେ ତାହା କେଉଁ ଉପକୂଳକୁ ଯିବ ଓ କେତେ ତୀବ୍ରତାରେ ପହଞ୍ଚିବ, ତା'ର ବିବରଣୀ ପ୍ରଦାନ କରାଯିବ।କିଛି ବିଦେଶୀ ସଂସ୍ଥା ଆକଳନ କରିଛନ୍ତି ଯେ ୩୦ ତାରିଖ ବେଳକୁ ଏହି ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ସମ୍ଭବତଃ ଏହା ଓଡ଼ିଶା ଉପକୂଳ ମୁହାଁ ହେବ। ଏହା ନଭେମ୍ବର ୧ ତାରିଖ ବେଳକୁ ଗଞ୍ଜାମରୁ ବାଲେଶ୍ୱର ମଧ୍ୟରେ ଉପକୂଳ ଛୁଇଁପାରେ। ୟୁରୋପିଆନ ମଡେଲ ଇସିଏମ୍‌ଡବ୍ଲ୍ୟୁଏଫ ଆକଳନ କରିଛି ଯେ ଏହି ସିଷ୍ଟମ ଲଘୁଚାପରେ ହିଁ ସୀମିତ ରହିବ। ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଉପକୂଳ ଅତିକ୍ରମ କରିସାରିବା ପରେ ବହୁତ ଧୀରେ ଧୀରେ ଗତି କରୁଛି। ଏହା ଏବେ ଆନ୍ଧ୍ର ପ୍ରଦେଶ ଉପକୂଳରେ କେନ୍ଦ୍ରୀଭୂତ ହୋଇଛି।

## ଇସିଆଇ ମନଇଚ୍ଛା ଫର୍ମକୁ ବ୍ୟବହାର କରିପାରିବେନି : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୧୦(ମହାଭାରତ): ଭାରତୀୟ ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି ସୁପ୍ରିମକୋର୍ଟ। ନିର୍ବାଚନ କମିଶନ ଭୋଟର ପଞ୍ଜିକରଣ ପାଇଁ ଉପଲବ୍ଧ ଥିବା ଫର୍ମ ୬,୭,୮ କୁ ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ବେଳେ ନିର୍ବାଚନ କମିଶନ ନିଜର ମୁଣ୍ଡ ଖଟାଉଛନ୍ତି ନିର୍ବାଚନ କମିଶନ ଦିଲ୍ଲୀ ଭୋଟର ତାଲିକାର ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରିବା ବେଳେ ମୁଣ୍ଡ ଖଟାଇଥିଲେ କି ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ଅଦାଲତ। ୨୦୨୬ ଭୋଟର ତାଲିକାରେ ନାଁ ଥିବା ଲୋକମାନେ ଠିକଣା ପରିବର୍ତ୍ତନ କରିବା ପରେ କାହିଁକି ସେମାନଙ୍କୁ ନୂଆ ଭୋଟର ପାଇଁ ଉପଲବ୍ଧ ଫର୍ମ ୬ ପୂରଣ କରିବାକୁ କୁହାଯାଉଛି ବୋଲି ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ।ଯେଉଁ ମତଦାତାମାନେ ସେମାନଙ୍କ ଗଣନା ଫର୍ମ ଦାଖଲ କରିନାହାନ୍ତି କିମ୍ବା ପୂର୍ବ ଠିକଣା ବଦଳାଇ ଦେଇଛନ୍ତି, ସେଭଳି ଲୋକଙ୍କୁ ଠିକଣା ପରିବର୍ତ୍ତନ ପାଇଁ ଉପଲବ୍ଧ ଫର୍ମ ୮ କୁ ପୂରଣ କରିବାକୁ ଅନୁମତି ଦେବାକୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦିଆଯାଇଛି। ଏକଥା ଶୁଣିବା ପରେ ଆପତ୍ତି ଦାଖଲ କରିବା ପାଇଁ କମିଶନ ଅକ୍ଟୋବର ୩୦ର ଧାର୍ଯ୍ୟ ସମୟକୁ ବୃଦ୍ଧି କରିବେ ବୋଲି କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ ନିର୍ବାଚନ କମିଶନ






ଧାର୍ଯ୍ୟ କରିଥିବା ଅକ୍ଟୋବର ୩୦ ସମୟସୀମା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।ଖଣ୍ଡପୀଠଙ୍କ କହିବା କଥା ଯେ ଦେଶର ରାଜଧାନୀରେ ଏବେ କୌଣସି ନିର୍ବାଚନ ନାହିଁ। ତେଣୁ ନାମ ପଞ୍ଜିକରଣ ପାଇଁ କଟ ଅଫ ତାରିଖ ଧାର୍ଯ୍ୟ କରିବାର କାରଣ କ'ଣ ଯେଉଁ ଭୋଟରମାନେ ବିଭିନ୍ନ କାରଣରୁ ନିଜର ପଞ୍ଜିକରଣ ଫର୍ମ ଦାଖଲ କରିପାରି ନାହାନ୍ତି, ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଗୋଟିଏ ସରଳ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି ଖଣ୍ଡପୀଠ। ଅସ୍ଥାୟୀ ଭାବେ ପଞ୍ଜିକୃତ ଠିକଣା ପରିବର୍ତ୍ତନ କରିଥିବା ଭୋଟରଙ୍କ ସହ ହୋଇଥିବା ବ୍ୟବହାରକୁ ନେଇ ଶୁଣାଣି ବେଳେ ଚିନ୍ତା ପ୍ରକଟ କରିଛନ୍ତି ଖଣ୍ଡପୀଠ। ଯଦି କେହି ଅସ୍ଥାୟୀ ଭାବେ ନିଜର ପଞ୍ଜିକୃତ ଠିକଣାରେ ନାହାନ୍ତି ଓ ଏହି ସମୟରେ ସେହି ଠିକଣାରେ ବୁଥସ୍ତରୀୟ ଅଧିକାରୀମାନେ ଗଣନା ଫର୍ମ ଧରି ପହଞ୍ଚୁଛନ୍ତି, ତା'ହେଲେ ସେମାନଙ୍କ ସହ ଏବେ କରାଯାଉଥିବା ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ଯଦି କେହି ଠିକଣା ସମୟରେ ଫର୍ମ ଦାଖଲ କରୁଛନ୍ତି, ତେବେ ସେଭଳି ଲୋକଙ୍କ ଠାରୁ ଭୋଟଦାନର ଅଧିକାର କ'ଣ ଛଡ଼ାଇ ନିଆଯିବ ଭୋଟଦାନର ଅଧିକାର ଗୋଟିଏ ପ୍ରମୁଖ କାମ। ଠିକଣା ସମୟରେ ଫର୍ମ ଦାଖଲ ନ କଲେ, କ'ଣ ଜଣେ ଭୋଟରଙ୍କ ନାଁ ତାଲିକାରୁ କାଟି ଦିଆଯିବ ବୋଲି ପ୍ରଶ୍ନ କରିଛନ୍ତି ଜଷ୍ଟିସ ଜୟମାଲ୍ୟ ବାଗଚୀ। ନିର୍ବାଚନ କମିଶନଙ୍କୁ ଖଣ୍ଡପୀଠ ଆହୁରି ପ୍ରଶ୍ନ କରିଛନ୍ତି ଯେ ୨୦୨୬ ଭୋଟର ତାଲିକାରେ ଯେଉଁମାନଙ୍କ ନାଁ ଥିଲା, ସେମାନଙ୍କୁ ଠିକଣା ପରିବର୍ତ୍ତନ ପରେ କାହିଁକି ନୂଆ ଭୋଟରଙ୍କ ପାଇଁ ଉପଲବ୍ଧ ଫର୍ମ ୬ ଦାଖଲ କରିବାକୁ କୁହାଯାଉଛି ।

## ପ୍ରସ୍ତୁତ କରନ୍ତୁ ଚଟପଟା 'ସୁଜି ଆପେ'




ସନ୍ଧ୍ୟା ସମୟରେ କିଛି ଚଟପଟା ଟିଫିନ କରିବାକୁ ଇଚ୍ଛା ହେଉଛି କି ତେବେ ଘରେ ପ୍ରସ୍ତୁତ କରନ୍ତୁ ସୁଜି ଆପେ । ଏହା ସ୍ୱାଦିଷ୍ଟ ଡିସ୍ ଛୋଟ ପିଲାଠୁ ବୟସ୍କ ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପସନ୍ଦ ଆସିଥାଏ । ତେବେ ଆସନ୍ତୁ କିପରି ପ୍ରସ୍ତୁତ କରିବେ ସୁଜି ଆପେ ଆଜି ଆମେ ଆପଣଙ୍କୁ ସେ ବିଷୟରେ ଟିପ୍ସ ଦେବୁ ।

**ଆବଶ୍ୟକୀୟ ସାମଗ୍ରୀ:** ସୁଜି, ଦହି, ସୋରିଷ:- ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୃସୁଙ୍ଗ ପତ୍ର, କଟା ଟମାଟୋ, ସ୍ୱାଦ ଅନୁସାରେ ଲୁଣ, ଖାଇବା ସୋଡା ଓ ତେଲ ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଏକ କଡେଇରେ ତେଲ ଗରମ କରି ସେଥିରେ ସୋରିଷ-ଜୀରା ବଟା, କଟା ପିଆଜ, କଞ୍ଚାଲଙ୍କା ବଟା, ଭୃସୁଙ୍ଗ ପତ୍ର ଓ କଟା ଟମାଟୋ ପକାଇ ଭାଜି ରଖନ୍ତୁ । ଏବେ ଆଉ ଏକ ପାତ୍ରରେ ଦହି ଓ ପାଣି ମିଶାଇ ସେଥିରେ ସୁଜି ପକାଇ ଭଲଭାବେ ଗୋଳାନ୍ତୁ । ଏହାପରେ ଦହି ଓ ସୁଜି ମିଶ୍ରଣରେ ଭଜା ମସଲା, ଲୁଣ ଓ ଖାଇବା ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ । ଏବେ ଏକ ଛାଞ୍ଚରେ ତେଲ ମାରି ମସଲାଗୋଳା ସୁଜିକଚ ରଖି ଘୋଡଣୀ ଘୋଡାଇ ଦିଅନ୍ତୁ । ୫ ମିନିଟ୍ ପରେ ଘୋଡଣୀ ବାହାର କରି ତାକୁ ଲେଉଟାଇ ଦେଇ ପୁଣି ଘୋଡଣୀ ଘୋଡାଇ ଦିଅନ୍ତୁ । ଦୁଇ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ସୁଜି ଆପେ' ।

### ଖବର

# ଶ୍ରଦ୍ଧା କପୁରଙ୍କ ଫିଲ୍ମ 'ଇଠା'ର ଟ୍ରେଲର ଅକ୍ଟୋବର ୩୦ରେ



ଶ୍ରଦ୍ଧାକପୁର ଖୁବ୍‌ଶୀଘ୍ର ଏକ ନୂଆ ଓ ଅନନ୍ୟ ଚରିତ୍ର ସହ ବଡ଼ ପରଦାକୁ ଫେରୁଛନ୍ତି । ତାଙ୍କର ନୂଆ ବାୟୋଗ୍ରାଫିକାଲ୍ ଡ୍ରାମା ଫିଲ୍ମ 'ଇଠା'ର ଟ୍ରେଲର ରିଲିଜ୍ ?କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଛି । ମହାରାଷ୍ଟ୍ରର ଲୋକକଳା ଓ ଜଣେ ସଂଘର୍ଷମୟ ଜୀବନର କାହାଣୀ ଉପରେ ଆଧାରିତ ଏହି ଫିଲ୍ମରେ କ'ଣ ରହିଛି ବିଶେଷ, ଆସନ୍ତୁ ଜାଣିବା ଏହି ରିପୋର୍ଟରେ ।ଶ୍ରଦ୍ଧା କପୁରଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖୁସି ଖବର ସାମ୍ନାକୁ ଆସିଛି । ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ଇଠା'ର ଟ୍ରେଲର ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି । ଶ୍ରଦ୍ଧା ନିଜେ ଇନ୍‌ଷ୍ଟାଗ୍ରାମରେ ଏହା ଘୋଷଣା କରିଛନ୍ତି । ତାଙ୍କ ସୂଚନା ଅନୁଯାୟୀ, ଫିଲ୍ମର ଟ୍ରେଲର ଚଳିତ ସପ୍ତାହ ଶୁକ୍ରବାର, ଅର୍ଥାତ୍ ? ଅକ୍ଟୋବର ୩୦ରେ ରିଲିଜ୍ ହେବ । ଏହି ଘୋଷଣା ସହ ନିର୍ମାତା ଏକ ଛୋଟ ଟିଜର୍ର ମଧ୍ୟ ଜାରି କରିଛନ୍ତି । ଏଥିରେ 'ବିଖରେଗା ଜଲୱା ଇସ୍ ଶୁକ୍ରବାର' ଲେଖାଥିବା ଦେଖିବାକୁ ମିଳିଛି । ଏହି ପ୍ରଥମ ଝଲକ ଫିଲ୍ମକୁ ନେଇ ପ୍ରଶଂସକଙ୍କ ଉତ୍ସାହକୁ ଆହୁରି ବଢ଼ାଇ ଦେଇଛି ।ଶ୍ରଦ୍ଧାଙ୍କୁ ଏହି ନୂଆ ଅବତାର ଓ ଭିନ୍ନ ଅନ୍ଦାଜରେ ବଡ଼ ପରଦାରେ ଦେଖିବାକୁ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି । ଇନ୍‌ଷ୍ଟାଗ୍ରାମରେ ଜାରି ହୋଇଥିବା ଏହି ଛୋଟ ଝଲକରେ ଏକ ବିଶାଳ ଖୋଲା ପଡ଼ିଆ ଦେଖାଯାଉଛି । ସେଠାରେ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିବା ବେଳେ ସେମାନଙ୍କ ହାତରେ ଜଳୁଥିବା ମହମବତୀ ଦେଖିବାକୁ ମିଳୁଛି । ଭିଡ଼ ମଝିରେ ଏକ ଖାଲି ସ୍ଥାନରେ କେବଳ ଜଣେ ବ୍ୟକ୍ତି ଠିଆ ହୋଇଥିବା ନଜର ଆସୁଛି । ଏହାପରେ ପରଦାରେ ସୁନେଲି ଅକ୍ଷରରେ 'ବିଖରେଗା ଜଲୱା ଇସ୍ ? ଶୁକ୍ରବାର' ଲେଖା ପ୍ରଦର୍ଶିତ ହେଉଛି ।ନିର୍ମାତା ସ୍ପଷ୍ଟ କରିଛନ୍ତି ଯେ ଏହି ଫିଲ୍ମ ଆସନ୍ତା ଡିସେମ୍ବର ୪ ତାରିଖରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ । ଏହି ଖବର ପ୍ରଶଂସକଙ୍କ ଖୁସିକୁ ଦ୍ୱିଗୁଣିତ କରିଛି ।

## ଅବଲମ୍ବନ କରନ୍ତୁ ପାଞ୍ଚଟି ଉପକାରୀ ନିୟମ



ଯୋଗରେ ପାଞ୍ଚଟି ଯମ, ପାଞ୍ଚଟି ନିୟମ ବିଷୟରେ କୁହାଯାଇଛି । ଯମ ନିୟମ ଏବଂ ପଞ୍ଚ ମହାବ୍ରତ ଅଥବା ଶୀଳ ଜୀବନରେ ସଂସ୍କାର ଭରି ଦେଇଥାଏ । ଫଳରେ ଜୀବନ ସୁଗଠିତ ହୁଏ । କିନ୍ତୁ ଏସବୁ ଶୁଦ୍ଧପୂର୍ଣ୍ଣ ଭାବେ ପାଳନ କଠିନ ହୋଇଥାଏ । ପାରମ୍ପରିକ ଯୋଗସାଧନାରେ ପ୍ରଚଳିତ ପାଞ୍ଚଟି ନିୟମକୁ ଆଧୁନିକ ଜୀବନରେ ନିମ୍ନୋକ୍ତ ୫ଟି ଭାଗରେ ଅବଲମ୍ବନ କରାଯାଇପାରେ । ଶ୍ରମଶୀଳତା : ଆରାମଦାୟକ ଜୀବନକୁ ଛାଡ଼ି ଶ୍ରମ କରିବା ଉଚିତ୍ । ତତ୍ପରତା ଏବଂ ତନ୍ମୟତାର ସହ ପରିଶ୍ରମ କରି ଜୀବନ ଅତିବାହିତ କରାଯିବା ଆବଶ୍ୟକ । ମିତବ୍ୟୟିତା : ଧନ, ଐଶ୍ୱର୍ଯ୍ୟର ପ୍ରଦର୍ଶନରେ ସମ୍ମାନ ମିଳିନଥାଏ, ଈର୍ଷା ଉତ୍ପନ୍ନ ହୋଇଥାଏ । ଏଣୁ କମ୍ ଖର୍ଚ୍ଚରେ ସାଧାରଣ ଜୀବନ ନିର୍ବାହ କରିବା ସହ ଉଚ୍ଚ ବିଚାରର ନୀତି ଆପଣାଇବା ଆବଶ୍ୟକ । ବଳକା ଧନ ଦୁଃସ୍ଥଙ୍କ ସହାୟତାରେ ବିନିଯୋଗ କରିବା ଉଚିତ୍ । ଶିଷ୍ଟତା : କଥାରେ ଅଛି, ଶାଳୀନତା ବିନା ମୂଲ୍ୟରେ ମିଳିଥାଏ, କିନ୍ତୁ ସେଥିରେ ସବୁକିଛି କିଣି ହୁଏ । ସୁବ୍ୟବସ୍ଥା : ସମୟ, ଶ୍ରମ, ମନୋବୃତ୍ତି, ଜୀବନକ୍ରମ, ଶରୀର, ସାମର୍ଥ୍ୟର ସୁବିନିଯୋଗ କରିବା ଜରୁରୀ । ଏଗୁଡ଼ିକର ସମୁଚିତ ଲାଭ ଜୀବନକୁ ଅଧିକ ବ୍ୟବସ୍ଥିତ କରିଥାଏ । ସହକାରିତା : ମିଳିମିଶି କାମ କରିବା ।

# ବିନମ୍ରତାର ପ୍ରତୀକ ପ୍ରାର୍ଥନା



ପ୍ରାର୍ଥନା ମନୁଷ୍ୟକୁ ଇଶ୍ୱରଙ୍କ ନିକଟତର କରାଏ । ଏହା ଆମକୁ ଆନ୍ତରିକ ବଳ ପ୍ରଦାନ କରିବାର କାର୍ଯ୍ୟ କରିଥାଏ । ହୃଦୟରେ ପୂର୍ଣ୍ଣ ବିଶ୍ୱାସ ସହିତ ପ୍ରାର୍ଥନା କରାଗଲେ ପରମେଶ୍ୱର ନିଶ୍ଚିତଭାବେ ଭକ୍ତର ଡାକ ଶୁଣିଥାନ୍ତି । ହେଲେ ପୂର୍ଣ୍ଣ ବିଶ୍ୱାସ ଏବଂ ନିଷ୍ଠା ନଥିଲେ ପ୍ରାର୍ଥନା ନିଷ୍ଫଳ ହୋଇଥାଏ । ଆମ ଜୀବନରେ ବାରମ୍ବାର ଏପରି ଘଟଣା ଘଟିଥାଏ । ପ୍ରାର୍ଥନାରେ ଭାଷାର କୌଣସି ମହତ୍ତ୍ୱ ନାହିଁ । ଭାବ ଜରୁରୀ ହୋଇଥାଏ । ପ୍ରାର୍ଥନା ସହିତ ଉତ୍ତମ କର୍ମ କରିବା ଜରୁରୀ । ତା'ହେଲେ ଯାଇ ମନୁଷ୍ୟ ଇଶ୍ୱରଙ୍କ କୃପା ପ୍ରାପ୍ତ ହୋଇଥାଏ । ପ୍ରାର୍ଥନାରେ ମନ-ମସ୍ତିଷ୍କରେ ଏକାଗ୍ରତା ସହିତ ସମର୍ପଣ ବିଶେଷ ଜରୁରୀ । କେବଳ ସେହିମାନଙ୍କ ଦ୍ୱାରା ହିଁ ସଫଳ ପ୍ରାର୍ଥନା ସମ୍ଭବ, ଯାହାଙ୍କ ହୃଦୟ ନିର୍ମଳ ଥିବ । କାରଣ ନିର୍ମଳ ମନରେ ହିଁ ପରମାତ୍ମାଙ୍କ ନିବାସ ରହିଥାଏ । ପ୍ରାର୍ଥନା ବିନମ୍ରତାର ପ୍ରତୀକ । ବେଦରେ ଅନେକ ପ୍ରକାରର ପ୍ରାର୍ଥନା ବିଷୟରେ କୁହାଯାଇଛି । ଯେତେବେଳେ ବି ଇଶ୍ୱରଙ୍କ ଚରଣରେ ଶରଣ ନେଉଛନ୍ତି, ତାଙ୍କୁ ଅଭୟ ମାଗନ୍ତୁ । କେବଳ ଶବ୍ଦରେ ନୁହେଁ, ମନରୁ ଖରାପ ଭାବନା ଦୂର କରି ପ୍ରାର୍ଥନା କରନ୍ତୁ । ପ୍ରାର୍ଥନା ଅନ୍ୟ କିଛି ନୁହେଁ, ପ୍ରେମପୂର୍ବକ ଉପାସନାର ସର୍ବୋତ୍ତମ ବିଧି । ଭଗବାନ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କ ପ୍ରାର୍ଥନା ଶୁଣି ବସ୍ତ୍ରହରଣ ସମୟରେ ତାଙ୍କର ଲଜ୍ଜା ନିବାରଣ କରିଥିଲେ । ଇଶ୍ୱର ଭକ୍ତର ଡାକ ଶୁଣି ଚାଲିଆସନ୍ତି । ଯିଏ ପ୍ରକୃତ ଭକ୍ତ, ସିଏ ସବୁବେଳେ ଇଶ୍ୱରଙ୍କ ଚରଣରେ ନିଜକୁ ସମର୍ପି ଦେଇଥାଏ । ସବୁବେଳେ ଇଶ୍ୱରଙ୍କ ଶରଣରେ ରହିବାକୁ ସେ ଅନୁରୋଧ କରିଥାଏ । ନିସ୍ୱାର୍ଥ ପ୍ରାର୍ଥନା ଇଶ୍ୱର ସବୁବେଳେ ଶୁଣିଥାନ୍ତି । ବ୍ରହ୍ମଙ୍କ ପ୍ରତି ଭାବ ରହିଲେ ସବୁକିଛି ମିଳିଥାଏ । ପ୍ରାର୍ଥନା କରିବା ସମୟରେ ମନକୁ ଖରାପ ବିଚାର ଆସିବା ଅନୁଚିତ । ଉତ୍ତମ ବିଚାର ଦ୍ୱାରା ପ୍ରାର୍ଥନା କରାଗଲେ ଉଚିତ ଫଳ ମିଳିଥାଏ । ଏହି ନଶ୍ୱର ସଂସାରରେ ଧର୍ମ ମାର୍ଗରେ ଯାଇ ଯେଉଁ ମନୁଷ୍ୟ ସର୍ବଦା ଇଶ୍ୱରଙ୍କ ଭଜିଥାଏ ସେ ପ୍ରକୃତ ସୁଖ ଅନୁଭବ କରିଥାଏ । ପ୍ରାର୍ଥନା ହେଉଛି ଅନ୍ତର୍ମନର ଡାକ । ପରମେଶ୍ୱରଙ୍କୁ ମନରେ ବସାଇ ଶ୍ରଦ୍ଧାଳୁ ପ୍ରାର୍ଥନା କରିଥାଏ । ପ୍ରାର୍ଥନା ଦ୍ୱାରା ଜୀବନ ପବିତ୍ର ହୋଇଥାଏ । ଇଶ୍ୱରଙ୍କ କୃପାରୁ ପାପ, ଦୁଷ୍ଟପ୍ରବୃତ୍ତି ନଷ୍ଟ ହୋଇଥାଏ ।

# କର୍ମ ଓ ପ୍ରେରଣା



ଅନେକ ଦିନ ତଳର କଥା । ଜଣେ ସାଧୁ ଥିଲେ । ନାମ ରାମାନନ୍ଦ । ସେ ଥିଲେ ଜଣେ ଉତ୍ତମ ଭକ୍ତ । ସ୍ୱାମୀ ରାମାନନ୍ଦଙ୍କର ଅନେକ ଶିଷ୍ୟ ଓ ଭକ୍ତ ଥିଲେ । ସେମାନେ ମଧ୍ୟ ତାଙ୍କୁ ସୁନା,ରୁପା ଭେଟି ଦେଉଥିଲେ । ସ୍ୱାମିଜୀ ସ୍ଥିର କଲେ ଯଥେଷ୍ଟ ଅର୍ଥ ଜମା ହେବାପରେ ସେ ଗରିବ ଲୋକଙ୍କ ସକାଶେ ଗୋଟାଏ ଦାତବ୍ୟ ଚିକିତ୍ସାଳୟ ଖୋଲିବେ । ଥରେ ନିଜର ଜଣେ ଶିଷ୍ୟ ଆଦିତ୍ୟକୁ ଧରି ବଣୁଆ ରାସ୍ତାଦେଇ ଯାଉଥାନ୍ତି । ବାଟରେ ସ୍ୱାମୀଜୀଙ୍କୁ ଆଦିତ୍ୟ ପଚାରିଲା "ଗୁରୁଦେବ ! କୁରୁ-ପାଣ୍ଡବ ଯୁଦ୍ଧରେ ଲଢ଼ିଲେ ଅର୍ଜୁନ । ଶ୍ରୀକୃଷ୍ଣ କେବଳ ତାଙ୍କୁ ଉପଦେଶ ଦେଉଥିଲେ । ତେବେ ଯୁଦ୍ଧରେ ପାଣ୍ଡବଙ୍କ ବିଜୟଲାଭ ପାଇଁ ସମସ୍ତେ ଶ୍ରୀକୃଷ୍ଣଙ୍କୁ କାହିଁକି ଅଭିନନ୍ଦନ ଜଣାନ୍ତି । ଠିକ୍ ସମୟରେ ଉତ୍ତର ଦେବି କହି ଆଗକୁ ଅଗ୍ରସର ହେଲେ । ଖଣ୍ଡିଏ ଟାଣୁଆ ଲାଠି ସଂଗ୍ରହ ପାଇଁ ସ୍ୱାମୀଜୀ ଆଦିତ୍ୟକୁ କହିଲେ । ଆଦିତ୍ୟ ଏକ ଲାଠି ସଂଗ୍ରହ କଲା ଏବଂ ଗୁରୁଶିଷ୍ୟ ଆଗକୁ ଯାଉ ଯାଉ ରାସ୍ତାରେ ଡ଼ାକୁମାନେ ବନ୍ଧୁକ ଧରି କହିଲେ ପାଖରେ ଯାହା ଟଙ୍କା ସୁନାଅଛି ଦେଇଦିଅ । ନ ହେଲେ ଗୁଳିରେ ମୁଣ୍ଡ ଉଡ଼ାଇ ଦେବି ।

ସ୍ୱାମିଜୀ କହିଲେ ବାବୁ ଏହା ଗରିବ ଲୋକଙ୍କ ଉପକାର ପାଇଁ ସଂଚିଥିଲି । ତୁମେ ଏମିତି ଛଡ଼ାଇ ନେବା କ'ଣ ଭଲ ହେବ ?" ଡ଼ାକୁମାନେ କିଛି ନ ଶୁଣି ଟଙ୍କା ଥଳିଟି ଛଡ଼ାଇ ନେଲେ । ସ୍ୱାମିଜୀ କହିଲେ ଟଙ୍କା ପଇସା ତନେଲ ମୋତେ କାହିଁକି ବଞ୍ଚାଇ ରଖିଛ । ମୋତେ ମାରିଦେଇ ଦୁଃଖରୁ ମୁକ୍ତି ଦିଅ । ଡ଼ାକୁମାନେ କହିଲେ ଏହା କ'ଣ ସତ ବନ୍ଧୁକ ହୋଇଛି ଯେ, ମୁଁ ତୁମକୁ ମାରିବି ? ସ୍ୱାମିଜୀ କହିଲେ ମୋ ସନ୍ଦେହ ଠିକ୍ । ଆଦିତ୍ୟ ! ଆଉ ବିଳମ୍ବ ନକରି ଶକ୍ତି ଦେଖାଅ । ସଙ୍ଗେ ସଙ୍ଗେ ଆଦିତ୍ୟ ତା'ଲାଠି ଡ଼ାକୁ ପିଠିରେ ବସାଇଦେଲା । ଡ଼ାକୁ ତଳେ ପଡ଼ିଗଲା ।

ସ୍ୱାମିଜୀ କହିଲେ, "ବାବୁ ମୋ ଅନୁରୋଧ ରକ୍ଷା କରିଥିଲେ ତୁମର ଏ ଦୁର୍ଦ୍ଦଶା ହୋଇ ନଥାନ୍ତା । ଡ଼ାକୁ ବନ୍ଧା ହୋଇ ଜୁଲୁଜୁଲୁ କରି ସେମାନଙ୍କ ଗତି ପଥକୁ ଅନାଇ ରହିଲା । କିଛିବାଟ ଯିବା ପରେ ଆଦିତ୍ୟ କହିଲା, "ଗୁରୁଦେବ ! ଧନ୍ୟ ଆପଣଙ୍କ ଦୂରଦୃଷ୍ଟି ଓ ବୁଦ୍ଧି । ଆପଣଙ୍କ କଥା ଶୁଣି ଲାଠି ସଂଗ୍ରହ କରି ନ ଥିଲେ ଆଜି ସବୁ ଯାଇଥିଲା । ପୁଣି ଆପଣ ଡ଼ାକୁକୁ ବି ବୋକା ବନେଇଦେଲେ ! "କିନ୍ତୁ ଲାଠି ଚଳାଇଲୁ ତ ତୁ !" ସ୍ୱାମିଜୀ କହିଲେ । "କିନ୍ତୁ ଆପଣ ନ ଥିଲେ ମୁଁ କ'ଣ ତାହା କରିଥାନ୍ତି ?" ଆଦିତ୍ୟ କହିଲା । "ଏଥର ଶ୍ରୀକୃଷ୍ଣଙ୍କ ତାତ୍ପର୍ଯ୍ୟ ବୁଝିଲୁ ତ ? ସ୍ୱାମିଜୀ ବୁଝାଇଦେଲେ ଆଦିତ୍ୟ ତୃପ୍ତ ହେଲା ।

# ବିନୟୀ ହେବାର ସୁଫଳ

ଜଣେ ସାଧୁ ଥିଲେ । ତାଙ୍କର ଶେଷ ସମୟ ଉପନୀତ ହେବାରୁ ସେ ନିଜ ଶିଷ୍ୟମାନଙ୍କୁ ପାଖକୁ ଡାକିଲେ । ଶିଷ୍ୟମାନଙ୍କ ଉଦ୍ଦେଶ୍ୟରେ ସାଧୁ କହିଲେ, ମୁଁ ତୁମମାନଙ୍କୁ ଆଜି ଏକ ଗୁଢ଼ ରହସ୍ୟ କହିବି । ଏଥର



ସାଧୁଜଣକ ନିଜ ପାଟି ଆଁ କଲେ ଏବଂ ଶିଷ୍ୟମାନଙ୍କୁ କହିଲେ, ମୋ ପାଟିରେ କେତୋଟି ଦାନ୍ତ ଅଛି, ତୁମେ ମାନେ ଗଣି କରି କୁହ । କିଛି ସମୟ ଗଣିବା ପରେ ସମସ୍ତ ଶିଷ୍ୟ ଏକ ସ୍ୱରରେ କହିଲେ, ଗୁରୁଦେବ ଆପଣଙ୍କର ତ' ଗୋଟିଏ ବୋଲି ଦାନ୍ତ ନାହିଁ । ଗୁରୁ କହିଲେ, ଏଥର ଦେଖ । ମୋ ଜିଭ ଅଛି ନା ନାହିଁ । ଶିଷ୍ୟମାନେ କହିଲେ, ହଁ ଅଛି । ଗୁରୁ ପୁଣି ଥରେ ପଚାରିଲେ, ଏହା କିପରି ହେଲା ? ଜିଭ ତ' ଜନ୍ମରୁ ଥିଲା, ଦାନ୍ତ ପରେ ଉଠିଲା । ତା'ହେଲେ ଦାନ୍ତ କିପରି ଆଗେ ଝଡ଼ିଗଲା, ମାତ୍ର ଜିଭ ରହିଗଲା ? ଗୁରୁଙ୍କ ପ୍ରଶ୍ନର କୌଣସି ଉତ୍ତର ଶିଷ୍ୟମାନଙ୍କ ପାଖରେ ନଥିଲା । ଶିଷ୍ୟଙ୍କ ଉତ୍କଣ୍ଠା ଶାନ୍ତ କରିବା ଲାଗି ଗୁରୁଦେବ ସେମାନଙ୍କୁ କହିଲେ, ଏହି ଜିଭରେ ମାଧୁର୍ଯ୍ୟ ଥିଲା, ମୃଦୁତା ବି ଥିଲା । ତା'ସହିତ ଏହା କୋମଳ ଥିଲା । ସେଇଥିପାଇଁ ଆଜି ବି ଏହି ଜିଭ ମୋ ପାଖରେ ତିଷ୍ଠି ରହିଛି । ଅନ୍ୟପକ୍ଷରେ ଦାନ୍ତଗୁଡ଼ିକରେ ଆରମ୍ଭରୁ କଠୋରତା ଭରି ରହିଥିଲା । ସେଥିପାଇଁ ପଛରେ ଆସି ମଧ୍ୟ ସେଗୁଡ଼ିକ ଜିଭ ଭଳି ଦୀର୍ଘଜୀବୀ ହୋଇପାରିଲେ ନାହିଁ । ଏଣୁ ତୁମେମାନେ ଯଦି ଦୀର୍ଘଜୀବୀ ହେବାକୁ ଚାହୁଁଛ, ତା'ହେଲେ କଠୋରତା ଛାଡ଼ ଏବଂ ବିନମ୍ରତା ଶିଖ । ଗୁରୁଙ୍କ ବାଣୀ ଶିଷ୍ୟମାନଙ୍କ ହୃଦୟ ଛୁଇଁଗଲା । ଏହି କଥାର ଅର୍ଥ ହେଉଛି, ସମାଜରେ ରହିବାକୁ ହେଲେ ମନୁଷ୍ୟକୁ ବିନମ୍ର ହେବାକୁ ପଡ଼ିବ, ତା'ହେଲେ ଯାଇ ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ

ନଗରନକ୍ସା ମହାନଗରର ନିଜ ଭାଷା



# ସମସ୍ତ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୮।୧୦ (ମହାଭାରତ): ସମ୍ଭାବ୍ୟ ବାତ୍ୟାର ମୁକାବିଲା ଏବଂ ଧନଜୀବନ କ୍ଷୟକ୍ଷତି ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କୃଷି, ଶକ୍ତି, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ପଂଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ଏବଂ ଜଳସମ୍ପଦ ବିଭାଗ ସମେତ ଅଗ୍ନିଶମ ସେବା ଓ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ (ଓଡ୍ରାଫ୍)କୁ ସଜାଗ ରଖାଯାଇଛି। ଜରୁରିକାଳୀନ ପରିସ୍ଥିତିରେ ତ୍ୱରିତ ଉଦ୍ଧାର, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ସୁନିଶ୍ଚିତ କରିବା ସହ ଆବଶ୍ୟକ ମାନବସମ୍ବଳ ଓ ଯନ୍ତ୍ରପାତି ପ୍ରସ୍ତୁତ ରଖିବାକୁ ଗୁରୁତ୍ୱ ଦିଆଯାଇଛି।

ବାତ୍ୟା ଓ ବର୍ଷା ଯୋଗୁଁ ଫସଲର କ୍ଷୟକ୍ଷତି ହ୍ରାସ କରିବାକୁ କୃଷକମାନଙ୍କ ପାଇଁ ଆବଶ୍ୟକ ପରାମର୍ଶ ଜାରି କରାଯାଇଛି। ୮୦ରୁ ୮୫ ପ୍ରତିଶତ ପାଚିଥିବା ଧାନକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବା ସହ ଅମଳ ହୋଇଥିବା ଫସଲକୁ ପଲିଥିନ୍ ରେ ଘୋଡ଼ାଇ ରଖିବାକୁ କୁହାଯାଇଛି।

ଅତିରିକ୍ତ ବର୍ଷାଜଳ ନିଷ୍କାସନ ପାଇଁ ଜମିରେ ଥିବା ନାଳଗୁଡ଼ିକୁ ସଫା ରଖିବା ଏବଂ ସାର ଓ କୀଟନାଶକ ପ୍ରୟୋଗକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ପାଚିଥିବା ମକା, ମାଣ୍ଡିଆ, ମୁଗ, ବିରି, ଅନ୍ୟାନ୍ୟ ଡାଲିଜାତୀୟ ଫସଲ ଓ ଅମଳ ଉପଯୋଗୀ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିବାକୁ କୁହାଯାଇଛି। ବର୍ଷା ପରେ ଜମିରୁ ଜଳ ନିଷ୍କାସନ, ପନିପରିବା ମାଂଚାକୁ ସୁଦୃଢ଼ କରିବା ଏବଂ ଫସଲରେ କୀଟ ଓ ରୋଗ ଚିହ୍ନଟ କରି ଉପଯୁକ୍ତ ଉପଚାର ଉପରେ ଗୁରୁତ୍ୱ ଦିଆଯାଇଛି।

ବାତ୍ୟା ମୁକାବିଲା ପାଇଁ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକୁ ବିପର୍ଯ୍ୟୟ ପରିଚାଳନା ଯୋଜନା ସକ୍ରିୟ କରିବା ସହ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଲାଇନ୍ ନିକଟରେ ଥିବା ଗଛଡାଳ କାଟିବା ସହ ବିଦ୍ୟୁତ୍ ଖୁଣ୍ଟି, ଟ୍ରାନ୍ସଫର୍ମର, ତାର ଓ ଅନ୍ୟାନ୍ୟ ଆବଶ୍ୟକ ଯନ୍ତ୍ରପାତି ମହଜୁଦ ରଖାଯାଇଛି।

ଗ୍ରୀଡକୋ,ଓପିଟିସିଏଲ,ଏସଏଲଡିସି ଓ ବିଦ୍ୟୁତ୍ ବିତରଣ ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ପାଇଁ ଗ୍ରୀଡକୋକୁ କେନ୍ଦ୍ର କରି ୨୪ ଘଂଟିଆ କଂଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯାଇଛି। ବିଦ୍ୟୁତ୍ ଯୋଗାଣ ବ୍ୟାହତ ହେବାର ଆଶଙ୍କା ହ୍ରାସ, ତ୍ୱରିତ ପୁନରୁଦ୍ଧାର ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଆବଶ୍ୟକ ବ୍ୟବସ୍ଥା ସହ ଯୋଗାଯୋଗ ଓ ପରିବହନ ସାମଗ୍ରୀ ମହଜୁଦ ରଖାଯାଇଛି।

ସମୁଦ୍ରରେ ଥିବା ସମସ୍ତ ମତ୍ସ୍ୟଜୀବୀଙ୍କୁ ଅକ୍ଟୋବର ୨୪ ସୁଦ୍ଧା କୂଳକୁ ଫେରିଆସିବା ଏବଂ ଗଭୀର ସମୁଦ୍ରକୁ ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଣୀ ଚିକିତ୍ସାଳୟ, ଡିସ୍ପେନ୍ସାରୀ ଓ ପ୍ରାଣୀ ସହାୟତା କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ ମହଜୁଦ ରଖିବା ସହ ଗୋରୁଗାଈଙ୍କ ସୁରକ୍ଷା ଓ ଗୋଖାଦ୍ୟ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି।

ଜିଲ୍ଲା ଓ ବ୍ଲକସ୍ତରରେ ପର୍ଯ୍ୟାୟକ୍ରମେ କଂଟ୍ରୋଲ ରୁମ୍ ପରିଚାଳନା ସହ ଜରୁରିକାଳୀନ ପ୍ରାଣୀ ଚିକିତ୍ସା ଔଷଧ ଓ ଟିକା ଉପଲବ୍ଧ ରଖାଯିବ। ଏଥିସହ ବ୍ଲକସ୍ତରରେ ଭେଟେରିନାରି ରାପିଡ୍ ରେସ୍ପନ୍ସ ଟିମ୍ ଗଠନ କରାଯିବାକୁ ବ୍ୟବସ୍ଥା ହୋଇଛି।

ବିଭାଗ ପକ୍ଷରୁ ନିର୍ଦ୍ଧାରିତ ଏସଓପି ଅନୁଯାୟୀ ପ୍ରସ୍ତୁତି ନିଆଯାଇଛି। ୨୪ ଘଂଟିଆ କଂଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରାଯିବା ସହ ବାତ୍ୟା ଓ ବନ୍ୟା ପରିସ୍ଥିତି ଉପରେ ନଜର ରଖାଯାଇଛି। ଅନୁମତି ବିନା ଅଧିକାରୀମାନେ ମୁଖ୍ୟାଳୟ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ରହିଛି।

# କୃଷି ଓ କୃଷକଙ୍କ ପ୍ରଗତି ହିଁ ରାଷ୍ଟ୍ର ସମୃଦ୍ଧିର ମୂଳଦୁଆ



ଭୁବନେଶ୍ୱର,୨୮।୧୦ (ମହାଭାରତ): କୃଷି ଏବଂ କୃଷକଙ୍କ ପ୍ରଗତି ହିଁ ଆମ ରାଷ୍ଟ୍ରର ସମୃଦ୍ଧିର ମୂଳଦୁଆ ଅଟେ । ଜଳସେଚନ କାର୍ଯ୍ୟର ବିସ୍ତାର, କୃଷି କ୍ଷେତ୍ରର ଆଧୁନିକୀକରଣ ଏବଂ ଚାଷୀ ଭାଇଭଉଣୀମାନଙ୍କ ଆର୍ଥିକ ଉନ୍ନତି ପାଇଁ ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ସରକାର ସଂପୂର୍ଣ୍ଣ ନିଷ୍ଠା ଓ ଦାୟିତ୍ୱବୋଧ ସହିତ କାର୍ଯ୍ୟ କରୁଛି ବୋଲି ଛତିଶଗଡ଼ର ମହାସମୁନ୍ଦ ଜିଲ୍ଲା ସ୍ଥିତ ଗଡ଼ଫୁଲଝର ଠାରେ ଆୟୋଜିତ ପବିତ୍ର 'ରାମଚଣ୍ଡୀ ଦିବସ ସମାରୋହ'ରେ ଯୋଗଦେଇ କହିଛନ୍ତି ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କୁଲତା ସମାଜର ପ୍ରଶଂସା କରି ସେ କହିଛନ୍ତି ଯେ ଏହି ସମାଜ ନିଜର କୃଷି ପରମ୍ପରା, ଧାର୍ମିକ ଆସ୍ଥା ଏବଂ ରାଷ୍ଟ୍ର ପ୍ରତି ସମର୍ପଣ ପାଇଁ ସ୍ୱତନ୍ତ୍ର ପରିଚୟ ବହନ କରିଥାଏ । ଦେଶର ଅନ୍ନ ଉତ୍ପାଦନରେ ଏହି ସମାଜର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସମାଜର ପ୍ରତ୍ୟେକ ବର୍ଗକୁ ସଶକ୍ତ କରିବା ସହ ନାଗରିକମାନଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମେ ସଂକଳ୍ପବଦ୍ଧ । ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ସମଲେଶ୍ୱରୀ ଏବଂ ମା' ରଣେଶ୍ୱର ରାମଚଣ୍ଡୀଙ୍କ ଅପାର କୃପାରୁ ଓଡ଼ିଶା ଏବଂ ଛତିଶଗଡ଼ ଉଭୟ ରାଜ୍ୟରେ ଶିକ୍ଷାର ବିକାଶ, ସ୍ୱାସ୍ଥ୍ୟ ସେବାର ସୁଦୃଢ଼ୀକରଣ ଏବଂ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି । ଏହି ମହାନ ବିକାଶ ଯାତ୍ରାରେ ସମାଜର ସବୁ ସ୍ତରରୁ ସକ୍ରିୟ ସହଯୋଗ ଓ ଭାଗିରଥୀ ପ୍ରୟାସ ଜରୁରୀ ବୋଲି ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମା' ରଣେଶ୍ୱର ରାମଚଣ୍ଡୀଙ୍କ ଆରାଧନା ଓ ଆସ୍ଥା ଆମର ସମୃଦ୍ଧ ଧାର୍ମିକ ପରମ୍ପରା ଏବଂ ସାଂସ୍କୃତିକ ପରିଚୟ ବୋଲି ମତବ୍ୟକ୍ତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଗଡ଼ଫୁଲଝର ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ଏବଂ ଏହି ମାଟିରେ ଗୁରୁ ନାନକ ଦେବ ଜୀଙ୍କ ଆଗମନ ସହ ଜଡ଼ିତ ସ୍ମୃତି ଏହି ଅଂଚଳର ଆଧାତ୍ମିକ ମହତ୍ୱକୁ ଆହୁରି ବଢ଼ାଇଛି । ଏହି କାର୍ଯ୍ୟକ୍ରମରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଏ, ବରିଷ୍ଠ ମନ୍ତ୍ରୀ ଏବଂ କୁଲତା ସମାଜ ସମେତ ବିଭିନ୍ନ ଗଣମାଧ୍ୟମର ବ୍ୟକ୍ତିବିଶେଷ ଓ ଗଣମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

# ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ

ଭୁବନେଶ୍ୱର,୨୮।୧୦ (ମହାଭାରତ): ତ୍ରିଧାରାଦ୍ୱାରା ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗସହଯୋଗରେ ଆୟୋଜିତ ୨୦ତମ ଗୁରୁ ଦେବପ୍ରସାଦ ସମ୍ମାନ ଉତ୍ସବ ୨୦୨୬ ଗୁରୁବାର ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଆନୁଷ୍ଠାନିକ ଭାବରେ ଉଦ୍ଘାଟିତ ହୋଇଯାଇଛି । ଏହି ଉତ୍ସବ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ପ୍ରଥମ ଉପସ୍ଥାପନା ଥିଲା ଭୁବନେଶ୍ୱରର ତ୍ରିଧାରାର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ "ରାଧା ପ୍ରେମ ଲୀଳା" । ଏହି ନୃତ୍ୟକୁ ଅଧିକ ସୁନ୍ଦର, ଆକର୍ଷଣୀୟ ଏବଂ ଅର୍ଥପୂର୍ଣ୍ଣ କରିବା ପାଇଁ, ଏଥିରେ ଶରୀରର ପ୍ରତ୍ୟେକ ଗତିଭଙ୍ଗୀ ଓ ଅଙ୍ଗଭଙ୍ଗୀକୁ ମୌଳିକ ଭାବନାତ୍ମକ ପଦକ୍ଷେପ, ତାଳବଦ୍ଧ ଢାଞ୍ଚା ଏବଂ ପାଦଚାଳନା ସହିତ ସୁସଂଯୋଜିତ କରାଯାଇଛି। ଏହି ନୃତ୍ୟାବଳୀର କଳାତ୍ମକ ନିର୍ଦ୍ଦେଶନା ଓ ନୃତ୍ୟ ସଂଯୋଜନା ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା କରିଥିବା ବେଳେ, ଏଥିରେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ ଶ୍ରୀମତୀ ସଙ୍ଗୀତା ପଣ୍ଡା ଏବଂ ତାଳ ସଂଯୋଜନା କରିଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସ। ଏହା ପରେ ବିଶିଷ୍ଟ ମୃଦଙ୍ଗମ୍ ବାଦକ ପଦ୍ମଶ୍ରୀ ୟେଲ୍ଲା ଭେଙ୍କଟେଶ ରାଓଙ୍କ ଦ୍ୱାରା ଏକକ ମୃଦଙ୍ଗମ୍ ବାଦନ ପରିବେଷିତ ହୋଇଥିଲା । ତାଙ୍କ ଉପସ୍ଥାପନାରେ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତର ତାଳ ସମୃଦ୍ଧି ଏବଂ ପାରମ୍ପରିକ ଐତିହ୍ୟ ପ୍ରଦର୍ଶିତ ହୋଇଥିଲା । ତାଙ୍କ ବାଦ୍ୟର ଜଟିଳ ତାଳ ଢାଞ୍ଚା, ବୈଷୟିକ ଚମତ୍କାରତା ଏବଂ ଆତ୍ମାପୂର୍ଣ୍ଣ ଉପସ୍ଥାପନା ସହିତ ଦର୍ଶକମାନଙ୍କୁ ବିମୋହିତ କରିଥିଲା, ଯାହା କାର୍ଯ୍ୟକ୍ରମରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଦିଗ ଯୋଡିଥିଲା।

ଅତିଥିମାନେ ଥିଲେ ଯାଜପୁରର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା; ଓଡ଼ିଶା ସରକାରଙ୍କ ରାଜସ୍ୱ ପରିଷଦର ପୂର୍ବତନ ସଦସ୍ୟ ଅଶୋକ କୁମାର ତ୍ରିପାଠୀ;ମୁଖ୍ୟ ଆୟକର କମିଶନର ପ୍ରଫୁଲ୍ଲ କୁମାର ଦାସ; ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀଯୁକ୍ତ ସୁରଥ ବିଶ୍ୱାଳ; ହିନ୍ଦୁସ୍ତାନ ଆର୍ଟ ଆଣ୍ଡ ମ୍ୟୁଜିକ୍ ସୋସାଇଟିର ପ୍ରତିଷ୍ଠାତା ପଣ୍ଡିତ ପ୍ରସନ୍ନଜିତ ପୋଦ୍ଦାର;ପ୍ରସାର ଭାରତୀର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀସୁରେଶ ଚନ୍ଦ୍ର ପଣ୍ଡା; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶିକା ଶ୍ରୀମତୀ ସୁଚିସ୍ମିତା ମନ୍ତ୍ରୀ;ତ୍ରିଧାରାର କାର୍ଯ୍ୟରତ ସମ୍ପାଦକ ସିମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା। ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ ପରମ୍ପରାର ପ୍ରତିନିଧିତ୍ୱ କରୁଥିବା ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ପରିବେଷିତ କାର୍ଯ୍ୟକ୍ରମ ମାଧ୍ୟମରେ, ଏହି ଉତ୍ସବ କଳା ଓ ସଂସ୍କୃତି ଅନୁରାଗୀମାନଙ୍କୁ ଏକ ସମୃଦ୍ଧ ଅନୁଭୂତି ପ୍ରଦାନ କରିଥିଲା।

# ୧୯ ହଜାର ବ୍ୟକ୍ତିଙ୍କ ଠାରୁ ଜୋରିମନା ଆଦାୟ କରିଛି ରେଳବାଇ

ଭୁବନେଶ୍ୱର,୨୮।୧୦ (ମହାଭାରତ): ପୂର୍ବତଟ ରେଳପଥ ଯାତ୍ରୀ ସୁରକ୍ଷା, ଜନସାଧାରଣଙ୍କ ସୁବିଧା, ପରିଚ୍ଛନ୍ନତା ଏବଂ ରେଳବାଇ ପରିସରରେ ଦାୟିତ୍ୱପୂର୍ଣ୍ଣ ଆଚରଣକୁ ସୁନିଶ୍ଚିତ କରିବା ଦିଗରେ ଜନ ବିଶ୍ୱାସ ଅଧିନିୟମ, ୨୦୨୬ ଅନୁଯାୟୀ ରେଳ ନିୟମର ଅନୁପାଳନକୁ ଅଧିକ ସୁଦୃଢ଼ କରିଛି। ୧୯ ଜୁନ୍ ଠାରୁ ୨୦ ଅକ୍ଟୋବର ପର୍ଯ୍ୟନ୍ତ ବିଭିନ୍ନ ନିୟମ ଉଲ୍ଲଂଘନ ଅଭିଯୋଗରେ ପୂର୍ବ ତଟ ରେଳପଥ ପକ୍ଷରୁ ୧୯,୩୮୮ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଠାରୁ ରେଳବାଇ ଅଧିନିୟମ, ୧୯୮୯ର ପ୍ରଯୁଜ୍ୟ ବ୍ୟବସ୍ଥା ଅନୁଯାୟୀ ମୋଟ ୧,୦୦,୬୮,୧୨୫ ଟଙ୍କା (ଏକ କୋଟିରୁ ଅଧିକ ଟଙ୍କା) ଜୋରିମନା ଆଦାୟ କରାଯାଇଛି। ଏହି ଅଭିଯାନରେ ବେଆଇନ ଭାବେ ହକର କରିବା ଓ ସାମଗ୍ରୀ ବିକ୍ରୟ କରିବା, ରେଳବାଇ ପରିସରରେ ଅନଧିକୃତ ପ୍ରବେଶ ଓ ଅନଧିକୃତ ଭାବେ ରହିବା, ରେଳ କର୍ମଚାରୀଙ୍କ ଆଇନସମ୍ମତ ନିର୍ଦ୍ଦେଶ ଅବମାନନା କରିବା, ଅନ୍ୟ ବ୍ୟକ୍ତିଙ୍କ ନାମରେ ବୁକ୍ ହୋଇଥିବା ଟିକେଟ୍ ରେ ଅନଧିକୃତ ଭାବେ ଯାତ୍ରା କରିବା ଏବଂ ମହିଳାଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ଅନଧିକୃତ ଭାବେ ପ୍ରବେଶ କରିବା ଭଳି ବିଭିନ୍ନ ନିୟମ ଉଲ୍ଲଂଘନ ବିରୋଧରେ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ମଧ୍ୟରେ ସର୍ବାଧିକ ୧୪,୯୯୨ ଜଣଙ୍କୁ ଯାତ୍ରୀ ଅଂଚଳରେ ଅନଧିକୃତ ପ୍ରବେଶ, ରେଳବାଇ ପରିସରର ଅପବ୍ୟବହାର ଏବଂ ପରିସର ଛାଡ଼ିବାକୁ ମନା କରିବା ଅଭିଯୋଗ ମାମଲାଗୁଡ଼ିକରେ ୭୫,୦୫,୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି, ରେଳବାଇ ପରିସରରେ ବେଆଇନ ଭାବେ ହକର କରିବା, ସାମଗ୍ରୀ ବିକ୍ରୟ



କରିବା କିମ୍ବା ଗ୍ରାହକ ଆକୃଷ୍ଟ କରିବା ଅଭିଯୋଗରେ ୧୬୯ ଙ୍କଠାରୁ ୩,୨୭,୫୦୦ ଟଙ୍କା ଜୋରିମନା ଆଦାୟ ହୋଇଛି। ଏହି ପଦକ୍ଷେପ ରେଳବାଇ ପରିସରରେ ଯାତ୍ରୀ ସୁବିଧା ବଜାୟ ରଖିବା ସହ ଅନଧିକୃତ ବାଣିଜ୍ୟିକ କାର୍ଯ୍ୟକଳାପକୁ ବନ୍ଦ କରିବାରେ ସହାୟକ ହେଉଛି। ରେଳବାଇ ପରିସରରେ ଯାନବାହନ ଚାଳକ ଓ ପରିଚାଳକମାନେ ଯୁକ୍ତିସଙ୍ଗତ ନିର୍ଦ୍ଦେଶ ଅବମାନନା କରିବା ଅଭିଯୋଗରେ ୪,୧୧୭ ଜଣଙ୍କ ବିରୋଧରେ ପଦକ୍ଷେପ ନିଆଯାଇଛି। ଏହି ବାବଦରେ ୨୦,୫୮,୨୦୦ ଟଙ୍କା ଜରିମାନା ଆଦାୟ ହୋଇଛି ।ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ମଧ୍ୟରେ ଯାତ୍ରୀଙ୍କ ବ୍ୟବହାର ପାଇଁ କୌଣସି ବର୍ଥ କିମ୍ବା ସିଟ୍ ସଂରକ୍ଷିତ ନଥିବା କମ୍ପାର୍ଟମେଣ୍ଟରେ ଅନଧିକୃତ ପ୍ରବେଶ ସମ୍ପର୍କିତ ୫୯ଟି ମାମଲାରେ ୮୧,୦୦୦ ଟଙ୍କା ଜୋରିମନା ଆଦାୟ କରାଯାଇଛି। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସଂରକ୍ଷିତ କମ୍ପାର୍ଟମେଂଟ, ବର୍ଥ, ସିଟ୍ କିମ୍ବା ଅନ୍ୟ ସ୍ଥାନରେ ବେଆଇନ ଭାବେ ପ୍ରବେଶ କିମ୍ବା ରହିବା ଅଭିଯୋଗରେ ୧୩ ଜଣଙ୍କଠାରୁ ୩୧,୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଅନ୍ୟ ବ୍ୟକ୍ତିଙ୍କ ନାମରେ ବୁକ୍ ହୋଇଥିବା ଟିକେଟ୍ ରେ ବିନା ଅନୁମତିରେ ଯାତ୍ରା କରିବା ଅଭିଯୋଗରେ ୬ ଜଣଙ୍କ ବିରୋଧରେ ପଦକ୍ଷେପ ନିଆଯାଇ ୩,୦୦୦ ଟଙ୍କା ଜୋରିମନା ଆଦାୟ ହୋଇଛି। ଏହା ବ୍ୟତୀତ, ରେଳବାଇକୁ ଠକିବା ଉଦ୍ଦେଶ୍ୟରେ ବୈଧ ଟିକେଟ୍ କିମ୍ବା ପାସ୍ ବିନା ଯାତ୍ରା କରିବା କିମ୍ବା ଏପରି ଯାତ୍ରା କରିବାକୁ ଉଦ୍ୟମ କରିବା ଅଭିଯୋଗରେ ୫,୩୨୫ ଟଙ୍କା ଜୋରିମନା ଆଦାୟ କରାଯାଇଛି।

# ନବାଗତ ଫାର୍ମାସି ଛାତ୍ରଛାତ୍ରୀଙ୍କ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୧୦ (ମହାଭାରତ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ (ଏସ୍‌ପିଏସ୍) ପକ୍ଷରୁ ୨୦୨୬-୨୭ ଶିକ୍ଷାବର୍ଷରେ ନାମ ଲେଖାଇଥିବା ବି.ଫାର୍ମ ଓ ଏମ୍.ଫାର୍ମ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆୟୋଜିତ ଦୁଇଦିନିଆ ଓରିଏଂଟେସନ୍ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶ, ନିୟମାବଳୀ, ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ଏବଂ ଫାର୍ମାସି କ୍ଷେତ୍ରରେ ରହିଥିବା ବିଭିନ୍ନ ବୃତିଗତ ସୁଯୋଗ ସଂପର୍କରେ ନବାଗତମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଉଦ୍‌ଘାଟନୀ ଅଧିବେଶନରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ନୀତା ମହାନ୍ତି ମୁଖ୍ୟ ଅତିଥି, ଓଡ଼ିଶା ଡ୍ରଗ୍ସ କଂଟ୍ରୋଲ୍ ଆଡ୍‌ମିନିଷ୍ଟ୍ରେସନ୍‌ର ଡେପୁଟି ଡ୍ରଗ୍ସ କଂଟ୍ରୋଲର ଡ. ଲଳିତ କୁମାର



ସାହୁ ମୁଖ୍ୟ ବକ୍ତା ଏବଂ ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ପିଏସ ଡିନ୍ ପ୍ରଫେସର ଦେବଜ୍ୟୋତି ଦାସ ମଧ୍ୟ ନବାଗତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଥମ ଦିନରେ ପରୀକ୍ଷା ନିୟମାବଳୀ, ହଷ୍ଟେଲ୍ ନିୟମ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ସଂପର୍କରେ ଆଲୋଚନା ହୋଇଥିଲା। ଏହା ସହିତ ଅଧ୍ୟାପକ, ସଂଯୋଜକ, ମେଂଟର ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ସହ ଛାତ୍ରଛାତ୍ରୀଙ୍କ ପରିଚୟ କରାଯାଇଥିଲା। ଏହାଦ୍ୱାରା ଶୈକ୍ଷିକ ଓ ପ୍ରଶାସନିକ ସହାୟତା ବ୍ୟବସ୍ଥା ସଂପର୍କରେ ସେମାନେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଫାର୍ମାସ୍ୟୁଟିକାଲ ଶିଳ୍ପ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ଏସ୍‌ପିଏସର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ ଆଲୋଚନାଚକ୍ର। ଏଥିରେ ମର୍କ ଗ୍ରୁପର କ୍ଲିନିକାଲ୍ ସେଫ୍‌ଟି ମ୍ୟାନେଜର ଶ୍ରୀ ମାନସ ରଞ୍ଜନ ଲେଙ୍କା, ଓଡ଼ିଶା ସରକାରଙ୍କ ଡାଇରେକ୍ଟୋରେଟ୍ ଅଫ୍ ଡ୍ରଗ୍ସ କଂଟ୍ରୋଲର ଡ୍ରଗ୍ସ ଇନ୍ସପେକ୍ଟର ଶ୍ରୀ ସୁକାନ୍ତ ସାହୁ, ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମ୍ୟାନେଜର -ପ୍ରୋକ୍ୟୁରମେଂଟ (ଫାର୍ମାସି) ଶ୍ରୀ ପ୍ରଶାନ୍ତ କୁମାର ଦାସ ଏବଂ ଆଇକ୍ୟୁଭିଆର ସେଫ୍‌ଟି ଆଗ୍ରିଗେଟ୍ ରିପୋର୍ଟ ମ୍ୟାନେଜର ଶ୍ରୀ ଆଶିଷ କୁମାର ମହାପାତ୍ର ଯୋଗ ଦେଇଥିଲେ। ଆଲୋଚନାରେ ବୃତିଗତ ଦାୟିତ୍ୱ, ଶିଳ୍ପ କ୍ଷେତ୍ରର ଆଶା ଓ ଆବଶ୍ୟକତା, ନିୟାମକ ବ୍ୟବସ୍ଥା, ଔଷଧର ସୁରକ୍ଷା ଏବଂ କ୍ୟାରିୟର ଗଠନ ସଂପର୍କରେ ଉପାଦେୟ ତଥ୍ୟ ମିଳିଥିଲା। ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍), କ୍ରୀଡ଼ା, ବିଭିନ୍ନ ଛାତ୍ର କ୍ଲବ୍, ନିଯୁକ୍ତି ସହାୟତା ଏବଂ ଗ୍ରାଜୁଏଟ୍ ଫାର୍ମାସି ଆପ୍‌ଟିଚ୍ୟୁଡ୍ ଟେଷ୍ଟ (ଜିପିଏଟି) ପ୍ରସ୍ତୁତି ଭଳି କାର୍ଯ୍ୟକ୍ରମ ଓ ସୁଯୋଗ ସଂପର୍କରେ ଅବଗତ କରାଯାଇଥିଲା। ଫାର୍ମାସି ଶିକ୍ଷାର ପରିସର ଏବଂ ସ୍ୱାସ୍ଥ୍ୟସେବା ଓ ଗବେଷଣା କ୍ଷେତ୍ରରେ ଏହି ବୃତିର ବଦଳୁଥିବା ଭୂମିକା ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା।

# ବିପର୍ଯ୍ୟୟ ପରିଚାଳନାରେ ସରକାରଙ୍କ କାମ କମ୍ କଥା ବେଶୀ

ଭୁବନେଶ୍ୱର,୨୮।୧୦ (ମହାଭାରତ): ବିଗତ ୨୮ ମାସ ମଧ୍ୟରେ ବିପର୍ଯ୍ୟୟର ମୁକାବିଲା ଓ ପ୍ରଭାବିତ ଲୋକଙ୍କୁ ସହାୟତା ପ୍ରଦାନରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ସରକାରୀ ତଥ୍ୟ ଓ ବାସ୍ତବ ସ୍ଥିତି ମଧ୍ୟରେ ଅନେକ ପାର୍ଥକ୍ୟ ରହିଛି । ବନ୍ୟା, ଭୂସ୍ଖଳନ ଓ ବାତ୍ୟା ଯୋଗୁଁ ଅନେକ ଜୀବନହାନି ଘଟିଥିବା ବେଳେ ରିଲିଫ୍ ବଣ୍ଟନରେ ବିଳମ୍ବ ଏବଂ ବିପର୍ଯ୍ୟୟ ପ୍ରଭାବିତ ଲୋକଙ୍କ ପାଖରେ ସହାୟତା ପହଞ୍ଚାଇବାରେ ସରକାରଙ୍କ ପ୍ରସ୍ତୁତି ଓ ପରିଚାଳନା ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ ମାରିଥିବା କହିଛି ବିଜେଡି । ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ୍ ମହାନ୍ତି କହିଥିଲେ ଯେ, ଶ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ବିପର୍ଯ୍ୟୟ ପରିଚାଳନାକୁ ନେଇ ସାରା ବିଶ୍ୱରେ ପ୍ରଶଂସା ସାଉଁଟିଥିଲା ଓଡ଼ିଶା । ବିଜେଡି ସରକାରରେ 'ଜିରୋ କାଜୁଆଲିଟି' ମୁଖ୍ୟ ଲକ୍ଷ୍ୟ ଥିଲା, କିନ୍ତୁ ତାହା ଆଜି ଦୁର୍ବଳ ହେବାରେ ଲାଗିଛି । ବିପର୍ଯ୍ୟୟ ପରିଚାଳନାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ବିପର୍ଯ୍ୟୟ ପରିଚାଳନା କେବଳ ସରକାରୀ ଘୋଷଣା ଓ ବୈଠକରେ ସୀମିତ ରହିବା ଉଚିତ୍ ନୁହେଁ । ବିପର୍ଯ୍ୟୟ ପୂର୍ବରୁ ବ୍ୟାପକ ପ୍ରସ୍ତୁତି, ତ୍ୱରିତ ପଦକ୍ଷେପ ଏବଂ ପରବର୍ତ୍ତୀ ସମୟରେ ପ୍ରଭାବିତ ଲୋକଙ୍କୁ ରିଲିଫ୍, କ୍ଷତିପୂରଣ ଓ ଥଇଥାନ କରାଇବା ହେଉଛି ପ୍ରକୃତ ବିପର୍ଯ୍ୟୟ ପରିଚାଳନା । ୧୯୯୯ ମସିହାର ଭୟାବହ ସୁପର ସାଇକ୍ଲୋନ୍ ଅନୁଭୂତିରୁ ଶିକ୍ଷା ଗ୍ରହଣ କରି ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଠନ କରିଥିଲା । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ବିଜେଡି ସରକାରରେ ରାଜ୍ୟରେ ଶହ ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବା ସହ ପାଣିପାଗର ପୂର୍ବାନୁମାନ ଆଧାରରେ ଆଗୁଆ ସତର୍କତା ଅବଲମ୍ବନ କରି ବିପଦସଙ୍କୁଳ ସ୍ଥାନରୁ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତର କରି ବିପର୍ଯ୍ୟୟ ମୁକାବିଲାର ରୋଲ୍ ମଡେଲ ସାଜିଥିଲା ଓଡ଼ିଶା । ଏହି ମଡେଲ ଯୋଗୁଁ ବାତ୍ୟା ସମୟରେ ଜୀବନହାନିକୁ ବ୍ୟାପକ ଭାବେ ହ୍ରାସ କରାଯାଇଥିଲା । 'ପ୍ରତ୍ୟେକ ଜୀବନ ମୂଲ୍ୟବାନ' ନୀତିକୁ ଆଧାର କରି ଓଡ଼ିଶା ଯେଉଁ 'ଜିରୋ କାଜୁଆଲିଟି' ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲା, ତାହା ଦେଶ ଓ ବିଦେଶରେ ଏକ ମଡେଲ୍ ଭାବେ ପରିଚୟ ହାସଲ କରିଥିଲା । ଏହା କେବଳ ଏକ ପ୍ରଶାସନିକ ସଫଳତା ନଥିଲା, ବରଂ ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାର ଏକ ଦୃଷ୍ଟାନ୍ତ ଥିଲା ।

# ଆଜାଦ ହିନ୍ଦ ସରକାର ପ୍ରତିଷ୍ଠା ବାର୍ଷିକୀ ସମାରୋହ

ଭୁବନେଶ୍ୱର,୨୮।୧୦ (ମହାଭାରତ): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନେତୃତ୍ୱରେ ଗଠିତ ଭାରତୀୟମାନଙ୍କ ପ୍ରଥମ ସ୍ୱାଧୀନ ସରକାର ଆଜାଦ ହିନ୍ଦ ସରକାରର ୮୩ ତମ ପ୍ରତିଷ୍ଠା ବାର୍ଷିକୀ ସମାରୋହ ଆଜି ଭୁବନେଶ୍ୱରସ୍ଥ ନେତାଜୀ ଭବନ ପରିସରରେ ଉଦଘାଟିତ ହୋଇଯାଇଛି। ଆଜାଦ ହିନ୍ଦ ବାହିନୀର ଜାତୀୟ ସଂଯୋଜକ ଜ୍ୟୋତି ରଂଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କମ୍ରେଡ ଖୋଜନ୍ତି କାଣ୍ଡକି ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ସମଦୃଷ୍ଟି ପତ୍ରିକାର ମୁଖ୍ୟ ସଂପାଦକ ତଥା ବରିଷ୍ଠ ସ୍ତମ୍ଭକାର ସୁଧୀର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ପାତ୍ର ଯୋଗ ଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ବେସାଲିସ ସଂଗ୍ରାମର ପଟାନ୍ତର ନାହିଁ ବୋଲି ପ୍ରକାଶ କରିଥିଲେ । ଭାରତ ବର୍ଷର ଜନଜୀବନକୁ ଦେଶପ୍ରେମର ମହାମନ୍ତ୍ରରେ ଉଦବୃଦ୍ଧ କରିବା ସହ ତ୍ୟାଗ ଓ ସେବାର ଯେଉଁ ରୁଦ୍ଧିମନ୍ତ ଉଦାହରଣ ନେତାଜୀ ଦେଖାଇଥିଲେ ତାହା ବିରଳ ଓ ଅନନ୍ୟ। ନେତାଜୀ ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବାବେଳେ ତାଙ୍କର ସ୍ୱପ୍ନ ଥିଲା ଦେଶରୁ ବ୍ରିଟିଶ ହଟିଲେ ଦେଶରେ ଜନତାଙ୍କ ଶାସନ ପ୍ରତିଷ୍ଠା ହେବ। ଯାହା ଆଜି ମଧ୍ୟ ଅସମ୍ପୂର୍ଣ୍ଣ ଭଳି ପ୍ରତିଫଳିତ ହେଉଛି କ୍ଷ ବେକାରୀ, ଦାରିଦ୍ର୍ୟ, ରାଜନୈତିକ ବ୍ୟବସ୍ଥାର ନୈତିକ ଅଧପତନ, ସାମାଜିକ ଜୀବନର ଅସନ୍ତୁଳନ ସହିତ ଜନଗଣଙ୍କ ଧାର୍ମିକ ବିଶ୍ୱାସ ସହିତ ଯେଉଁ ଭୟାନକ ଖେଳ ଚାଲିଛି ତାହା ଭାରତବର୍ଷକୁ ଏକ ଭୟଙ୍କର ସଙ୍କଟ ଆଡକୁ ଟାଣି ନେଉଛି। ଭାରତବର୍ଷର ସମ୍ବିଧାନ, ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷା କରିବା ପାଇଁ ନେତାଜୀଙ୍କ ସୁଭାଷବାଦୀ ଦର୍ଶନ ହିଁ ଏକମାତ୍ର ରାସ୍ତା ବୋଲି ବକ୍ତାମାନେ ନିଜ ବକ୍ତ୍ୟବ୍ୟରେ ପ୍ରକାଶ କରିଥିଲେ। ସମାରୋହର ଦ୍ୱିତୀୟ ଅଧିବେଶନରେ ବିଶିଷ୍ଟ କବି ତଥା ସ୍ତମ୍ଭକାର ନିରାକାର ଦାସ ଓ ବରିଷ୍ଠ ସ୍ତମ୍ଭକାର ତୁଷାରକାନ୍ତ ଶତପଥି, ଫରୱାର୍ଡ଼ ବ୍ଲକର ରାଜ୍ୟ ସଂପାଦକ ଜିତେନ୍ଦ୍ରିୟ ବେହେରା, ଆଜାଦ ହିନ୍ଦ ବାହିନୀର ରାଜ୍ୟ ସଂଯୋଜିକା ଲକ୍ଷ୍ମୀ ଦୋରା ଯୋଗ ଦେଇ ସ୍ୱାଧୀନତାର ୮୦ ବର୍ଷ ପରେ ମଧ୍ୟ ଖାଦ୍ୟ, ବସ୍ତ୍ର, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମଣିଷର ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ଅଦ୍ୟାବଧି ନିର୍ବାଚିତ ସରକାରମାନେ ବିଫଳ ହୋଇଛନ୍ତି।

# ସମନ୍ୱିତ ଆଂଚଳିକ ଯାତାୟାତ ଯୋଜନା ସୁଗମ ଓ ସ୍ଥାୟୀ ସହର ବିକାଶର ଆଧାର

ଭୁବନେଶ୍ୱର,୨୮।୧୦ (ମହାଭାରତ): ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଯାତାୟାତକୁ ସୁଗମ କରିବା ଏବଂ ସ୍ଥାୟୀ ସହର ବିକାଶକୁ ଆଗେଇ ନେବା ପାଇଁ ସହର ସହିତ ଏହାର ଆଖପାଖ ଅଂଚଳକୁ ମିଶାଇ ସମନ୍ୱିତ ଯାତାୟାତ ଯୋଜନା ପ୍ରସ୍ତୁତ କରିବା ଅତ୍ୟନ୍ତ ଜରୁରୀ । ଭୁବନେଶ୍ୱରରେ ଆୟୋଜିତ ୧୯ତମ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ରେ ଅକ୍ଟୋବର ୨୩ ତାରିଖରେ ଅନୁଷ୍ଠିତ ସମନ୍ୱିତ ଆଂଚଳିକ ଯାତାୟାତ ଯୋଜନା ସମ୍ପର୍କିତ ସ୍ୱତନ୍ତ୍ର ଅଧିବେଶନରେ ଏହି ମତ ପ୍ରକାଶ ପାଇଥିଲା ।

ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏହି ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ବରିଷ୍ଠ ସରକାରୀ ଅଧିକାରୀ ଓ ପରିବହନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ସହର ଓ ଏହାର ଆଖପାଖ ଅଞ୍ଚଳ ମଧ୍ୟରେ




ସମନ୍ୱିତ ଯାତାୟାତ ବ୍ୟବସ୍ଥାର ବିକାଶ ଏବଂ ନାଗରିକଙ୍କ ଦୈନନ୍ଦିନ ଯାତ୍ରାକୁ ଅଧିକ ସହଜ ଓ ସୁବିଧାଜନକ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅଧିବେଶନରେ ଏଆରୟୁପିର ସହର ଯୋଜନା ଓ ଡିଜାଇନ୍ ମୁଖ୍ୟ ଜିଗ୍ନେଶ ମେହେଟ୍ଟା, ସିଷ୍ଟାରା ଇଣ୍ଡିଆର ସିଇଓ ସନ୍ଦୀପ ଫୁଲର, ନାସନାଲ କ୍ୟାପିଟାଲ ରିଜନ ଟ୍ରାନ୍ସପୋର୍ଟ (ଏନସିଆରଟିସି)ର ପରିଚାଳନା ନିର୍ଦ୍ଦେଶକ ଶଲଭ ଗୋଏଲ, ଓଡ଼ିଶା ସରକାରଙ୍କ ପରିବହନ ଆୟୁକ୍ତ _1 ଅମିତାଭ ଠାକୁର, ସିଙ୍ଗାପୁରର ଲାଣ୍ଡ ଟ୍ରାନ୍ସପୋର୍ଟ ଅଥରିଟି ଏକାଡେମୀର ପୂର୍ବତନ ଡିନ୍ ମୋହିନ୍ଦର ସିଂହ ଏବଂ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

ଆଲୋଚନାରେ ସହର ଓ ଏହାର ଆଖପାଖ ଅଂଚଳକୁ ଏକ ସଂଯୁକ୍ତ ଯାତାୟାତ କ୍ଷେତ୍ର ଭାବେ ବିଚାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଲୋକମାନେ ରହୁଥିବା, କାର୍ଯ୍ୟ କରୁଥିବା ଓ ଶିକ୍ଷା ତଥା ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଯାତାୟାତ କରୁଥିବା ଅଂଚଳଗୁଡ଼ିକ ମଧ୍ୟରେ ସୁଗମ ସଂଯୋଗ ସ୍ଥାପନ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏଥିପାଇଁ ପରିବହନ ନେଟୱର୍କ, ଭିତିଭୂମି ବିକାଶ ଓ ଭୂମି ବ୍ୟବହାର ଯୋଜନା ମଧ୍ୟରେ ସମନ୍ୱୟ ସହିତ ବିଭିନ୍ନ ପରିବହନ ସଂସ୍ଥା ଓ ସହରାଂଚଳ ସ୍ଥାନୀୟ ନିକାୟ ମଧ୍ୟରେ ସହଯୋଗ ଆବଶ୍ୟକ। ଏକ ଦକ୍ଷ ଓ ସମାବେଶୀ ଯାତାୟାତ ବ୍ୟବସ୍ଥା ପାଇଁ ସମନ୍ୱିତ ଜନପରିବହନ, ଶେଷ ପର୍ଯ୍ୟାୟର ଯାତାୟାତ ସଂଯୋଗ, ପଥଚାରୀ ଅନୁକୂଳ ରାସ୍ତା ଏବଂ ସାଇକେଲ୍ ଭଳି ଅଣ-ମୋଟର ଯାନର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପରିବହନ ଭିତିଭୂମି ଓ ଭୂମି ବ୍ୟବହାର ଯୋଜନା ମଧ୍ୟରେ ସମନ୍ୱୟ ରହିଲେ ଉପଲବ୍ଧ ସମ୍ବଳର ସଠିକ୍ ଉପଯୋଗ ହେବା ସହିତ ଆଂଚଳିକ ବିକାଶ ଅଧିକ ସନ୍ତୁଳିତ ହୋଇପାରିବ। ନାଗରିକଙ୍କ ଦୃଷ୍ଟିରୁ ଏଭଳି ଯୋଜନା ଦୈନନ୍ଦିନ ଯାତ୍ରାକୁ ସହଜ କରିବା ସହିତ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଜରୁରୀ ସେବା ପର୍ଯ୍ୟନ୍ତ ପହଞ୍ଚକୁ ସୁଗମ କରିବ। ଏହା ସୁରକ୍ଷିତ ରାସ୍ତା, ଅଧିକ ଯାତାୟାତ ବିକଳ୍ପ ଓ ପରିବେଶ ଅନୁକୂଳ ପରିବହନକୁ ପ୍ରୋତ୍ସାହିତ କରି ସହରଗୁଡ଼ିକୁ ଅଧିକ ବାସଯୋଗ୍ୟ କରିବାରେ ସହାୟକ ହେବ।

## ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ

କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯୋଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ। ଏକଥା ସତ ଯେ, ଦେଶରେ ଲୋକସଂଖ୍ୟା ବଢୁଛି ଏବଂ ପ୍ରତିବର୍ଷ ନୂଆ ପରିବାର ସୃଷ୍ଟି ହେଉଛି। ତେଣୁ ଗୋଟିଏ ପରିବାରକୁ ଆଜି ଗୋଟିଏ ଘର ଯୋଗାଇ ଦେଲେ ସେହି ପରିବାର ସବୁଦିନ ଉପକୃତ ହେବନି। କାଲି ପିଲାମାନେ ବଡ଼ ହୋଇ ନିଜର ସ୍ୱତନ୍ତ୍ର ପରିବାର କଲେ ସେମାନଙ୍କ ପାଇଁ ମଧ୍ୟ ନୂଆ ଘର ଆବଶ୍ୟକ।

# ଗ୍ରାମୀଣ ଭାରତର ଗ୍ରାହକ

॥ ଗିରିଧାରୀ ସାମଲ ॥


;ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି। ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି। ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ।


'ଫାଷ୍ଟ ମୁଭିଂ କନଜ୍ୟୁମର ଗୁଡ୍‌ସ' ବା ଏଫଏମ୍‌ସିଜି - ଯାହାକୁ ଆମେ ଓଡ଼ିଆରେ କହିପାରିବା ଦ୍ରୁତ ବିକ୍ରୟଶୀଳ ଦ୍ରବ୍ୟ ବିକ୍ରିରେ ଗ୍ରାମୀଣ ଭାରତରେ ଯେଉଁ ଅଭିବୃଦ୍ଧି ୨୦୨୨ରେ ଲକ୍ଷ୍ୟ କରାଯାଇଛି ତାହା ସହରରେ ଏଫଏମ୍‌ସିଜି ବିକ୍ରିରେ ହୋଇଥିବା ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ। ପୂର୍ବେ ଯେଉଁ ଧାରଣାଟିଏ ଥିଲା ଯେ ଏଫଏମ୍‌ସିଜି ସାମଗ୍ରୀର ବଜାର ଗାଁରେ ବିଶେଷ ନାହିଁ, ସେ ଧାରଣା ଏବେ ବଦଳିବା ଆରମ୍ଭ କରିଛି।

ଏହା ଅବଶ୍ୟ ସତ ଯେ ଭାରତରେ ଏଫଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗାଁର ଭାଗ ସହରର ଏକ ତୃତୀୟାଂଶ, ତେବେ ଖୁବ୍ ଶୀଘ୍ର ଏ ବ୍ୟବଧାନ ପୂରଣ ହୋଇଯିବାର ସମ୍ଭାବନା ଦିଶିଲାଣି। ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ ଯଦି ମୂଲ୍ୟ, ଦ୍ରବ୍ୟର ଆକାର ଏବଂ ପ୍ୟାକିଂ ଠିକ୍ ରହେ, ତେବେ ଗ୍ରାମୀଣ ଉପଭୋକ୍ତା ସହରୀ ଗ୍ରାହକମାନଙ୍କ ଠାରୁ ପଛରେ ରହିବେ ନାହିଁ। ତେଣୁ ଏବେ ବଡ଼ ବଡ଼ ଏଫଏମସିଜି କମ୍ପାନୀମାନେ ଭାରତର ବିଶାଳ ଗ୍ରାମୀଣ ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ପ୍ରକାର ଉପାୟ ଆପଣାଇବା କଥା ଚିନ୍ତା କଲେଣି।

୨୦୨୦ ଏବଂ ୨୦୨୧ରେ ଏଫ୍‌ଏମ୍‌ସିଜି ବିକ୍ରୟ କ୍ଷେତ୍ରରେ ଗ୍ରାମୀଣ ଭାରତରେ ଏକ ପ୍ରକାର ସ୍ଥାଣୁତା ଦେଖିବାକୁ ମିଳିଥିଲା। ବରଂ ଏହା ବିଯୁକ୍ତାତ୍ମକ ଥିଲା। ୨୦୨୦ ଏବଂ ୨୦୨୧ରେ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ଥିଲା ଯଥାକ୍ରମେ -୦.୫ ପ୍ରତିଶତ ଏବଂ -୩.୫ ପ୍ରତିଶତ। କିନ୍ତୁ ୨୦୧୫ରେ ସେଇ ଧାରାରେ ବିରାମ ଲାଗି ଏଫ୍‌ଏମ୍‌ସିଜି ବିକ୍ରୟରେ ବିରାଟ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ଆଗେ ଅଧିକାଂଶ ଭାବୁଥିଲେ ଯେ ଗ୍ରାମୀଣ ଉପଭୋକ୍ତା ଏକ ପାରମ୍ପରିକ କ୍ଷେତ୍ରରେ ହିଁ କିଣାକିଣି କରନ୍ତି। କିନ୍ତୁ ବଜାର ସର୍ବେକ୍ଷଣ ସଂସ୍ଥା ଆଇଏମ୍‌ଆରବି ଦ୍ୱାରା କରାଯାଇଥିବା ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରେ ଗ୍ରାମୀଣ ଭାରତରେ ଏଫ୍‌ଏମ୍‌ସିଜିର ଚାହିଦାରେ ୫.୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସହରରେ ଅଭିବୃଦ୍ଧିର ହାର ହେଉଛି ୨.୯ ପ୍ରତିଶତ। ଏହି ଧାରା ଜାରି ରହିଲେ ଖୁବ୍ ଶୀଘ୍ର ଏଫଏମ୍‌ସିଜି ଦ୍ରବ୍ୟର ବିକ୍ରିରେ ଗାଁ ଗହଳିର ଉପଭୋକ୍ତାଙ୍କ ଭାଗ ୪୫ ପ୍ରତିଶତ ହୋଇଯିବ। ଭାରତୀୟମାନଙ୍କ ଆୟ ବଢ଼ିଛି। ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ଏହା ସହିତ ଟଙ୍କା ଖର୍ଚ୍ଚକୁ ନେଇ ରହି ଆସିଥିବା ପୁରୁଣା ଭାରତୀୟ ଆଭିମୁଖ୍ୟରେ ବି ପରିବର୍ତ୍ତନ ଦେଖାଦେଇଛି। ସଂପ୍ରତି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ସମଗ୍ର ବିଶ୍ୱରେ ଭାରତୀୟ ଗ୍ରାହକ ବଜାରକୁ ବଡ଼ ବଜାର ଭାବେ ଦେଖି ଅନେକ ପ୍ରୋତ୍ସାହନ ମୂଳକ ସୁବିଧା ଦେବା ସହ ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ସାମର୍ଥ୍ୟକୁ ଦେଖି ସେମାନଙ୍କ ସାମଗ୍ରୀର ଦର ରଖୁଛନ୍ତି। ଯାହାକି ଭାରତୀୟ ଗ୍ରାହକଙ୍କ ପକେଟ ସୁହାଉଛି।

ଭାରତୀୟ ବଜାର ସମଗ୍ର ବିଶ୍ୱରେ ବିଶ୍ୱସ୍ଥ ଓ ବଡ଼ ବଜାର କ୍ଷେତ୍ରରେ ପଞ୍ଚମ ସ୍ଥାନରେ ରହିଛି ଏହା ନିଶ୍ଚିନ୍ତ ଭାବରେ ଖୁସିର କଥା। ଏ କ୍ଷେତ୍ରରେ ଚୀନର ଏକଚାଟିଆ ବଜାର ମାମଲତି କମି ଯାଇଛି। ସରକାର ମଧ୍ଯ ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଭାରତ ଆସି ସେମାନଙ୍କ ବେପାର ବଣିଜକୁ ବ୍ୟାପକ କରିବା ପାଇଁ ଉଚ୍ଚ ହାରର ଟିକସକୁ କମାଇଛନ୍ତି। ପୂର୍ବର ମିତବ୍ୟୟୀ ଭାରତ ଏବେ ତୁଳନାତ୍ମକ ଭାବେ ଅଧିକ ଖର୍ଚ୍ଚ ହେବାର ଲକ୍ଷଣ ପ୍ରଦର୍ଶନ କଲାଣି।

ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍‌ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି। ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି। ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍‌ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ। ଏହାର କାରଣ ହେଲା ଏକ ଅନୁକୂଳ ମୌସୁମୀର ପ୍ରାକ୍ ସୂଚନା ମିଳିଛି, ଯାହା କୃଷି କ୍ଷେତ୍ରରେ ଉନ୍ନତି ଆଣିବ ଏବଂ ଗତ ଦୁଇବର୍ଷର ହତାଶାକୁ ଦୂର କରିବ, ଦ୍ୱିତୀୟରେ ସରକାର ଗ୍ରାମରେ କୃଷିର ବିକାଶ ତଥା ରୋଜଗାର ବୃଦ୍ଧି ଲାଗି ନେଇଥିବା ପଦକ୍ଷେପ। ତୃତୀୟରେ ସପ୍ତମ ବେତନ କମିସନର ସୁପାରିସ ହେତୁ ସରକାରୀ କର୍ମଚାରୀଙ୍କ ଦରମାରେ ଏକ ବଡ଼ ଧରଣର ବୃଦ୍ଧିର ଆଶା।

ତେଣୁ ଚଳିତ ବର୍ଷ ଏ ଅଭିବୃଦ୍ଧି ଆହୁରି ଉଚ୍ଚା ହେବ ବୋଲି ଏକ ବଜାରରେ ଆଭାସ ମିଳିଲାଣି। ସଂପ୍ରତି ବଜାରରେ ଦରଦାମର ଉଚ୍ଚ ମୂଲ୍ୟ ରହୁଥିବା ବେଳେ ସରକାରୀ ଓ ବେସରକାରୀ ସଂଗଠନରେ ଅଧିକାଂଶ କ୍ଷେତ୍ରରେ ଦରମା ଓ ଅର୍ଥନୈତିକ ସୁବିଧା ସୁଯୋଗ ବଢ଼ିଛି। ତେବେ ଅନେକ ସରକାରୀ କର୍ମଚାରୀ, ବେତନ ଭୋଗୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସ୍ଥିତି ଉଚ୍ଚାର ରହିପାରୁନାହିଁ। ଏହାର ବଡ଼ କାରଣ ହେଉଛି ସେମାନଙ୍କର ପୂର୍ବ ଋଣ ବା ବ୍ୟାଙ୍କରୁ ନେଇଥିବା ଆର୍ଥିକ ସହଯୋଗ। ଏହାକୁ ନିର୍ଦ୍ଦିଷ୍ଟ ଅବଧି ଭିତରେ ପରିଶୋଧ ନକଲେ ଚଢ଼ା ଦରରେ ଏକ ପ୍ରକାର ଚକ୍ରହାର ସୁଧରେ ସେମାନେ ଆର୍ଥିକ କ୍ଷତିକୁ ସହି ଥାଆନ୍ତି। ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଭାରତର କିଛି ବଡ଼ ବଡ଼ କମ୍ପାନୀ ସେମାନେ ନିର୍ଦ୍ଦିଷ୍ଟ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟାପକ ସୁବିଧା ଓ ସବସିଡି ପ୍ରଦାନ କରିବା ସହ ମାସିକ କିସ୍ତି ବ୍ୟବସ୍ଥା କରୁଛନ୍ତି।

ଯାହାକି ବେତନଭୋଗୀ କର୍ମଚାରୀ ଓ ସମାଜର ସବୁଠାରୁ ବଡ଼ ଗ୍ରୁପ କୁହାଯାଉଥିବା ମଧ୍ୟବର୍ତ୍ତି ମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି। ସେମାନେ ବ୍ୟାପକ କିଣାବିକା କରିବା ସହ ଭାରତୀୟ ଅର୍ଥନୀତି ମଧ ବଡ଼ ଆକାରରେ ବଜାରରେ କାୟା ମେଲାଇ ଲୋକଙ୍କୁ ବ୍ୟାପକ ସୁବିଧା ପ୍ରଦାନ କରୁଛି। ସରକାର ମଧ ମଝିରେ ମଝିରେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଆର୍ଥିକ ସୁବିଧା, ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ସୁବିଧାର ସୁବନ୍ଦୋବସ୍ତ କରିଛନ୍ତି। ଏ କ୍ଷେତ୍ରରେ ଖୋଲା ହାତ ଖର୍ଚ୍ଚ ନକରି ମିତବ୍ୟୟୀ ହେବା ମଧ ଜରୁରୀ। କାରଣ ଅନେକ କ୍ଷେତ୍ରରେ ଦେଖାଯାଏ ଖୋଲା ଖର୍ଚ୍ଚପଣିଆ ଜଣଙ୍କ ପାଇଁ ପରବର୍ତ୍ତୀ ସମୟରେ ଆର୍ଥିକ ଦୁଃସ୍ଥିତିର ବଡ଼ କାରଣ ହୋଇଥାଏ। ଏମିତି ହେଲେ ଭାରତୀୟ ଅର୍ଥନୀତି ଚଳଚଞ୍ଚଳ ରହିବ ଯାହା ଭାରତୀୟ ଅର୍ଥନୀତି ଲାଗି ଶୁଭଙ୍କର ହେବ।


ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪


# ପ୍ରକୃତି, ପରିବେଶ ଓ ମାଆ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମାମାକୁ ତା' ମାଆ କହିଲେ, 'ତୁ ଟିକେ ରୋଷେଇ ଘରୁ ଚିନି ଡ଼ବାଟା ଆଣିଲୁ' । ମାମା ଶୁଣିଲା ନାହିଁ । ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ । ତଥାପି ମାମା ହୁଙ୍କିଲା ନାହିଁ । ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନଶୁଣିଲା ପରି ଶୋଇବା ଘରକୁ ଚାଲିଗଲା । ଶେଷରେ ତା'ର ମାଆ ମାମା ଚୁଟିଝିଙ୍କି ତା ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ । ମାମା ଜୋରରେ କାନ୍ଦିଲା । କିଛି ଉତ୍ତର ନକଲେ ବି ମନମାରି ବସିଗଲା । ନା ପାଠ ପଢ଼ିଲା ନା ଆଉ କିଛି କାମ କଲା । ଏଥିରୁ ଜଣାପଡ଼ିଲା ମାମାର ମାଆ ତାକୁ କେମିତି ଶିକ୍ଷା-ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମାଆଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ । ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ । କିନ୍ତୁ ଶିଶୁଟିଏର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା'ର ମାଆ ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତାହେଲେ ସେ ଅନ୍ତତଃ ସେହିସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା ।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ । କିନ୍ତୁ ସେହି ସ୍ନେହ ମାପଚୁପି ବିତରଣ କରିବା ଉଚିତ । ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମାଆ ଶିଶୁଟିର ବେପରୁଆ ନୀତିକୁ ଲଗାମ୍ ଲଗାଏ । ଏମିତିରେ ପ୍ରତିଟି କଥାରେ ଭଲ-ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମାଆଙ୍କର ଗୁରୁ ଦାୟିତ୍ୱ । ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମାଆ ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ । ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକରାତ୍ମକ ହୋଇଥାଏ । ତେବେ ନକରାତମକ ସ୍ୱଭାବ ତା ପାଇଁ ତଥା ବଂଶର ବଦନାମ ପାଇଁ ଦାନା ଯୋଗାଇଥାଏ, ଏପରି ସ୍ୱଭାବକୁ ତାର ମାଆ ଗୋଟି ଗୋଟି କରି ନିବୃତ୍ତ କରିବା ଉଚିତ । ଯଦି କୌଣସି ନା କୌଣସି ଯୁକ୍ତାତ୍ମକ ସ୍ୱଭାବ ଲକ୍ଷ୍ୟ କରୁଥାନ୍ତି ତାହେଲେ ସେଭଳି ସ୍ୱଭାବପ୍ରତି ତାକୁ ଉତ୍ସାହିତ କରିବା ଉଚିତ । ପିଲାଟି ଭଲ କଥା କହୁଛି । ଭଲ କାମ କରୁଛି । ଭଲ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରୁଛି, ଭଲ ପିଲାଙ୍କ ସହ ମିଶିବାକୁ ଚାହୁଁଛି, କୌଣସି ଭଲ କଥାକୁ ସହଜରେ ଗ୍ରହଣ କରୁଛି ଓ ମନେ ରଖି ପାରୁଛି । ପରଉପକାରୀ ବା ସାହାଯ୍ୟ ମନୋଭାବର । ପୁଣି ପ୍ରଖର ଧୀଶକ୍ତି, ଭଲ କାମକୁ ଅନୁକରଣ, କୌଣସି ଭଲ କାମ ପାଇଁ ମନଯୋଗ କିମ୍ବା ସକରାତ୍ମକ ଦିଗରେ ତା'ର ଉତ୍ସାହ ଦେଖିଲେ ତାର ମାଆ ତାକୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ଦେବା ଉଚିତ୍ ।

କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତାର ମାଆଙ୍କୁ ଭଲ ଲାଗେ, ଖରାପ ବି ଲାଗେ । କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମାଆ ବାରଣ କରିଥାନ୍ତି । ଏତେବେଳେ ଶିଶୁ ଓ ମାଆ ମଧ୍ୟରେ ପାଚେରି ଗଢ଼ି ଉଠେ । ପିଲା ଚାହେଁ ତାହା କରିବାକୁ; କିନ୍ତୁ ମାଆ ତାକୁ ବାରଣ କରେ । ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମାଆ ତାର ବିରୋଧୀ । ତଥାପି ମାଆ ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ । ଭୟରେ ନହେଲେ ସ୍ନେହରେ, କିମ୍ବା ସ୍ନେହରେ ନହେଲେ ଭ୍ରରେ ତାକୁ ସେସବୁ ନକାରାତ୍ମକ ଦିଗରୁ ମାଆ ନିବୃତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ।

ପରିବେଶ ଅନୁସାରେ ପିଲାଟି କେତେକ ନକରିବା କଥା କରିବସେ । ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧି ସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହାସୀ ହୋଇଥାଏ । କେତେକ ବାସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ । ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ । କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ । କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମାଆର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ । ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱ-ପ୍ରକୃତି ବା ମାଆଙ୍କ ଶିକ୍ଷା-ଦୀକ୍ଷାକୁ ବିଚ୍ୟୁତ ହେବାକୁ ପଡ଼େ । ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ । ବରଂ ତାର ଏକାକୀତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍ । ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇ ଯାଉଛି, ତାହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ । ପରିବେଶ ଯେ ପିଲାର ବିରୋଧୀ ହୁ. ତାନୁହେଁ – ବେଳେ ବେଳେ ମାଆ ବାପାଙ୍କୁ ଯେଉଁ ପରିବେଶରେ ସୁହାଉନଥାଏ, ସେ ପରିବେଶରେ ପିଲାଟି ଖାପଖୁଆଇ ପାରେ । ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶରେ ସେ ସମର୍ଥକ କି ନୁହେଁ, ଅନୁଧାନ କରନ୍ତୁ । ନତୁବା ତାକୁ ସୁହାଉନଥିବା ପରିବେଶ ତାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ । ଯେଉଁ ପିଲା ଯେପରି ହେବା କଥା ସେପରି ହେବ । ଅବଶ୍ୟ ଏଭଳି ଲୋକ ବିଶ୍ୱାସ ଭୁଲନୁହେଁ । କାହିଁକି ନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠିକାର ଅନୁନ୍ନତ ପରିବେଶରେ ମଧ ନିଜାର ଶାରୀରିକ ଓ ମାନସିକ ବିକାଶ କରିପାରୁଛି । ସେହି ପିଲାମାନଙ୍କ ମଧ୍ୟରୁ କିଏ ସୈନିକ ହେଉଛନ୍ତି ତ କଏ ପାଠପଢ଼ି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଏପରିକି ଆଇଏଏସ, ଆଇପିଏସ କିମ୍ବା ଓଏଏସ୍ ହୋଇ ପାରୁଛନ୍ତି । କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି । ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ' କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ । ପିଲାଟିର ଜନ୍ମଗତ ପ୍ରକୃତି, ପରିବେଶ ଓ ମାଆଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ । ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ । ଏଥିପାଇଁ ମାଆ ହିଁ ବେଶୀ ଦାୟୀ । ନହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇନପାରେ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଜୀବନର ସଂଜ୍ଞା

॥ ଅନୀତା ପଟ୍ଟନାୟକ ॥

ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ। ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା। ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ। ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ। ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ। ମଣିଷର ଜୀବନ ଦୌଡୁଥିବା ଏକ ରାସ୍ତା ପରି। ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ। ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା – ସାମାଜିକ ଓ ଆଧ୍ୟାତ୍ମିକ। ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ। ଆଧ୍ୟାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ। ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ। ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହତା। ସାଧୁ କହିଲେ କାହାରିକୁ କୁସ୍ୱରଟନା କରନାହିଁ। ତୁମେ ମାନବର ଜୀବନକୁ ଦେଖ। ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ। ସେମାନେ ଉଚ୍ଚପଦବୀ ଚାହାଁନ୍ତି। ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା – ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା। ଅନେକଙ୍କର ବିଦ୍ୟାର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ କରିବା ଇତ୍ୟାଦି। ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ। କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି। କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ ହୁଅନ୍ତି। ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା। ଘଣ୍ଟା କାଳର ପ୍ରତୀକ। ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ। ଉଦ୍ୟମ ଜାରି ରଖିବାକୁ ପଡ଼ିବ। ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ। ଆମର ଚାହିଦା ଇଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର। ଘଣ୍ଟାର ଏସବୁ କିଛି ନାହିଁ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର। ଯେ ଉତ୍ତମ ସେ ବଞ୍ଚେ। ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ। ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ। ଏହା ଜୀବନର ରୀତି। ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ। ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ। ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ। ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି। ଘଣ୍ଟା କହିଲା ହେ ମହାନୁଭବ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ। ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ। ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ। ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ। ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ। ଆମର ଚାହିଦା ଓ ଇଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର। ଜୀବନ ସ୍ଥିର ନୁହେଁ। ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି। କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା। ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ। ଉପର ତଳରେ ସୁନ୍ଦରତା ଥାଏ। ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ। ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି। ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ। ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର। ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ ସେହିପରି ସୀମା ଅଛି। ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ। ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ। ଦୁଇ ଆଖି ଶୃଙ୍ଖଳାର ସହ ଦେଖେ। ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାୟୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ। ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ। ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ। ମନର ନିର୍ଦ୍ଦେଶରେ ନୁହେଁ। ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ ନିଜର ପନ୍ଥା ନିଜକୁ ବାଛିବାକୁ ହେବ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ। ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ। ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଅଣ୍ଡାମଳୟପରି। କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି। ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ। ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି। ହେ ଅଶ୍ୱ ଓ ଘଣ୍ଟା! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ। ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ। ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ। ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା। ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ। ଡଙ୍ଗା ପାଣିରେ ଭାସେ। ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ। ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ। ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ। ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ।


ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସଡ଼କ ଦୁର୍ଘଟଣାରେ ରବୀନ୍ଦ୍ର ମଣ୍ଡପ ମ୍ୟାନେଜର ଚନ୍ଦନଙ୍କ ମୃତ୍ୟୁ

ବାରଙ୍ଗ, (ମହାଭାରତ): ସଡ଼କ ଦୁର୍ଘଟଣାରେ ରବୀନ୍ଦ୍ର ମଣ୍ଡପରେ କାର୍ଯ୍ୟରତ ଭାରପ୍ରାପ୍ତ ମ୍ୟାନେଜରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଚନ୍ଦନ କୁମାର ମହାନ୍ତି (୩୨), ଚନ୍ଦନଙ୍କ ଘର ଯାଜପୁର ଜିଲ୍ଲାର ବରୀରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣନଗର ଗ୍ରାମରେ । ଗତ ୨୭ ତାରିଖ ମଙ୍ଗଳବାର ଭୋର ପ୍ରାୟ ୫ଟା ସମୟରେ ୟୁନିଟ୍ ?-୯ ସ୍ଥିତ ରିଜିଓନାଲ କଲେଜ ସାମ୍ନା



ରାସ୍ତାରେ ଏକ ଅଟୋ ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସହିଦନଗର ଥାନାରେ ମୃତକଙ୍କ ସନ୍ତୁ ପ୍ରିୟବ୍ରତ ସାହୁଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଚନ୍ଦନ ରବୀନ୍ଦ୍ର ମଣ୍ଡପ ପରିସରରେ ଥିବା କ୍ୱାର୍ଟର୍ସରୁ ନିଜ ସ୍କୁଟର ନଂ(ଙଓ ୦୨ ଉକ ୬୧୬୮) ଯୋଗେ ଆଚାର୍ଯ୍ୟ ବିହାର ଅଭିମୁଖେ ଯାଉଥିଲେ। ଏହି ସମୟରେ ଅଟୋ ନଂ(ଙଜ ୧୩ ର ୧୩୨୩) ତାଙ୍କ ସ୍କୁଟରକୁ ଧକ୍କା ଦେଇଥିଲା। ଧକ୍କାରେ ସେ ରାସ୍ତାରେ ପଡ଼ିଯାଇ ମୁଣ୍ଡର ପଛପଟେ ଗୁରୁତର ଆଘାତ ପାଇଥିଲେ । ଘଟଣାସ୍ଥଳରେ ଚନ୍ଦନଙ୍କ ମୁଣ୍ଡରୁ ରକ୍ତସ୍ରାବ ହେଉଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ଅନୁସାରେ, ଦୁର୍ଘଟଣା ପରେ ଅଟୋ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅନ୍ୟପକ୍ଷରେ, ସହିଦନଗର ଥାନା ପୁଲିସ ସମ୍ପୃକ୍ତ ଅଟୋକୁ ଜବତ କରିବା ସହ ଏକ ମାମଲା ରୁଜୁ କରିଛି। ଘଟଣାର ପ୍ରକୃତ କାରଣ, ଅଟୋ ଚାଳକଙ୍କ ପରିଚୟ ଏବଂ ଦୁର୍ଘଟଣାରେ ତାଙ୍କ ଭୂମିକା ତଦନ୍ତ ପରେ ସ୍ପଷ୍ଟ ହେବ । ପୋଲିସର ତଦନ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଉପରେ ନଜର । ଶବ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ଚନ୍ଦନଙ୍କ ମୃତଦେହ କୃଷ୍ଣନଗର ଗ୍ରାମରେ ପହଞ୍ଚିଥିଲା ପରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା । ଏହି ଘଟଣା ପରେ ଚନ୍ଦନଙ୍କ ପରିବାର, ବନ୍ଧୁବାନ୍ଧବ ଓ ରବୀନ୍ଦ୍ର ମଣ୍ଡପର ସହକର୍ମୀମାନେ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ଶୋକ ପ୍ରକାଶ କରିଥିଲେ। ଫେରାର ଅଟୋ ଚାଳକଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି । ଚନ୍ଦନ କିଛି ବର୍ଷ ଧରି ରବୀନ୍ଦ୍ର ମଣ୍ଡପ,ଉତ୍କଳ ମଣ୍ଡପ ଓ ଭଞ୍ଜକଳା ମଣ୍ଡପର ମ୍ୟାନେଜର ଇନ୍ ଚାର୍ଜ ଭାବେ କାର୍ଯ୍ୟରତ ଥିଲେ । ଚନ୍ଦନଙ୍କ ବିବାହକୁ ମାତ୍ର ପାଞ୍ଚ ବର୍ଷ ହୋଇଥିବା ବେଳେ ଦୁଇ ବର୍ଷର ଏକ ଶିଶୁପୁତ୍ର ଅଛି । ଅଳ୍ପ ବୟସରେ ପରିବାରର ରୋଜଗାରିଆ ସଦସ୍ୟଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଚନ୍ଦନଙ୍କ ଅକାଳ ବିୟୋଗରେ ରବୀନ୍ଦ୍ର ମଣ୍ଡପର ସହକର୍ମୀ ଓ ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି ।ଦୁର୍ଘଟଣାରେ ଦୋଷୀଙ୍କୁ ଚିହ୍ନଟ କରି ନ୍ୟାୟସଙ୍ଗତ ଆଇନଗତ ପଦକ୍ଷେପ ନିଆଯିବା ସହ ସଡ଼କ ସୁରକ୍ଷା ନିୟମ ପାଳନ ଉପରେ ପୁଣିଥରେ ଗୁରୁତ୍ୱ ଦେବାର ଆବଶ୍ୟକତା ଏହି ଘଟଣା ଉଜାଗର କରିଛି ।

## ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା- ପାରାଦୀପ ସହରର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ- ସମୁଦ୍ର ଅଶାନ୍ତ

ପାରାଦୀପ, (ମହାଭାରତ): ବାତ୍ୟା ଅର୍ଣ୍ଣବ ଆନ୍ଧ୍ର ପ୍ରଦେଶରେ ସ୍ଥଳଭାଗ ଛୁଇଁବା ପରେ ଏହାର ପ୍ରଭାବ ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ଦେଖିବାକୁ ମିଳିଛି । ବୁଧବାର ଦିନ ରୁ ରାତି ପର୍ଯ୍ୟନ୍ତ ପାରାଦୀପରେ ଭୀଷଣ ବର୍ଷା ଲାଗି ରହିଛି । ଫଳରେ ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣିରେ ବୁଡି ଯାଇଛି । ସହରର ରାସ୍ତାରେ ପାଣି ଜମି ରହିବାରୁ ସାଧାରଣ ଲୋକଙ୍କ ଯାତାୟତରେ ସମସ୍ୟା ଦେଖା ଦେଇଛି । ଲଗାଣ ବର୍ଷାର ପ୍ରଭାବରେ ପାରାଦୀପ ସହରର ମୁଖ୍ୟ ବ୍ୟବସାୟୀକସ୍ଥଳ ବଡପଡିଆ ମାର୍କେଟରେ ବ୍ୟବସାୟ ମାନ୍ଦା ଅବସ୍ଥା ଦେଖା ଦେଇଛି । ବର୍ଷାରେ ଭିଜିଭିଜି ବିଭିନ୍ନ କମ୍ପାନୀରେ କାମ କରୁଥିବା ଲୋକମାନେ କାର୍ଯ୍ୟସ୍ଥଳକୁ ଯାଉଥିବା ଦେଖିବାକୁ ମିଳିଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ଥିବା ବେଳେ ବର୍ଷାରେ ସାଧାରଣ ଜନଜୀବନ ବାଧାପ୍ରାପ୍ତ ହୋଇଛି । ପାରାଦୀପର ଜଟାଧାର ମୁହାଣ ପୋଲିସ୍ ପକ୍ଷରୁ ସମୁଦ୍ରକୂଳକୁ ସାଧାରଣ ଲୋକଙ୍କ ଯାତାୟତ ଉପରେ ଅଙ୍କୁଶ ଲଗା ଯାଇଛି । ମେରାଇନ୍ ଡ୍ରାଇଭ୍ ରୋଡ୍‌ରେ ସମୁଦ୍ରର ଅଶାନ୍ତ ରୂପ ଦେଖିବାକୁ ଆସୁଥିବା ଲୋକମାନେ ରାସ୍ତା ଉପରେ ରହି ସମୁଦ୍ରର ଅଶାନ୍ତ ରୂପ ଦେଖି ଫେରୁଥିବା ଦେଖିବାକୁ ମିଳିଥିଲା । ଜଟାଧାର ମୁହାଣ ପୋଲିସ୍ ରାସ୍ତା ଉପରେ ରହି ଲୋକମାନଙ୍କୁ ସମୁଦ୍ରକୂଳକୁ ଯିବା ପାଇଁ ବାରଣ କରୁଥିବା ଦେଖିବାକୁ ମିଳିଥିଲା । ସମୁଦ୍ର ଅଶାନ୍ତ ରହିବାରୁ ବହୁ ଉଚ୍ଚାଉଚ୍ଚା ଲହଡି କୂଳ ଲଙ୍ଘି ଥିବା ଦେଖିବାକୁ ମିଳିଛି । ସମୁଦ୍ରର କରାଳ ରୂପ ସହିତ ଲହଡିର ଶବ୍ଦ ବହୁ ଦୁରକୁ ଶୁଣିବାକୁ ମିଳିଛି ।

## ଦଶପଲ୍ଲାରେ ଶିଶୁ ଶ୍ରମିକ ବିଲୋପ ସଚେତନତା କର୍ମଶାଳା

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ଶିଶୁ ଶ୍ରମିକ ମୁକ୍ତ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବିଡିଓ ଶରତ କୁମାର ମଲ୍ଲିକ ଯୋଗଦେଇ କହିଥିଲେ ଯେ, ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ଦୋକାନ, ଶିଳ୍ପ ସଂସ୍ଥା କିମ୍ବା ଅନ୍ୟ ଶ୍ରମଭିତ୍ତିକ କାର୍ଯ୍ୟରେ ନିୟୋଜିତ କରିବା ଏକ ଆଇନତଃ ଦଣ୍ଡନୀୟ ଅପରାଧ। କୌଣସି ପରିସ୍ଥିତିରେ ମଧ୍ୟ ଶିଶୁମାନଙ୍କୁ ସେମାନଙ୍କ ମୌଳିକ ଶିକ୍ଷା ଓ ଅଧିକାରରୁ ବଞ୍ଚିତ କରାଯାଇ ପାରିବ ନାହିଁ। କାର୍ଯ୍ୟକ୍ରମରେ ବ୍ଲକ ଶ୍ରମ ଅଧିକାରିଣୀ ଲୋଇସା ସିଂ ଯୋଗଦେଇ ଶିଶୁ ଶ୍ରମିକମାନଙ୍କ ଚିହ୍ନଟ, ପୁନର୍ବାସ, ଥଇଥାନ ତଥା ସେମାନଙ୍କ ମାଗଣା ପାଠପଢ଼ା ପାଇଁ ସରକାରୀ ସ୍ତରରେ ଥିବା ବିଭିନ୍ନ ଯୋଜନା ଓ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଆୟୋଜିତ ଏହି ଆଲୋଚନା ଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ଓ ମାତୃ ମଙ୍ଗଳ ବିକାଶ ଅଧିକାରୀ ସଂଯୁକ୍ତା ସାମଲ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଯାନୀ, ଏଏସଆଇ ଅରୁଣ କୁମାର ଜେନା, ମହାବୀର ବଣିକ ମହାସଂଘର ଉପସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ବ୍ଲକ ସରପଞ୍ଚ ସଂଘ ସଭାପତି ବରୁଣ କୁମାର ପାତ୍ର, ବରିଷ୍ଠ ନାଗରିକ ମଞ୍ଚର କୋଷାଧ୍ୟକ୍ଷ ରଙ୍କନିଧି ସାହୁ, ଯୁବ ଶିଳ୍ପପତି ସୁନୀଲ କୁମାର ପାତ୍ର, ମନୋଜ ସୁବୁଦ୍ଧି ଏବଂ ସମାଜସେବୀ ରବି ନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ରହି ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ନିମନ୍ତେ ନିଜ ନିଜର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହାସହ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରମିକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ଶିଶୁ ଶ୍ରମିକ ମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ।

# କାନ୍ଥ ଭୁଶୁଡି ମହିଳାଙ୍କ ମୃତ୍ୟୁ ଘଟଣା : ଖବର ପ୍ରକାଶ ପରେ ପ୍ରଶାସନର ସହାୟତା ପ୍ରଦାନ

ଅସ୍ତରଙ୍ଗ, (ମହାଭାରତ) : ଲଘୁଚାପ ବର୍ଷା ଯୋଗୁ କାନ୍ଥ ଭୁଶୁଡି ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ଜେନାପୁର ଲୋଭାବତୀ ମୁଦୁଲୀ(୪୧)ଙ୍କ ଗତକାଲି ମୃତ୍ୟୁ ହେବା ଏକ ଅଭାବନୀୟ ଘଟଣାକୁ ନେଇ ପରିବାରରେ ଏକ ଶୋକାକୁଳ ପରିବେଶ ସୃଷ୍ଟିହୋଇଛି। ପ୍ରଥମେ ଚାରିଛକ ଓ ଚିକତ୍ସା ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଯାଇ ମଧ୍ୟ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ଗାଁକୁ ନଆଣି ସତ୍ୟନଗର ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। କିନ୍ତୁ ଛୋଟ ଛୋଟ ଦୁଇ ଝିଅ ଓ ଏକ ପୁଅ ମା'ର ଫେରିବା ବାଟକୁ ଚାହିଁବସିଲେ ମଧ୍ୟ ମାର ମୁହଁ ଦେଖି ନପାରିବାରୁ ଝୁରିହେବା ସବୁଠୁ ଦୁଃଖଦାୟକ



ଘଟଣା। ସେପଟେ ମାଆକୁ ଝୁରିଝୁରି ପିଲାଙ୍କ ଆଖିରୁ ଲୁହ ସରୁନି। ଏଭଳି ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଆଜି ସ୍ଥାନୀୟ ପ୍ରଶାସନ ତତ୍ପରତା ଆରମ୍ଭ ହୋଇଛି। ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ ମିଶ୍ର, ତହସିଲଦାର ପ୍ରିୟାଙ୍କପ୍ରିୟଦର୍ଶିନୀ ପତି, ଥାନା ଅଧିକାରୀ ରିତା ବେହେରା, ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ପ୍ରମୁଖ ଦୁଃଖଦ ସମୟରେ ଥିବା ଏହି ପରିବାରକୁ ଆଜି ଭେଟିଥିଲେ। ସ୍ଥାନୀୟ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା, ତହସିଲଦାର ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା, ବ୍ଲକ ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ଚାଉଳ ସହାୟତା ପ୍ରଦାନ କରି ଫେରିଛନ୍ତି। ସେହିପରି ଗତକାଲି ଖବର ପାଇ ବିଳମ୍ବିତ ରାତିରେ ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ପରିବାର ନିକଟରେ ପହଞ୍ଚି ମୃତ ମହିଳାଙ୍କ ସ୍ୱାମୀ ଓ ଛୋଟ ପିଲାଙ୍କୁ ଶାନ୍ତ୍ୱନା ଦେବା ସମେତ ସମବେଦନା ଜଣାଇଥିଲେ।

## ନଭେମ୍ବର୨ରେ ବ୍ଲକ୍‌ସ୍ତରୀୟ ସୁରଭି

ଓଡ଼ଗାଁ, (ମହାଭାରତ): ଆସନ୍ତା ନଭେମ୍ବର ୨ତାରିଖ ସୋମବାର ଦିନ ଓଡ଼ଗାଁ ବ୍ଲକ୍ ଗୋଡ଼ିପଡ଼ା ସର୍ଦ୍ଦାରପଟେଲ ଉଚ୍ଚ ବିଦ୍ୟାଳୟରେ ଓଡ଼ଗାଁ ବ୍ଲକ୍ ସ୍ତରୀୟ ସୁରଭି ଅନୁଷ୍ଠିତ ହେବ। ଏଥିରେ ବ୍ଲକ୍ ର ୧୫ଟି କ୍ଲଷ୍ଟରର ଛାତ୍ରଛାତ୍ରୀମାନେ ଭାଗ ନେବେ।ଦୁଇ ସପ୍ତାହ ତଳେ କ୍ଲଷ୍ଟରସ୍ତରୀୟ ସୁରଭିରେ ଛାତ୍ରଛାତ୍ରୀମାନେ କଳା ପ୍ରଦର୍ଶନ କରି ପୁରସ୍କୃତ ହେବାସହିତ ବ୍ଲକସ୍ତରକୁ ମନୋନୀତ ହୋଇଛନ୍ତି ।ଏହାସହିତ କୁଇଜ,ଡ଼ିବେଟ,ପ୍ରବନ୍ଧ ଆଦି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।୨ତାରିଖ ଦିନ ହେବାକୁ ଥିବା ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ଓ ସେମାନେ ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ଭାଗନେବେ ବୋଲି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ପିଣ୍ଟୁ ପ୍ରଧାନ ସୂଚନା ଦେଇଛନ୍ତି।

# ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, (ମହାଭାରତ): ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହତ ସମବାୟଭିତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସତର୍କତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଇଫକୋରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀମାନଙ୍କୁ ଦୂର୍ନିତୀମୁକ୍ତ ଭାବେ କାର୍ଯ୍ୟ କରିବାର ଶପଥ ପାଠ କରାଯାଇଥିଲା । ମଙ୍ଗଳବାର ଦିନ ଇଫକୋର ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍ ଶପଥପାଠ କରାଇଥିଲେ । ଇଫକୋର ଅଧ୍ୟକ୍ଷ ଦଲ୍ଲିପ ସଂଘାନୀ, ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲ୍, ଇଫକୋ ମୁଖ୍ୟ ସତର୍କତା ଅଧିକାରୀ ବିକାଶ ଗୋୟେଲ ଇଫକୋର ଅଧିକାରୀ, କର୍ମଚାରୀମାନଙ୍କୁ ସତର୍କତା ସଚେତନତା ସପ୍ତାହ ପାଳନର ଉଦ୍ଦେଶ୍ୟ ସମ୍ପର୍କର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଚଳିତ ମାସ ୨୨ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଇଫକୋ ପକ୍ଷରୁ ଏକ ସଚେତନତା ରଥ ବାହାରି ଇଫକୋ ସାର କାରଖାନା, ଆବାସିକ ସ୍ଥଳୀ ଆଦି ସ୍ଥାନରେ ବୁଲି ସଚେତନତା ସୃଷ୍ଟି କରିବାର ବାର୍ତା ପ୍ରଦାନ କରିଥିଲା । ଏହି ଅବସରରେ




ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଇଫକୋ ପରିବାର ସମେତ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥଲେ । ବୁଧବାର ଦିନ ଇଫକୋ ସଂସ୍କୃତି ଭବନ ପରିସରରେ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପୋଲିସ୍ ଆଇଜି ଡ. ସତ୍ୟଜିତ୍ ନାୟକ, ସମ୍ମାନୀତ ଅତିଥି ଭାବେ ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା ଯୋଗ ଦେଇଥିଲେ । ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହଙ୍କ ସମେତ ଇଫକୋର ବରିଷ୍ଠ ଅଧିକାରୀମାନେ ଏହି ଉଦଯାପନୀ ଉତ୍ସବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଇଫକୋ ପାରାଦୀପ ୟୁନିଟ୍ ସତର୍କତା ଅଧିକାରୀ ରାକେଶ ପାଣ୍ଡେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ ଇଫକୋ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା । ଶେଷରେ ଇଫକୋ ଜେଜିଏମ୍ ଏନ.ପି.ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ସତର୍କତା ସଚେତନତା ପ୍ରସାର ଓ ପ୍ରଚାର କ୍ଷେତ୍ରରେ ଇଫକୋର ଅବଦାନ ଅତୁଳନୀୟ ।

## ଧନ ଦେବୀଙ୍କ ପୂଜାରେ ଉତ୍ସବ ମୁଖର ହାଟଡିହି

ହାଟଡିହି, (ମହାଭାରତ): ହାଟଡିହି ବ୍ଲକ୍‌ର ହାଟଡିହି, ଜଳକଳଙ୍ଗ, ଛେନାପଦି, ଶାସଙ୍ଗ, ଚୋରଗଡ଼ିଆ, ଘୋଷରାପଦା, ଶାଳଣିଆଁ, ଅଣାଛକ, ମଲାରପଦା, ଶିବନାରାୟଣପୁର, ବରାଙ୍ଗ, ଗୋପାଳପୁରରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ପୂଜାପାଇଁ ହାଟଡିହି ଓ ଛେନାପଦି ବଜାର ଝଲସି ଉଠିଛି। ହାଟଡିହିଠାରୁ ଛେନାପଦିଛକ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ୧୦ଟି ମଣ୍ଡପରେ ମା' ପୂଜା ପାଉଛନ୍ତି। ଛେନାପଦିଛକ ତାରିଣୀ ବଜାର ପୂଜା କମିଟି ପକ୍ଷରୁ ରବିବାର କଳସ ଶୋଭାଯାତ୍ରା ପରେ ପଣ୍ଡିତ ବାବୁଲା ଆଚାର୍ଯ୍ୟ ପୂଜାର୍ଚ୍ଚନା ଆରମ୍ଭକରିଥିଲେ। ତାପସ ରାୟ, ପ୍ରତିମା ରାୟ, ସୁଧାଂଶୁ ବିଶ୍ୱାଳ, ମଧୁମିତା ସ୍ୱାଇଁ, ଯୁବରାଜ ସାମଲ, ଦେବିକା ଖୁଣ୍ଟିଆ, ସନ୍ଦୀପ ସାମଲ, ଜସ୍ମିନ ପ୍ରିୟଦର୍ଶନୀ କୁଅଁର, ରାମେଶ୍ୱର ରାଉତ, ତିରୋସ୍କୋଭା ରାଉତ କର୍ତ୍ତା ଭାବେ ରହିଛନ୍ତି। ଦୁର୍ଯ୍ୟୋଧନ ସାହୁ, ମମତା ସାହୁ, ଶଶୀ ସାମଲ, ସୁଧାକର ଓଝା, କିଶୋର ଆଚାର୍ଯ୍ୟ, ପ୍ରଶାନ୍ତ ରାଉତ, ଭାଗ୍ୟଧର ସାମଲ, ବିନୟ ନାୟକ, ଅଙ୍କିତ ରାଖି, ଅକ୍ଷୟ ଓଝା, ସୁଶାନ୍ତ ଜେନା, ସୁବାସ ଓଝା, ମଙ୍ଗୁଳି ବିଶ୍ୱାଳ, ରଞ୍ଜନ ସା, ସୌମ୍ୟରଞ୍ଜନ ଆଚାର୍ଯ୍ୟ, ଚୈତନ୍ୟ ପୁହାଣ, ହେମନ୍ତ ନାଥ, ନାରାୟଣ ଚନ୍ଦ୍ରଘଡ଼େଇ, ସତ୍ୟବ୍ରତ ସାହୁ ପୂଜାକାର୍ଯ୍ୟ ସମ୍ପାଦାନ କରୁଛନ୍ତି ବଉଳାରୋଡ ପୂଜା କମିଟି ପକ୍ଷରୁ ସୁଦର୍ଶନ ସା, ତ୍ରିଲୋଚନ ସା, ଧରିଆ ସା, ହଳଧର ଜେନା, କେଶବ ନାୟକ, ମହେଶ୍ୱର ସା, ପୂର୍ଣ୍ଣଚନ୍ଦ୍ର ସାହୁ, ନବକିଶୋର ନାୟକ, ବିପିନି ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଟାଙ୍କି ବଜାର ପୂଜା କମିଟି ପକ୍ଷରୁ ଲିପୁ ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଛେନାପଦି ଲକ୍ଷ୍ମୀବଜାର ପୂଜା କମିଟି ପକ୍ଷରୁ ରବୀନ୍ଦ୍ର କୁମାର ଜେନା, ଶିଶିର କୁମାର ବିଶ୍ୱାଳ, ମୁକ୍ତିକାନ୍ତ ପାଢ଼ୀ, ନିତ୍ୟାନନ୍ଦ ରଣା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି । ତୁଳସୀକମ୍ପ୍ଲେକ୍ସରେ ଦେବେନ୍ଦ୍ର ଜେନା, ରବୀନ୍ଦ୍ର ନାୟକ, ସତ୍ୟବ୍ରତ ଜେନା, ଅକାଶ ସା, ଯଜିନ୍ଦ୍ର ସା, ନାରାୟଣ ସାହାଣି, ବିକାଶ ବିଶ୍ୱାଳ ପୂଜାକାର୍ଯ୍ୟ ସମ୍ପାଦାନ କରୁଛନ୍ତି। କଲେଜ ଛକ ପୂଜା କମିଟିରେ ନିରାକାର ପାତ୍ର, ବାଦଲ ରାଉତ, କୃଷ୍ଣ ରାଉତ, ମାନସ ବେହେରା, ଶିବ ନାୟକ, ଅଖନ ଜେନା, ପପୁନୁ ଭୂୟାଁ, କାର୍ତ୍ତିକ ରଣା ପୂଜା ପରିଚାଳନା କରୁଛନ୍ତି। ଲକ୍ଷ୍ମୀନାରାୟଣ ପୂଜା କମିଟି ପକ୍ଷରୁ ହିମାଂଶୁ ନାୟକ, ବାବୁ ଘଡ଼େଇ, ମାନସ ମଲ୍ଲିକ, ଅଭିଷେକ ଜେନା, ସନାତନ ସାହୁ, ରବୀନ୍ଦ୍ର ସାହୁ କର୍ତ୍ତା ଭାବେ ରହିଛନ୍ତି ।

## ଜଙ୍ଗଲି ଜନ୍ତୁ ଶିକାରିଙ୍କ ଫାସରେ ଯୁବକ ମୃତ୍ୟୁ: ୩ ଗିରଫ

ଦଶପଲ୍ଲା, (ମହାଭାରତ): ଜଙ୍ଗଲରେ ଜନ୍ତୁ ଶିକାର ବେଳେ ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାରେ ବାଣୀଗୋଛା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୩ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ସମୟରେ ବାଣୀଗୋଛା ଥାନା ଅନ୍ତର୍ଗତ କନ୍ନଡ଼ି ଗ୍ରାମ ନିକଟ ଜଙ୍ଗଲି ଜନ୍ତୁ ଶିକାର ନିମନ୍ତେ ଶିକାରୀ ଫାସରେ ସ୍ଥାନୀୟ କନ୍ନଡ଼ି ଗ୍ରାମର ବାବୁଲା ନାଏକଙ୍କ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଏ ନେଇ ଥାନାରେ କେସ୍ ନଂ ୧୪୦/ ୨୦୨୬, ଭାରତୀୟ ନ୍ୟାୟ ସଂହିତା (ଈଘଝ)ର ଧାରା ୧୦୫ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତଦନ୍ତକାରୀ ଅଧିକାରୀ ଏସ୍ ?ଆଇ ବୀରେନ୍ଦ୍ର କୁମାର ଦେହୁରୀ ସଦଳବଳେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ କାବୁ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ କର୍ଣ୍ଣାଡ଼ି ଗ୍ରାମର ବାଜା ଓରଫ୍ ସୁଶାନ୍ତ ମଲ୍ଲିକ (୩୨), ଆଲେଖ ବେହେରା (୪୦) ଏବଂ ଡଙ୍ଗା ଓରଫ୍ ପ୍ରଦୀପ ଜାନୀ (୩୪)।

# ବିଧାୟକଙ୍କ ମାରାଥନ୍ ଗସ୍ତ: ବିଭିନ୍ନ ସାମାଜିକ, ଧାର୍ମିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଯୋଗଦାନ

ଉମରକୋଟ, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ଝରୀଗାଁ ଓ ଉମରକୋଟ ବ୍ଲକର ବିଭିନ୍ନ ଅଞ୍ଚଳରେ ଝରୀଗାଁ ବିଧାୟକ ଶ୍ରୀ ନରସିଂହ ଭତରା ଏକ ମାରାଥନ୍ ଗସ୍ତ କରି ବିଭିନ୍ନ ସାମାଜିକ, ଧାର୍ମିକ ଓ କ୍ରୀଡ଼ା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଗସ୍ତ ଅବସରରେ ସେ ଅଞ୍ଚଳବାସୀଙ୍କ ସହ ମିଶିବା ସହ ବିଭିନ୍ନ ଉତ୍ସବ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଝରୀଗାଁ ବ୍ଲକ ଅନ୍ତର୍ଗତ ଧୋଡ୍ରା ପଞ୍ଚାୟତର ଗୁଳିବଡନା ଗ୍ରାମରେ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ବିଧାୟକ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଖେଳାଳିମାନଙ୍କ ଉତ୍ସାହ ଓ ଦର୍ଶକଙ୍କ ଭରପୂର ଉପସ୍ଥିତି କ୍ରୀଡ଼ା ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା। ସେହିପରି, କାନକୋଟ ପଞ୍ଚାୟତର ପୂର୍ଲା ଗ୍ରାମରେ ଆୟୋଜିତ ରାବଣ ପୋଡ଼ି କାର୍ଯ୍ୟକ୍ରମରେ ଯୋଗଦେଇ



ଅଧର୍ମ ଉପରେ ଧର୍ମର ବିଜୟର ପବିତ୍ର ବାର୍ତ୍ତାକୁ ସ୍ମରଣ କରିଥିଲେ। ଉମରକୋଟ ବ୍ଲକ ଅନ୍ତର୍ଗତ ସିଙ୍ଗସାରି ପଞ୍ଚାୟତର କୁମ୍ଭାରଗୁଡ଼ା ଗ୍ରାମରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଗତ ମାତା ମଣ୍ଡପର ଶୁଭ ଶିଳାନ୍ୟାସ କରିଥିଲେ। ଏହି ପଦକ୍ଷେପ ଗ୍ରାମାଞ୍ଚଳରେ ଧାର୍ମିକ ଓ ସାମାଜିକ ଭିତ୍ତିଭୂମିର ବିକାଶ ଦିଗରେ ଏକ ଉଲ୍ଲେଖନୀୟ ପ୍ରୟାସ ହେବ ବୋଲି କହିଥିଲେ । ଏହାପରେ ସିଙ୍ଗସାରି ପଞ୍ଚାୟତର ମାଲବେଡ଼ା ଗ୍ରାମରେ ଆୟୋଜିତ ଦଶହରା ବଜାରରେ ଚେୟାରମ୍ୟାନ ବାସନ୍ତୀ ମାଝୀଙ୍କ ସହ ଯୋଗଦେଇ ମା' ଠାକୁରାଣୀଙ୍କ ଦର୍ଶନ କରିବା ସହ ଆଶୀର୍ବାଦ ଲାଭ କରିଥିଲେ। ସେହିପରି ଝରୀଗାଁ ବ୍ଲକର ତେନ୍ତୁଳିଗାଁ ପୂଜା ମଣ୍ଡପ ଏବଂ ଉମରକୋଟ ବ୍ଲକର ସାହେବଗୁଡ଼ା ଗ୍ରାମରେ ଆୟୋଜିତ ପବିତ୍ର ମା' ଗଜଲକ୍ଷ୍ମୀ ପୂଜାରେ ଯୋଗଦେଇ ମା'ଙ୍କ ଦିବ୍ୟ ଦର୍ଶନ କରିଥିଲେ। ଏହି ଅବସରରେ ମା' ଗଜଲକ୍ଷ୍ମୀ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଓ ମଙ୍ଗଳ ପ୍ରଦାନ କରନ୍ତୁ ବୋଲି ସେ କାମନା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି ଜଗଦୀଶ କଲାର, ଧଡ୍ରା ସରପଞ୍ଚ ମହେଶ୍ୱର ଭତରା, ପଞ୍ଚାନନ ବାବାଲି, ବଡ଼ଭରଣ୍ଡି ମଣ୍ଡଳ ସଭାପତି ଈଶ୍ୱର ଭତରା, ସୁଜନ ଭକ୍ତଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ବିଧାୟକଙ୍କ ଏହି ମାରାଥନ୍ ଗସ୍ତ ମାଧ୍ୟମରେ ଅଞ୍ଚଳର ସାମାଜିକ, ଧାର୍ମିକ ଓ କ୍ରୀଡ଼ା କାର୍ଯ୍ୟକଳାପ ସହ ତାଙ୍କର ସମ୍ପୃକ୍ତି ପ୍ରତିଫଳିତ ହୋଇଥିଲା।

## ସାନଗୋରଡ଼ା ଗ୍ରାମରେ ଚତୁର୍ବିଂଶ ଭାଗବତ କଥାମୃତ

ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ସାନଗୋରଡ଼ା ଗ୍ରାମର ଲଡୁକେଶ ମନ୍ଦିର ପ୍ରାଙ୍ଗଣରେ ୭ ଦିନ ବ୍ୟାପି ଚତୁର୍ବିଂଶ ଭାଗବତ କଥାମୃତ ଆଜିଠାରୁ ଆରମ୍ଭ ହୋଇଛି ।ପ୍ରଥମଦିନରେ ଗାଁର ମହିଳା, ପୁରୁଷମାନେ ଉପବାସ ରହି କୁସୁମୀ ନଦୀରୁ ଏକ କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ କଳସ ସ୍ଥାପନା କରିଚନ୍ତି ।ପ୍ରତ୍ୟେକ ସନ୍ଧ୍ୟା ୬ଟାରୁ ରାତ୍ର ସାଢେ ୧୦ଟା ପର୍ଯ୍ୟନ୍ତ ପାରାୟଣ ଚାଲିବ ।ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଯୋଗଦେଇ ସଂସାରର ବିଧିବିଧାନ ଉପରେ ପ୍ରବଚନ ଦେବେ ।ଶେଷଦିନ ହୋମଯଜ୍ଞ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢୀ ଯୋଗଦେଇ ଠାକୁରଙ୍କ ଆଶିର୍ବାଦ ନେବେ ।ସମ୍ମାନୀୟ ଅତିଥି ଭାବେ ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସମିତିସଭ୍ୟ ବସନ୍ତ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚାରଣ ବ୍ରଜବନ୍ଧୁ ଦାଶ ଆଦି ଯୋଗଦେବେ । ସାଧୁସନ୍ଥ ମଣ୍ଡଳୀର ପର୍ଶୁରାମ ଦାଶଜୀ ମହାରାଜ,ସନାତନ ଦାଶ ମହାରାଜ, ମଧୁସୂଦନ ଦାଶ ମହାରାଜ,ହରିହର ଦାଶ ମହାରାଜ,ଗେ ?ାତମ ଦାଶ ମହାରାଜ,ବିଷ୍ଣୁ ଦାଶ ମହାରାଜ, ଅଭୟ ଦାଶ ମହାରାଜ,ନିତ୍ୟାନନ୍ଦ ଦାଶ ମହାରାଜ,କୃଷ୍ଣ ମହାରାଜ ଓ ଧନେଶ୍ୱର ଦାଶ ମହାରାଜ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୪ ତାରିଖ ବୁଧବାର ଦିନ ଶେଷହେବ ଓ ସମସ୍ତ କାର୍ଯ୍ୟକୁ ସାନଗୋରଡ଼ା ଗ୍ରାମବାସୀ ପରିଚାଳନା କରୁଥିବା ମୁଖ୍ୟ ପରିଚାଳକ ସତ୍ୟନାରାୟଣ କର ସୂଚନା ଦେଇଛନ୍ତି ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ଓଡ଼ଗାଁ,(ମହାଭାରତ):ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି ।ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ଏଭଳି ଲଜ୍ଜାକର ଘଟଣା ଘଟିଛି ।ଅଭିଯୋଗ ଅନୁଯାୟୀ ଓଡ଼ଗାଁ ଥାନା ଅଞ୍ଚଳର ଜଣେ ୧୭ ବର୍ଷର ନାବାଳିକାଙ୍କୁ ଦଣ୍ଡୋର ବଡ଼ସାହିର ରାଜେନ୍ଦ୍ର କୁମାର ମିଶ୍ର (୨୮) ନିଜ ପ୍ରେମ ଜାଲରେ ଫସାଇଥିଲେ ।ଏକବର୍ଷ ଧରି ନାବାଳିକାଙ୍କ ସହ ସଂପର୍କ ସ୍ଥାପନକରି ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ।ନାବାଳିକାଙ୍କ ଘରେ କେହି ନଥିବାର ସୁଯୋଗ ନେଇ ତାଙ୍କସହ ଶାରିରୀକ ସଂପର୍କ ରଖିଥିଲେ ।ଏମିତିକି ରାଜେନ୍ଦ୍ରଙ୍କ ପରିବାର ଲୋକଙ୍କ ଅନୁପସ୍ଥିତିରେ ମଧ ନାବାଳିକାଙ୍କୁ ଘରକୁଡ଼ାକି ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ନାବାଳିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଏକବର୍ଷ ଧରି ନାବାଳିକାଙ୍କ ସହ ଶାରିରୀକ ସଂପର୍କ ରଖି ତାଙ୍କୁ ବିବାହ କରିବାକୁ ରୋକଠୋକ ମନା କରିଥିଲେ ।ଫଳରେ ନାବାଳିକା ଓଡ଼ଗାଁ ଥାନାର ଦ୍ୱାରସ୍ଥହୋଇ ଲିଖିତ ଅଭିଯୋଗ କରିଛନ୍ତି ।ପୁଲିସ ଘଟଣାର ତଦନ୍ତ କରିବାସହ ରାଜେନ୍ଦ୍ରଙ୍କୁ ଗିରଫକରି ଆଜି କୋର୍ଟଚାଲାଣ କରିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ଚୁଡ଼ାକୁଟି ବଜାରରେ ମହାଆଡ଼ମ୍ବରରେ ପାଳିତ ହେଲା ଗଜଲକ୍ଷ୍ମୀ ପୂଜା



ଧାମନଗର :(ମହାଭାରତ)ସାରା ରାଜ୍ୟରେ ଧନଧାନ୍ୟର ଦେବୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଶେଷ ହୋଇଥିବା ବେଳେ ଧାମନଗରର ପ୍ରସିଦ୍ଧ ଚୁଡ଼ାକୁଟି ବଜାରରେ ଏହାକୁ ନେଇ ଦେଖିବାକୁ ମିଳିଛି ଅପୂର୍ବ ଉତ୍ସାହ। ଚଳିତ ବର୍ଷ ଏହି ପୂଜା ଏକ ସ୍ୱତନ୍ତ୍ର ମାଇଲଖୁଣ୍ଟ ସ୍ଥାପନ କରିଛି। ଚୁଡ଼ାକୁଟି ବଜାରରେ ଚଳିତ ବର୍ଷ ମା' ଗଜଲକ୍ଷ୍ମୀଙ୍କ ପୂଜା ଦଶ ବର୍ଷରେ ପଦାର୍ପଣ କରିଛି। ଏହି ଦଶମ ବାର୍ଷିକୋତ୍ସବକୁ ଅତି ମହାଆଡ଼ମ୍ବର ଓ ଭକ୍ତିପୂତ ପରିବେଶରେ ପାଳନ କରାଯାଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଆଲୋକମାଳା ଓ ଭବ୍ୟ ତୋରଣ ସାରା ଅଞ୍ଚଳକୁ ଆଲୋକିତ କରିଥିବା ବେଳେ ଭକ୍ତଙ୍କ ଗହଳିରେ ଚଳଚଞ୍ଚଳ ହୋଇଉଠିଥିଲା ପୂଜା ମଣ୍ଡପ। ମା'ଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବିଶେଷ କରି ସନ୍ଧ୍ୟାରେ ଆୟୋଜିତ ବିଭିନ୍ନ ପ୍ରକାରର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବେଶ୍ ବିମୋହିତ କରିଥିଲା। ପାରମ୍ପରିକ ନୃତ୍ୟ ଠାରୁ ଆରମ୍ଭ କରି ଆଧୁନିକ ସଙ୍ଗୀତର ଆସର, ସବୁ କିଛି ଏହି ଉତ୍ସବର ମାହୋଲକୁ ଆହୁରି ଜମକଦାର କରି ଗଢ଼ିତୋଳିଥିଲା। ଲୋକେ ପୂଜାର ଆଧ୍ୟାତ୍ମିକତା ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୂର ଆନନ୍ଦ ନେଇଥିଲେ। ସ୍ଥାନୀୟ ବ୍ୟବସାୟୀ ସଂଘ ଏବଂ ପୂଜା କମିଟିର ସଦସ୍ୟମାନଙ୍କ ସହଯୋଗରେ ଏହି ୧୦ମ ବର୍ଷର ପୂଜା ମହୋତ୍ସବ ଅତି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଯାଇଛି।।

## ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଧାରଣରେ ବସିଲେ ଅଭିଭାବକ, ଗ୍ରାମବାସୀ

ବେତନଟୀ : ପିଲାଙ୍କ ହାତରେ ବହି ଓ କଲମ ଧରାଇ ଭବିଷ୍ୟତ ଗଢ଼ିବା ହେଉଛି ଶିକ୍ଷକଙ୍କ ପ୍ରମୁଖ ଦାୟିତ୍ୱ। କିନ୍ତୁ ବିଦ୍ୟାଳୟରେ ପାଠପଢ଼ା ପରିବର୍ତ୍ତେ ପିଲାମାନଙ୍କୁ ନିଜ ଗୋଡ଼ ଘୋଷେଇବା, ଘାସ ଉପାଡ଼ିବା, ଜାଳେଣି ପତ୍ର ସଂଗ୍ରହ କରି ବୋହିବା କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ଏବେ ଶିକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନଚିହ୍ନ ଛିଡ଼ା କରିଛି। ମୟୂରଭଞ୍ଜଜିଲ୍ଲା ବୈଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକମାନେ ।ଉପରୋକ୍ତ ବିଷୟ ନେଇ ଗତମାସ ୨୮ ତାରଖ ଦିନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରିଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ପରେ ଏନେଇ ଜିଲ୍ଲାପାଳଙ୍କୁ ମଧ ଗତ ୧୨ତାରିଖ ଦିନ ଲିଖିତ ଅଭିଯୋଗ ଦିଆଯିବା ସହିତ ୨୮ତାରିଖରେ ଧାରଣାରେ ବସିବା ନେଇ ଚେତାବନୀ ଦିଆଯାଇଥିଲାକ୍ଷ ଗତ ୧୬ତାରିଖ ବୈଶିଙ୍ଗା ଥାନାରେ ମଧ ଉକ୍ତ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ଦିଆଯାଇଥିଲାକ୍ଷ ହେଲେ ପ୍ରଶାସନ କିଛି ଶୁଣିନଥିଲା କି ସମସ୍ୟାର ସମାଧାନ ନେଇ ଚେଷ୍ଟା କରିନଥିଲା ।ଆଜି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଭିଭାବକ ଓ ଗ୍ରାମବାସୀମାନେ ଏକତ୍ରିତ ହୋଇ ପୂର୍ବାହ୍ନ ୧୦ଟାରୁ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି ।

# ରେଢ଼ାଖୋଲର କାହ୍ନୁନାଳି ଗ୍ରାମରେ ମୌଳିକ ସୁବିଧା ଅପହଞ୍ଚ

## ଭୋଟ ବର୍ଜନ ଚେତାବନୀ ଦେଲେ ଗ୍ରାମବାସୀ

ରେଢ଼ାଖୋଲ (ମହାଭାରତ)ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ରେଢ଼ାଖୋଲ ବ୍ଲକ ମୋଚିବାହାଳ ପଞ୍ଚାୟତ ଅନ୍ତର୍ଗତ କାହ୍ନୁନାଳି ଗ୍ରାମବାସୀ। ଗ୍ରାମକୁ ଯିବା ପାଇଁ ଭଲ ରାସ୍ତା ନାହିଁ, ପିଇବା ପାଣିର ସମସ୍ୟା ରହିଛି, ଶିଶୁଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ। ଏପରିକି ମୋବାଇଲ ନେଟଓ୍ୱର୍କ ଅଭାବରୁ ଜରୁରୀ ସମୟରେ ଆମ୍ବୁଲାନ୍ସ ଡାକିବା ମଧ କଷ୍ଟକର ହୋଇପଡୁଛି। ବାରମ୍ବାର ଗୁହାରି ପରେ ମଧ ସମସ୍ୟାର ସମାଧାନ ହୋଇନଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।ସୂଚନା ଅନୁଯାୟୀ,ଚାରମାଳରୁ କାହ୍ନୁନାଳି ଗ୍ରାମକୁ ଯିବା ପାଇଁ ପ୍ରାୟ ୫ କିଲୋମିଟର ରାସ୍ତା ରହିଥିବା ବେଳେ



ସେଥି ମଧ୍ୟରୁ ୧କିଲୋମିଟର ବାଟ ଖାଲଖମାରେ ପରିପୂର୍ଣ୍ଣ। ରାସ୍ତାରେ ଗୋଟିଏ ନାଳ ପଡୁଥିବାରୁ ବର୍ଷା ଦିନେ ଗ୍ରାମବାସୀଙ୍କ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ବିଶେଷ କରି ବର୍ଷା ଦିନ ସମୟରେ ଗ୍ରାମଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଏ। ଏଭଳି ସ୍ଥିତିରେ ରୋଗୀ ଓ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବା ଗ୍ରାମବାସୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି ।କେତେ ବେଳେ ଦୋଳା କରି ତ ଆଉ କେତେ ବେଳେ ଖଟିଆରେ ବୁହା ହୁଅନ୍ତି ରୋଗୀ, ଗ୍ରାମରେ ମୋବାଇଲ ନେଟଓ୍ୱର୍କ ଠିକ୍ ଭାବେ ଆସୁନଥିବାରୁ କାହାର ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସକୁ ଫୋନ୍ କରିବା ପାଇଁ ଗ୍ରାମବାସୀଙ୍କୁ ପାହାଡ଼ ଚଢ଼ିବାକୁ ପଡୁଛି। ଫୋନ୍ କରିବା ପରେ ମଧ ଆମ୍ବୁଲାନ୍ସ ଗ୍ରାମଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ରହିଯାଉଛି। ଫଳରେ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡୁଛି। ପରେ ସେଠାରୁ ରୋଗୀଙ୍କୁ ଚାରମାଳ ମେଡିକାଲକୁ ନିଆଯାଉଛି ।ଅନ୍ୟପକ୍ଷରେ ପାନୀୟ ଜଳ ସମସ୍ୟା ମଧ ଗ୍ରାମବାସୀଙ୍କ ଦୁଃଖକୁ ଦ୍ୱିଗୁଣିତ କରିଛି। ଗ୍ରାମରେ ଦୁଇଟି ନଳକୂପ ଥିଲେ ମଧ ସେଗୁଡ଼ିକ ବ୍ୟବହାର ଉପଯୋଗୀ ନଥିବା ଅଭିଯୋଗ ହୋଇଛି। ଫଳରେ ଲୋକେ ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରି ପିଇବା ସହ ଦୈନନ୍ଦିନ କାମରେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଦୂଷିତ ପାଣି ବ୍ୟବହାର ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କା ମଧ ରହିଛି। ଶିକ୍ଷା କ୍ଷେତ୍ରରେ ମଧ ଗ୍ରାମର ଅବସ୍ଥା ଚିନ୍ତାଜନକ। ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନଥିବାରୁ କୁନି କୁନି ଶିଶୁମାନେ ପ୍ରାକ୍-ଶିକ୍ଷା ଓ ଅଙ୍ଗନବାଡ଼ିରୁ ମିଳୁଥିବା ସୁବିଧାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ରାସ୍ତା ନିର୍ମାଣ ସହ ପାନୀୟ ଜଳ, ଅଙ୍ଗନବାଡ଼ି କେନ୍ଦ୍ର ଓ ମୋବାଇଲ ନେଟଓ୍ୱର୍କ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ମୋଚିବାହାଳ ସରପଞ୍ଚ ଓ ପ୍ରଶାସନଙ୍କ ନିକଟରେ ବାରମ୍ବାର ଗୁହାରି ଜଣାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ସେମାନେ କହିଛନ୍ତି। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଏଥର ରାସ୍ତା ନିର୍ମାଣ ସମେତ ମୌଳିକ ସମସ୍ୟାର ସମାଧାନ ନହେଲେ ଗ୍ରାମବାସୀ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏବେ ପ୍ରଶ୍ନ ଉଠୁଛି, କାହ୍ନୁନାଳି ଗ୍ରାମବାସୀଙ୍କ ଦୁର୍ଦ୍ଦଶା କେବେ ଦୂର ହେବ। ପ୍ରଶାସନ କେବେ ଏହି ଗ୍ରାମର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଦେବ, ତାହାକୁ ନେଇ ଅପେକ୍ଷାରେ ରହିଛନ୍ତି ଗ୍ରାମବାସୀ।

## ରାଷ୍ଟ୍ରୀୟ ଏକତା ଦିବସ ୨୦୨୬ ସମାରୋହ କଳାହାଣ୍ଡି ଜିଲ୍ଲାରୁ ୪୬ ଜଣିଆ ପ୍ରତିନିଧି ଦଳଙ୍କ ଗୁଜରାଟ ଗସ୍ତ

କଳାହାଣ୍ଡି(ମହାଭାରତ): ଆସନ୍ତା ଅକ୍ଟୋବର ୩୧ ତାରିଖ ରେ ଗୁଜୁରାଟର କେଭାଡିଆ ( ଏକତା ନଗର) ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍ତରୀୟ ରାଷ୍ଟ୍ରିୟ ଏକତା ଦିବସ ୨୦୨୬ ସମାରୋହରେ ଯୋଗ ଦେବା ପାଇଁ ଗତକାଲି ୨୭.୧୦.୨୦୨୬ ରିଖ କଳାହାଣ୍ଡି ଜିଲ୍ଲାରୁ ୪୬ ଜଣିଆ ପ୍ରତିନିଧି ଦଳ ଗୁଜୁରାଟ ଗସ୍ତ କରିଛନ୍ତି ।ସ୍ଥାନୀୟ ସର୍କିଟ ହାଉସଠାରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଉପସ୍ଥିତ ରହି ପ୍ରତିନିଧି ଦଳଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ଏବଂ ଯାତ୍ରା ର ଶୁଭ ମନାସି ଥିଲେ।' ନକ୍ସଲ ମୁକ୍ତ ଭାରତ ' ର ସନ୍ଦେଶ ନେଇ ପ୍ରତିନିଧି ଗଣ ଓଡ଼ିଶାର ୧୯ ଟି ନକ୍ସଲ ପ୍ରଭାବିତ ଅଞ୍ଚଳରେ ଆସିଥିବା




ବ୍ୟାପକ ପରିବର୍ତ୍ତନ ଓ ପ୍ରଗତିକୁ ଜାତୀୟ ସ୍ତରରେ ବାର୍ତ୍ତା ଦେବେ। ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଓ୍ୱାନ ପ୍ରତିନିଧି ଦଳ ଙ୍କ ବସ କୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ ଏବଂ ପ୍ରତିନିଧିଦଳ କେସିଙ୍ଗା ରେଳ ଷ୍ଟେସନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସମ୍ମିଳିତ ହୋଇଥିଲେ ଏବଂ ରାତ୍ର ୩.୦୦ ଘଣ୍ଟା ସମୟରେ ସ୍ୱତନ୍ତ ଟ୍ରେନ ରେ ଗୁଜୁରାଟ ଅଭିମୁଖେ ଯାତ୍ରା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଙ୍କ ସମେତ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶୁଭ୍ରାଂଶୁ ମିଶ୍ର, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଡ, ସହ ନିର୍ଦ୍ଦେଶକ ସଞ୍ଚୟ ଏବଂ ଆର୍ଥିକ ସେବା ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା,ଡି ପି ଇ ଓ ରୂପ ସିଂ ରାଉତ ପ୍ରମୁଖ ଉପସ୍ଥିତ ରହି କେସିଙ୍ଗା ରେଳ ଷ୍ଟେସନ ସମାବେଶ ରେ ଯୋଗ ଦେଇଥିଲେ।

ପ୍ରତିନିଧି ଦଳଙ୍କ ସମସ୍ତ ସୁବିଧା ବ୍ୟବସ୍ଥା ଏବଂ ସମନ୍ୱୟ ପାଇଁ ଦୁଇ ଜଣ ନୋଡାଲ ଅଧିକାରୀ ଅତିରିକ୍ତ ତହସିଲଦାର ଅର୍ମାନ୍ ଦେବ ପୁହାଣ ଓ ଅନୁଭବ ମହାନ୍ତି ଗୁଜୁରାଟ ଗସ୍ତ କରିଛନ୍ତି। କେସିଙ୍ଗା ରେଳ ଷ୍ଟେସନ ସମାବେଶ ରେ ଏସ ଡି ପି ଓ କେସିଙ୍ଗା ସନ୍ଦୀପ ମାଝୀ,ବି ଡି ଓ ଜନ୍ମେଜୟ ସ୍ୱାଇଁ ,ତହସିଲଦାର ପ୍ରଶାନ୍ତି ପ୍ରଧାନ ,ପୋଲିସ ଅଧିକାରୀ ବାବାଜୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବାତ୍ୟା 'ଅର୍ଣ୍ଣବ' ପ୍ରଭାବ: ଗଜପତିରେ ପ୍ରବଳ ବର୍ଷା,



ଗଜପତି(ମହାଭାରତ):ଗଜପତି ଜିଲ୍ଲାରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଜିଲ୍ଲା ପ୍ରସାଶନ ପକ୍ଷ ରୁ ତୁରନ୍ତ ପଦକ୍ଷେପ ନିଆ ଯାଉଛି। ରାସ୍ତାରେ ଗଛ ପଡ଼ିଥିବା କୁ କାଟି ସଫା କରାଯାଇଛି। ବିଭିନ୍ନ ବ୍ଲକରେ ବର୍ଷ ଯୋଗୁଁ ରାସ୍ତା ରେ ଅଧିକ ଜଳ ସ୍ରୋତ ପ୍ରବାହିତ ହେଉଥିବା ର ଦେଖିବାକୁ ମିଳିଛି। ବ୍ଲକ ର ବିଭିନ୍ନ ବାତ୍ୟା ଅଶ୍ରୟ ସ୍ଥଳୀ ପରିଦର୍ଶନ କରିଥିଲେ ।ଆଜି କ୍ରୀଡ଼ା ଓ ଯୁବସେବା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଗଜପତି ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ବାତ୍ୟା ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଥିଲେ। ଏଥିସହ ଆଶ୍ରୟସ୍ଥଳୀରେ ରହୁଥିବା ଲୋକଙ୍କ ସୁରକ୍ଷା, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ।

## ୧୮ ବର୍ଷ ବୟସ ହେଲା, ତଥାପି ରାସନ କାର୍ଡରେ ଯୋଡ଼ି ହେଉନି ନାମ

ପାଟଣାଗଡ଼ ( ମହାଭାରତ ) ୧୮ ବର୍ଷ ବୟସ ହୋଇଥିଲେ ମଧ ରାସନ କାର୍ଡରେ ଯୋଡ଼ି ହୋଇପାରୁନି ଦୁଇ ଝିଅଙ୍କ ନାମ। ବାରମ୍ବାର ଅନଲାଇନ୍‌ରେ ଆବେଦନ କରିବା ସତ୍ତ୍ୱେ ମିଳୁନାହିଁ ସୁଫଳ। ଶେଷରେ ଏହି ସମସ୍ୟାର ସମାଧାନ ଆଶାରେ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ପରିବାରର ମୁଖ୍ୟ ଭକ୍ତବନ୍ଧୁ ବରିହା ।ସୂଚନା ଅନୁଯାୟୀ, ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ କେରବେଢ଼ା ଗ୍ରାମ ପଞ୍ଚାୟତର ବାଞ୍ଜିଝାଲ ଗ୍ରାମର ଭକ୍ତବନ୍ଧୁ ବରିହାଙ୍କ ଦୁଇ ଝିଅଙ୍କ ବୟସ ୧୮ ବର୍ଷ ହୋଇସାରିଛି। ତଥାପି ଏଯାଏଁ ସେମାନଙ୍କ ନାମ ପରିବାରର ରାସନ କାର୍ଡରେ ସାମିଲ ହୋଇପାରିନାହିଁ । ଏନେଇ ପରିବାର ପକ୍ଷରୁ ଅନେକ ଥର ଅନଲାଇନ୍‌ରେ ଆବେଦନ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନଥିବା ଭକ୍ତବନ୍ଧୁ ଅଭିଯୋଗ କରିଛନ୍ତି ।ଏହି ସମସ୍ୟାର ସମାଧାନ ପାଇଁ ସେ କେରବେଢ଼ା ଗ୍ରାମ ପଞ୍ଚାୟତରେ ଆୟୋଜିତ ଜନଶୁଣାଣି ଶିବିରରେ ନିଜ ଅଭିଯୋଗ ଉପସ୍ଥାପନ କରିଛନ୍ତି । ବାରମ୍ବାର ଆବେଦନ କରି ମଧ ଦୁଇ ଝିଅଙ୍କ ନାମ ଯୋଡ଼ା ନଯିବାରୁ ପରିବାରକୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ସେ କହିଛନ୍ତି ।ତେଣୁ ସମ୍ପୃକ୍ତ ବିଭାଗ ଏହି ଅଭିଯୋଗ ଉପରେ ଦୃଷ୍ଟି ଦେବା ସହ ଆବେଦନର ସ୍ଥିତି ଯାଞ୍ଚ କରି ନିୟମ ଅନୁଯାୟୀ ଦୁଇ ଝିଅଙ୍କ ନାମ ରାସନ କାର୍ଡରେ ସାମିଲ କରିବାକୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଦାବି ହୋଇଛି ।ଏବେ ଦେଖିବାକୁ ବାକି ରହିଲା, ଜନଶୁଣାଣି ଶିବିରରେ ଅଭିଯୋଗ ପରେ ସମ୍ପୃକ୍ତ ବିଭାଗ କେବେ ଏହି ସମସ୍ୟାର ସମାଧାନ କରୁଛି ଏବଂ ଭକ୍ତବନ୍ଧୁ ବରିହାଙ୍କ ପରିବାରକୁ କେବେ ମିଳୁଛି ସୁଫଳ ।

## ଉପରମୁଣ୍ଡରେ ଲଗାଣ ବର୍ଷା; ବଂଶଧାରା ଓ ମହେନ୍ଦ୍ରତନୟାରେ ବଢୁଛି ଜଳସ୍ତର

ପାରଳାଖେମୁଣ୍ଡି : ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଗଜପତିଜିଲ୍ଲା ସମେତ ବଂଶଧାରା ନଦୀର ଉପରମୁଣ୍ଡରେ ବର୍ଷା ଜାରି ରହିଛି। ଫଳରେ ବଂଶଧାରା ଓ ମହେନ୍ଦ୍ରତନୟା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ଗୁରୁବାର ସକାଳ ସୁଦ୍ଧା କାଶୀନଗରଠାରେ ବଂଶଧାରା ନଦୀର ଜଳସ୍ତର ଆହୁରି ବଢ଼ିବା ନେଇ ଆକଳନ କରାଯାଇଛି। ଏହାକୁ ନେଇ ନଦୀକୂଳିଆ ଅଞ୍ଚଳରେ ଚିନ୍ତା ବଢ଼ିଥିବା ବେଳେ ନଦୀର ଜଳପ୍ରବାହ ଉପରେ ନଜର ରଖିବା ଜରୁରି ହୋଇପଡ଼ିଛି। ବୁଧବାର ସନ୍ଧ୍ୟା ୬ଟା ସୁଦ୍ଧା କାଶୀନଗରଠାରେ ବଂଶଧାରା ନଦୀର ଜଳସ୍ତର ୫୨.୬୫ ମିଟର ରେକର୍ଡ କରାଯାଇଛି। ନଦୀର ଶୂନ୍ୟ ସ୍ତର ୫୧ ମିଟର ଥିବାବେଳେ ସତର୍କ ସଙ୍କେତ ୫୪.୧୦ ମିଟର ଏବଂ ବିପଦ ସଙ୍କେତ ୫୪.୬୦ ମିଟର ରହିଛି। ବର୍ତ୍ତମାନର ଜଳସ୍ତର ସତର୍କ ସଙ୍କେତଠାରୁ ୧.୪୫ ମିଟର ତଳେ ରହିଛି। ତେବେ ଉପରମୁଣ୍ଡରେ ଲଗାଣ ବର୍ଷା ଜାରି ରହିଥିବାରୁ ଆଗାମୀ ସମୟରେ ନଦୀର ଜଳସ୍ତର ଆହୁରି ବଢ଼ିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଗୋଟା ବ୍ୟାରେଜ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ବୁଧବାର ସନ୍ଧ୍ୟା ୭ଟା ସୁଦ୍ଧା ବ୍ୟାରେଜ୍‌ର ଜଳସ୍ତର ୩୪.୬୦ ମିଟର ରହିଥିବା ବେଳେ ଜଳ ସଂରକ୍ଷଣ ୦.୦୩୮୦ ଟିଏମ୍‌ସି ରେକର୍ଡ ହୋଇଛି। ବ୍ୟାରେଜ୍‌କୁ ଜଳ ପ୍ରବେଶ ପରିମାଣ ପ୍ରତି ସେକେଣ୍ଡରେ ୧୬,୫୦୦ ଘନଫୁଟ ଥିବାବେଳେ ନିଷ୍କାସନ ପରିମାଣ ୧୯,୬୭୪ ଘନଫୁଟ ରହିଛି। ଅର୍ଥାତ୍, ଜଳ ପ୍ରବେଶ ତୁଳନାରେ ନିଷ୍କାସନ ପରିମାଣ ୩,୧୭୪ ଘନଫୁଟ ଅଧିକ ରହିଛି। ବ୍ୟାରେଜ୍‌ର ସମସ୍ତ ୨୨ ଗୋଟେ ଗେଟ ଜଳ ନିଷ୍କାସନ ପାଇଁ ଖୋଲା ଯାଇଛି। ଏପଟେ ମହେନ୍ଦ୍ରତନୟା ନଦୀରେ ମଧ ଜଳସ୍ତର ବୃଦ୍ଧି ପାଇଥିବାରୁ ନଦୀକୂଳିଆ ଗ୍ରାମଗୁଡ଼ିକରେ ସତର୍କତା ଅବଲମ୍ବନ ଜରୁରି ହୋଇପଡ଼ିଛି।

## ହାତୀ ଚଲାପଥ ସୂଚନା ଫଳକ ନାହିଁ

# ରାସ୍ତା ପାର୍ଶ୍ୱ ସଫାକୁ ନେଇ ବନ ବିଭାଗ ଓ ଲୋକଙ୍କ ମଧ୍ୟରେ ମତଭେଦ



ଲାଞ୍ଜିଗଡ଼,(ମହାଭାରତ): କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଏକ ବଣପାହାଡ଼ ଘେରା ଅଞ୍ଚଳ ହୋଇଥିବାରୁ ଏଠାରେ ବର୍ଷସାରା ଜଙ୍ଗଲୀ ହାତୀଙ୍କ ଚଳପ୍ରଚଳ ଲାଗି ରହିଥାଏ। ଅନେକ ସମୟରେ ହାତୀଙ୍କ ଗତିବିଧି ଯୋଗୁଁ ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ହାତୀ-ମଣିଷ ମୁହାଁମୁହିଁ ଘଟଣାରେ ଜୀବନହାନି ମଧ ଘଟିଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ ଜଙ୍ଗଲ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି ।ଲାଞ୍ଜିଗଡ଼ରୁ ବେନଗାଁକୁ ସଂଯୋଗ କରୁଥିବା ରାସ୍ତାଟି ବଣପାହାଡ଼ ଦେଇ ଯାଇଥିବାରୁ ଏହି ରାସ୍ତାରେ ଯାତାୟାତ ସମୟରେ ହାତୀଙ୍କ ସହ ମୁହାଁମୁହିଁ ହେବାର ଆଶଙ୍କା ରହିଛି। ତେବେ ଉକ୍ତ ରାସ୍ତାର କୌଣସି ସ୍ଥାନରେ ହାତୀ ଚଲାପଥ ସମ୍ପର୍କିତ ସୂଚନା ଫଳକ ଲାଗିନଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକେ ହାତୀଙ୍କ ଗତିବିଧି ସମ୍ପର୍କରେ ଆଗୁଆ ସତର୍କ ହେବାର ସୁଯୋଗ ପାଉନାହାନ୍ତି। ଅନ୍ୟପକ୍ଷରେ, ରାସ୍ତା ପାର୍ଶ୍ୱରେ ଅନାବନା ଗଛଲତା ବଢ଼ି ରହିଥିବାରୁ ଯାତାୟାତ ସମୟରେ ଦୃଶ୍ୟମାନତା ହ୍ରାସ ପାଉଥିବା ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଏକଜୁଟ ହୋଇ ରାସ୍ତା ପାର୍ଶ୍ୱରେ ଥିବା ଅନାବନା ଗଛଲତା ସଫା କରିବା ସହ ରାସ୍ତା ମରାମତି କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି ।ତେବେ ଅନାବନା ଗଛଲତା ସଫା କରିବାକୁ ନେଇ ବନ ବିଭାଗ ବିରୋଧ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ବନ ବିଭାଗକୁ ତାଗିଦ କରିବା ସହ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଦାବି କରିଛନ୍ତି। ଭବିଷ୍ୟତରେ ଏହି ରାସ୍ତାରେ ହାତୀଙ୍କ ଯୋଗୁଁ ଯଦି କୌଣସି ଦୁର୍ଘଟଣା ଘଟେ, ତେବେ ସେଥିପାଇଁ ବନ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।ଏଭଳି ପରିସ୍ଥିତିରେ ଲାଞ୍ଜିଗଡ଼-ବେନଗାଁ ରାସ୍ତାରେ ହାତୀ ଚଲାପଥ ସମ୍ପର୍କିତ ସତର୍କତାମୂଳକ ସୂଚନା ଫଳକ ସ୍ଥାପନ, ଆବଶ୍ୟକ ସ୍ଥାନରେ ରାସ୍ତା ପାର୍ଶ୍ୱ ସଫା କରିବା ଏବଂ ହାତୀଙ୍କ ଗତିବିଧି ସମ୍ପର୍କରେ ଲୋକଙ୍କୁ ନିୟମିତ ସୂଚନା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ବନ ବିଭାଗ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ହାତୀ ମଣିଷ ସଂଘର୍ଷର ଆଶଙ୍କା ହ୍ରାସ କରିବା ସହ ଯାତ୍ରୀଙ୍କ ସୁରକ୍ଷା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି ଜଣାଇଛନ୍ତି। ଏହି ଅଭିଯୋଗ ଉପରେ ବନ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

### ଏସ୍ଆଇଆର ଶୁଣାଣି ବେଳେ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନବାଣ

# ଫର୍ମ ୬,୭,୮କୁ ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ

**ନୂଆଦିଲ୍ଲୀ,୨୮।୧୦:** ଭାରତୀୟ ନିର୍ବାଚନ କମିଶନଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି ସୁପ୍ରିମକୋର୍ଟ। ନିର୍ବାଚନ କମିଶନ ଭୋଟର ପଞ୍ଜିକରଣ ପାଇଁ ଉପଲବ୍ଧ ଥିବା ଫର୍ମ ୬,୭,୮କୁ ମନଇଚ୍ଛା ବ୍ୟବହାର କରିପାରିବେ ନାହିଁ। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ବେଳେ ନିର୍ବାଚନ କମିଶନ ନିଜର ମୁଣ୍ଡ ଖଟାଉଛନ୍ତି ? ନିର୍ବାଚନ କମିଶନ ଦିଲ୍ଲୀ ଭୋଟର ତାଲିକାର ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରିବା ବେଳେ ମୁଣ୍ଡ ଖଟାଇଥିଲେ କି ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି ସର୍ବୋଚ୍ଚ ଅଦାଲତ। ୨୦୨୬ ଭୋଟର ତାଲିକାରେ ନାଁ ଥିବା ଲୋକମାନେ ଠିକଣା ପରିବର୍ତ୍ତନ କରିବା ପରେ କାହିଁକି ସେମାନଙ୍କୁ ନୂଆ ଭୋଟର ପାଇଁ ଉପଲବ୍ଧ ଫର୍ମ ୬ ପୂରଣ କରିବାକୁ କୁହାଯାଉଛି ବୋଲି ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ। ଯେଉଁ ମତଦାତାମାନେ ସେମାନଙ୍କ ଗଣନା ଫର୍ମ ଦାଖଲ କରିନାହାନ୍ତି କିମ୍ବା ପୂର୍ବ ଠିକଣା ବଦଳାଇ ଦେଇଛନ୍ତି, ସେଭଳି ଲୋକଙ୍କୁ ଠିକଣା ପରିବର୍ତ୍ତନ ପାଇଁ ଉପଲବ୍ଧ ଫର୍ମ ୮କୁ ପୂରଣ କରିବାକୁ ଅନୁମତି ଦେବାକୁ



ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦିଆଯାଇଛି। ଏକଥା ଶୁଣିବା ପରେ ଆପତ୍ତି ଦାଖଲ କରିବା ପାଇଁ କମିଶନ ଅକ୍ଟୋବର ୩୦ର ଧାର୍ଯ୍ୟ ସମୟକୁ ବୃଦ୍ଧି କରିବେ ବୋଲି କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ ନିର୍ବାଚନ କମିଶନ ଧାର୍ଯ୍ୟ କରିଥିବା ଅକ୍ଟୋବର ୩୦ ସମୟସୀମା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ଖଣ୍ଡପୀଠଙ୍କ କହିବା କଥା ଯେ ଦେଶର ରାଜଧାନୀରେ ଏବେ କୌଣସି ନିର୍ବାଚନ ନାହିଁ। ତେଣୁ ନାମ ପଞ୍ଜିକରଣ ପାଇଁ କଟ ଅଫ ତାରିଖ ଧାର୍ଯ୍ୟ କରିବାର କାରଣ କ'ଣ ? ଯେଉଁ ଭୋଟରମାନେ ବିଭିନ୍ନ କାରଣରୁ ନିଜର ପଞ୍ଜିକରଣ ଫର୍ମ ଦାଖଲ କରିପାରି ନାହାନ୍ତି, ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଗୋଟିଏ ସରଳ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଛନ୍ତି ଖଣ୍ଡପୀଠ। ଅସ୍ଥାୟୀ ଭାବେ ପଞ୍ଜିକୃତ ଠିକଣା ପରିବର୍ତ୍ତନ କରିଥିବା ଭୋଟରଙ୍କ ସହ ହୋଇଥିବା ବ୍ୟବହାରକୁ ନେଇ ଶୁଣାଣି ବେଳେ ଚିନ୍ତା ପ୍ରକଟ କରିଛନ୍ତି ଖଣ୍ଡପୀଠ। ଯଦି କେହି ଅସ୍ଥାୟୀ ଭାବେ ନିଜର ପଞ୍ଜିକୃତ ଠିକଣାରେ ନାହାନ୍ତି ଓ ଏହି ସମୟରେ ସେହି ଠିକଣାରେ ବୁଥସ୍ତରୀୟ ଅଧିକାରୀମାନେ ଗଣନା ଫର୍ମ ଧରି ପହଞ୍ଚୁଛନ୍ତି, ତା'ହେଲେ ସେମାନଙ୍କ ସହ ଏବେ କରାଯାଉଥିବା ବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ। ଯଦି କେହି ଠିକଣା ସମୟରେ ଫର୍ମ ଦାଖଲ କରୁଛନ୍ତି, ତେବେ ସେଭଳି ଲୋକଙ୍କ ଠାରୁ ଭୋଟଦାନର ଅଧିକାର କ'ଣ ଛଡ଼ାଇ ନିଆଯିବ ? ଭୋଟଦାନର ଅଧିକାର ଗୋଟିଏ ପ୍ରମୁଖ କାମ। ଠିକଣା ସମୟରେ ଫର୍ମ ଦାଖଲ ନ କଲେ, କ'ଣ ଜଣେ ଭୋଟରଙ୍କ ନାଁ ତାଲିକାରୁ କାଟି ଦିଆଯିବ ବୋଲି ପ୍ରଶ୍ନ କରିଛନ୍ତି ଜଷ୍ଟିସ ଜୟମାଲ୍ୟ ବାଗଚୀ। ନିର୍ବାଚନ କମିଶନଙ୍କୁ ଖଣ୍ଡପୀଠ ଆହୁରି ପ୍ରଶ୍ନ କରିଛନ୍ତି ଯେ ୨୦୨୬ ଭୋଟର ତାଲିକାରେ ଯେଉଁମାନଙ୍କ ନାଁ ଥିଲା, ସେମାନଙ୍କୁ ଠିକଣା ପରିବର୍ତ୍ତନ ପରେ କାହିଁକି ନୂଆ ଭୋଟରଙ୍କ ପାଇଁ ଉପଲବ୍ଧ ଫର୍ମ ୬ ଦାଖଲ କରିବାକୁ କୁହାଯାଉଛି ? ଏଭଳି ଭୋଟରଙ୍କ ପାଇଁ କାହିଁକି ଫର୍ମ ୮ର ବ୍ୟବହାର କରାଯାଉ ନାହିଁ ବୋଲି ବିସ୍ତୃତ ଭାବେ କହିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ। ଜଷ୍ଟିସ ବାଗଚୀ କହିଛନ୍ତି ଯେ ଫର୍ମ ୬, ୭ ଓ ୮କୁ ଆଇନ ଅନୁସାରେ ବ୍ୟବହାର କରିବାକୁ କୁହାଯାଇଛି।

# ଏସ୍‌ସିଓ ସମ୍ମିଳନୀ ପାଇଁ ପାକିସ୍ତାନକୁ ନିମନ୍ତ୍ରଣ କଲା ଭାରତ



### ଅପରେସନ ସିନ୍ଦୂର ପରେ ପ୍ରଥମ

**ନୂଆଦିଲ୍ଲୀ,୨୮।୧୦:** ପାକିସ୍ତାନକୁ ନୂଆଦିଲ୍ଲୀ ଆସିବାକୁ ଭାରତର ନିମନ୍ତ୍ରଣ। ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ସୃଷ୍ଟି ହୋଇଥିବା ତିକ୍ତତା ପରେ ପ୍ରଥମଥର ପାଇଁ ପାକିସ୍ତାନକୁ ନିମନ୍ତ୍ରଣ କରିଛି ଭାରତ। ଦିଲ୍ଲୀରେ ଅନୁଷ୍ଠିତ ସଂଘାଇ କର୍ପୋରେସନ ଅର୍ଗାନାଇଜେସନ (ଏସ୍‌ସିଓ) ସମ୍ମିଳନୀରେ ଯୋଗ ଦେବାକୁ ଭାରତ ପକ୍ଷରୁ ପାକିସ୍ତାନକୁ କରାଯାଇଛି ନିମନ୍ତ୍ରଣ। ନୂଆଦିଲ୍ଲୀରେ ପ୍ରଥମଥର ପାଇଁ ଏସ୍‌ସିଓ ସିଭିଲାଇଜେସନ ଡାଏଲଗ ଫରୋମ ଅନୁଷ୍ଠିତ ହେଉଛି। ଏଥିପାଇଁ ଆୟୋଜକ ଦେଶ ଭାବେ ଭାରତ ଏସ୍‌ସିଓର ସମସ୍ତ ୧୦ ସଦସ୍ୟ ରାଷ୍ଟ୍ରର ସଦସ୍ୟଙ୍କ ପାଖକୁ ନିମନ୍ତ୍ରଣ ପଠାଯାଇଛି। ଏହା ମଧ୍ୟରୁ ଗୋଟିଏ ପାକିସ୍ତାନର ଜାତୀୟ ଐତିହ୍ୟ ଓ ସଂସ୍କୃତି ମନ୍ତ୍ରୀ ଔରଙ୍ଗଜେବ ଖାନ ଖିଚିଙ୍କୁ ମଧ୍ୟ ଦିଆଯାଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଅପରେସନ ସିନ୍ଦୂରକୁ ନେଇ ସାମରିକ ବିବାଦ ୨୦୨୫ରେ ଦେଖିବାକୁ ମିଳିଥିଲା। ଦୁଇ ଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ରହିଛି। ତଥାପି ପ୍ରୋଟବଲ ଅନୁସାରେ ପ୍ରଥମଥର ପାଇଁ ଭାରତ ପକ୍ଷରୁ ଜଣେ ବରିଷ୍ଠ ପାକିସ୍ତାନୀ ମନ୍ତ୍ରୀଙ୍କୁ ନୂଆଦିଲ୍ଲୀକୁ ନିମନ୍ତ୍ରଣ କରାଯାଇଛି। ୨୦୨୩ରେ ପାକିସ୍ତାନର ତତ୍କାଳୀନ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦାରୀ ଭାରତ ଗସ୍ତରେ ଆସି ଗୋଆରେ ଆୟୋଜିତ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହା ପରଠାରୁ କୌଣସି ପାକିସ୍ତାନୀ ମନ୍ତ୍ରୀ ଭାରତ ଆସି ନାହାନ୍ତି। ଯଦି ଔରଙ୍ଗଜେବ ଭାରତ ଗସ୍ତରେ ଆସିବେ, ତା'ହେଲେ ୨୦୨୩ର ପୁନାରାବୃତ୍ତି ହେବ। ଅକ୍ଟୋବର ୨୦ରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ତାଜିକସ୍ତାନର ଦୁଶାନବେ ଠାରେ ଏସ୍ ?ସିଓର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ନୂଆଦିଲ୍ଲୀ ବୈଠକ ପାଇଁ ନିମନ୍ତ୍ରଣ କରାଯାଇଥିବା କହିଥିଲେ। ଏବେ ପାକିସ୍ତାନକୁ ମଧ୍ୟ ନିମନ୍ତ୍ରଣ ପତ୍ର ପଠାଯାଇଥିବା କୂଟନୀତିକ ସୂତ୍ରରୁ ସ୍ପଷ୍ଟ ହୋଇଛି। ରାଜନାଥଙ୍କ ଘୋଷଣା ବେଳେ ପାକିସ୍ତାନର ଉପ ପ୍ରଧାନମନ୍ତ୍ରୀ ଈଶାକ ଦାର ମଧ୍ୟ ଉପସ୍ଥିତ ରହିଥିଲେ। ବେଲାରୁସ, ଚାଇନା, ଭାରତ, ଇରାନ, କାଜାଖସ୍ତାନ, କିରଗିସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ ଓ ଉଜବେକିସ୍ତାନ ଭଳି ୧୦ଟି ରାଷ୍ଟ୍ର ଏସ୍‌ସିଓରେ ରହିଛନ୍ତି। ୨୦୧୭ରେ ଭାରତ ଏସ୍‌ସିଓର ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ମାନ୍ୟତା ପାଇଥିଲା।

# ୟୁଏଇର ସର୍ବୋଚ୍ଚ ସମ୍ମାନ ପାଇଲେ ଭାରତୀୟ ପାଇଲଟ୍ ସ୍ମିତ ମଚ୍ଛାର



**ନୂଆଦିଲ୍ଲୀ,୨୮।୧୦:** ୟୁଏଇ ଫ୍ଲାଏଦୁବାଇ ବିମାନକୁ ଦୁର୍ଘଟଣାରୁ ରକ୍ଷା କରିଥିବା ଭାରତୀୟ ପାଇଲଟ୍ କ୍ୟାପଟେନ୍ ସ୍ମିତ୍ ମଚ୍ଛାରଙ୍କୁ "ଜାୟେଦ୍ ଓଓ- ଫାଷ୍ଟ କ୍ଲାସ " ପୁରସ୍କାରରେ ସମ୍ମାନିତ କରିଛି। ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନ୍ ସମାରୋହ ସମୟରେ ମଚ୍ଛାରଙ୍କୁ ଆଲିଙ୍ଗନ କରିଥିଲେ। ଦୁବାଇର କ୍ରାଉନ୍ ପ୍ରିନ୍ସ ଶେଖ୍ ହମଦାନ ସ୍ମିତଙ୍କୁ ତାଙ୍କ ଦେଶର ଜଣେ ଆଇକନ୍ ଭାବରେ ବର୍ଣ୍ଣନା କରିଥିଲେ। ଜାଏଦ୍ ଓଓ ହେଉଛି ୟୁଏଇର ସର୍ବୋଚ୍ଚ ସମ୍ମାନ ମଧ୍ୟରୁ ଗୋଟିଏ। ଫ୍ଲାଏଦୁବାଇ ବିମାନର ପାଇଲଟ୍ ମଚ୍ଛାର ସେପ୍ଟେମ୍ବର ୩୦ ତାରିଖରେ ବିମାନକୁ ଦୁର୍ଘଟଣାଗ୍ରସ୍ତ କରିବାର ପ୍ରୟାସକୁ ବିଫଳ କରିଥିଲେ। ବିମାନଟି ଦୁବାଇରୁ ତେଲ ଅଭିଭ୍ ଯାତ୍ରା କରୁଥିଲା। ତାଙ୍କ ଉପରେ ସହ-ପାଇଲଟ୍ ଆକ୍ରମଣ କରିଥିଲେ। ରାଷ୍ଟ୍ରପତି ବିନ୍ ଜାଏଦ୍ ମଧ୍ୟ ବିମାନ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ। ୟୁଏଇର ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ଏବଂ ଦୁବାଇର ଶାସକ ଶେଖ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମାକତୁମ୍ ମଧ୍ୟ ଉପସ୍ଥିତ ଥିଲେ। ୟୁଏଇ ନେତାମାନେ କ୍ୟାପ୍ଟେନ୍ ମଚ୍ଛାର ଏବଂ କ୍ରୁଙ୍କ ସାହସ ଏବଂ ଦାୟିତ୍ୱକୁ ପ୍ରଶଂସା କରିଥିଲେ। ସେମାନେ ଉଲ୍ଲେଖ କରିଥିଲେ ଯେ କଷ୍ଟକର ପରିସ୍ଥିତିରେ ମଧ୍ୟ କ୍ରୁ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିଲେ।

### ୪ ରାଜ୍ୟର ୨୮ ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ

# କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହୋଇନାହିଁ

**ନୂଆଦିଲ୍ଲୀ,୨୮।୧୦:** ବିଧାନ ପରିଷଦ ନିର୍ବାଚନରେ ବି କଂଗ୍ରେସ ଚିତପଟାଙ୍ଗ। ୪ ରାଜ୍ୟରେ ୨୮ଟି ବିଧାନ ପରିଷଦ ସିଟ୍ ପାଇଁ ନିର୍ବାଚନ ହେଲା। କିନ୍ତୁ କଂଗ୍ରେସ ଗୋଟିଏ ଆସନରେ ଜିତି ପାରିଲା ନାହିଁ। ଦଳ କ୍ଷମତାରେ ଥିବା କର୍ଣ୍ଣାଟକାରେ ମଧ୍ୟ ମାଟି କାମୁଡ଼ିଛି। ଏଠାରେ ୪ଟି ବିଧାନ ପରିଷଦ ଆସନ ପାଇଁ ନିର୍ବାଚନ ହୋଇଥିଲେ ହେଁ କଂଗ୍ରେସ ଖାତା ଖୋଲିବାକୁ ସକ୍ଷମ ହୋଇନାହିଁ। ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର ଓ କର୍ଣ୍ଣାଟକାରେ କଂଗ୍ରେସ ଧରାଶାୟୀ ହୋଇଛି। କର୍ଣ୍ଣାଟକାର ୪ ବିଧାନ ପରିଷଦ ଆସନ ମଧ୍ୟରୁ କଂଗ୍ରେସ ପାଖରେ ଗୋଟିଏ ଥିଲା। ବେଙ୍ଗାଲୁରୁ ଆସନରୁ କଂଗ୍ରେସ ଏମଏଲସି ଏଥର ନିର୍ବାଚନ ମଧ୍ୟ ଲଢ଼ିଥିଲେ। ହେଲେ ଏଠାରେ ବିଜେପି ଓ ଜେଡିଏସର ମିଳିତ ଗୋଟିଏ ଚାଳନା ଯୋଗୁ କଂଗ୍ରେସ ପରାସ୍ତ ହୋଇଛି। ଜେଡିଏସ୍ ପ୍ରାର୍ଥୀ କଂଗ୍ରେସ ଠାରୁ ଏହି ଏମଏଲସି ଆସନଟିକୁ ଛଡ଼ାଇ ନେଇଛନ୍ତି। କଂଗ୍ରେସ କର୍ଣ୍ଣାଟକାରେ କ୍ଷମତାରେ ଥାଇ ମୂଳପୋଛ ହୋଇଯିବା ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କର୍ଣ୍ଣାଟକାରେ ବିଜେପି ପୂର୍ବଭଳି ଉତ୍ତର-ପୂର୍ବ ଟିଚର୍ସ, ଦକ୍ଷିଣ-ପୂର୍ବ ଗ୍ରାଜ୍ୟୁଏଟ୍ସ ଓ ପଶ୍ଚିମ ଗ୍ରାଜ୍ୟୁଏଟ୍ସ ଆସନ ନିଜ ପାଖରେ ରଖି ପାରିଛି। ବେଙ୍ଗାଲୁରୁରେ ଜେଡିଏସ୍ ପ୍ରାର୍ଥୀ ଏପି ରଙ୍ଗନାଥଙ୍କୁ ବିଜେପି ସମର୍ଥନ କରିଥିଲା। ଦୁଇ ଦଳର ମିଳିତ ପ୍ରାର୍ଥୀ ରଙ୍ଗନାଥ କଂଗ୍ରେସର ଏମଏଲସି ପୁଥାନ୍ନାଙ୍କୁ ୯୦୮ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ଉତ୍ତର-ପୂର୍ବ ଟିଚର୍ସ ସିଟ୍‌ରେ ବିଜେପିର ଏମଏଲସି ଶଶିଲ ଜି ନାମୋଶି କଂଗ୍ରେସର ଶାରାନାପ୍ପା ମୁଟ୍ଟୁରଙ୍କୁ ହରାଇଥିଛନ୍ତି। ନାମୋଶି ୫ମ ଥର ପାଇଁ ଏଠାରୁ ବିଜୟୀ ହୋଇଛନ୍ତି। କର୍ଣ୍ଣାଟକା ବ୍ୟତୀତ ମହାରାଷ୍ଟ୍ର, ବିହାର ଓ ଉତ୍ତର ପ୍ରଦେଶରେ ମଧ୍ୟ କଂଗ୍ରେସ ଗୋଟିଏ ଆସନ ଜିତି ପାରିନାହିଁ। ଯଦିଓ ଏହି ୩ ରାଜ୍ୟରେ କଂଗ୍ରେସ କ୍ଷମତାରେ ନାହିଁ, ତଥାପି ସାଂଗଠନିକ ଦୃଷ୍ଟିରୁ ବିଧାନ ପରିଷଦ ନିର୍ବାଚନରେ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। ୨୦୨୭ରେ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ଏଠାରେ ୧୧ଟି ବିଧାନ ପରିଷଦ ଆସନ ପାଇଁ ଭୋଟିଂ ହୋଇଥିଲା। ଆଉ ବିଜେପି ଓ ଅଖିଲେଶ ଯାଦବଙ୍କ ସପା ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଛି। କଂଗ୍ରେସ ସେମାନଙ୍କ ଆଖପାଖରେ ମଧ୍ୟ ପହଞ୍ଚି ପାରିନାହିଁ। ବର୍ତ୍ତମାନ ସୁଦ୍ଧା ବିଜେପି ୬ଟି ଆସନରେ ଜିତିଥିବା ବେଳେ ସପାର ପ୍ରାର୍ଥୀମାନେ ବାରାଣସୀର ଦୁଇଟି ଯାକ ଓ ଆଗ୍ରାରେ ଗୋଟିଏ ସିଟ୍ ଦଖଲ କରିଛନ୍ତି। ଆଉ ୨ଟି ଆସନ ପାଇଁ ଭୋଟ ଗଣତି ଜାରି ରହିଛି। ବିହାରର ୮ଟି ବିଧାନ ପରିଷଦ ଆସନ ପାଇଁ ହୋଇଥିବା ନିର୍ବାଚନରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି।

## କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ପୁଣି ୩% ବଢ଼ିଲା

**ନୂଆଦିଲ୍ଲୀ,୨୮।୧୦:** କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର। ଦୀପାବଳି ପୂର୍ବରୁ ନିଜର କର୍ମଚାରୀଙ୍କୁ ବଡ଼ ଭେଟି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ପୁଣି ୩% ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ମହଙ୍ଗା ଭତ୍ତା ବା ଡିଏ ୩% ବୃଦ୍ଧି ସଂକ୍ରାନ୍ତ ପ୍ରସ୍ତାବ ଉପରେ ଆଜି କେନ୍ଦ୍ର କ୍ୟାବିନେଟ ମୋହର ମାରିଛି। ଏହାପୂର୍ବରୁ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବଢ଼ିଥିଲା। ଦେଶରେ ଦେଖାଯାଇଥିବା ମହାଙ୍ଗା ମାଡ଼ ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ବର୍ଷକ ମଧ୍ୟରେ ୨ଥର ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। କେନ୍ଦ୍ରୀୟ କର୍ମଚାରୀମାନେ ସେମାନଙ୍କ ମୂଳ ଦରମାରେ ଅଧିକ ୨% ଟଙ୍କା ମହଙ୍ଗା ଭତ୍ତା ଆକାରରେ ପାଇବେ। ପୂର୍ବରୁ ସେମାନଙ୍କୁ ୫୮% ଡିଏ ମିଳୁଥିଲା। ଏହା ଏପ୍ରିଲରେ ୬୦% ଓ ଏବେ ୬୩% ହୋଇଯାଇଛି। ଏହି ବର୍ଦ୍ଧିତ ଦର ଜୁଲାଇ ୧ରୁ ପିଛିଲା ଭାବେ ଲାଗୁ ହେବ। ସରକାରଙ୍କୁ ଏଥିପାଇଁ ବାର୍ଷିକ ଅଧିକ ୧୦,୦୧୬ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ବର୍ଦ୍ଧିତ ମହଙ୍ଗା ଭତ୍ତା କେବଳ ବେତନଭୋଗୀ ନୁହନ୍ତି, ବରଂ ପେନସନଧାରୀଙ୍କ ପାଇଁ ମଧ୍ୟ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପ୍ରାୟ ୧ କୋଟି କର୍ମଚାରୀ ଓ ପେନସନଧାରୀଙ୍କୁ ଫାଇଦା ଦେବ। କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩% ବୃଦ୍ଧି ପାଇବାର ଅର୍ଥ ଲେଭଲ ୧ର କର୍ମଚାରୀମାନେ ଏଣିକି ୧୧,୩୪୦ ଟଙ୍କା ପାଇବେ। ୬୦% ମହଙ୍ଗା ଭତ୍ତା ହିସାବରେ ସେମାନଙ୍କୁ ୧୦,୮୦୦ ଟଙ୍କା ମିଳୁଥିଲା। ଏବେ ସେମାନେ ଅଧିକ ୫୪୦ ଟଙ୍କା ମହଙ୍ଗା ଭତ୍ତା ଆକାରରେ ପାଇବେ।

## ଧୂଳିସାତ ହେଲା ଭାରତୀୟ ଶେୟାର ବଜାର

**ନୂଆଦିଲ୍ଲୀ,୨୮।୧୦:** ବୁଧବାର ଭାରତୀୟ ଶେୟାର ବଜାରରେ ଆରମ୍ଭରୁ ହିଁ ଭାରି ବିକ୍ରି ଚାପ ଦେଖାଦେଇଛି। ଝରଭସ୍ୱରଙ୍ଘ ୭୦୦ ପଏଣ୍ଟ ନିକଟରେ ଖସିଥିବା ବେଳେ ଘସଲସ୍ୱଚ୍ଛ ୨୨,୬୦୦ ତଳକୁ ଖସିଛି। ସବୁଠୁ ବେଶି ଚାପ ଓଞ୍ଚ ଶେୟାରରେ ଦେଖିବାକୁ ମିଳିଛି। ବୁଧବାର ସକାଳେ ଭାରତୀୟ ଶେୟାର ବଜାରରେ ନିବେଶକଙ୍କୁ ବଡ଼ ଝଟକା ଲାଗିଛି। ବଜାର ଖୋଲିବା ପରଠାରୁ ବିକ୍ରି ଚାପ ବଢ଼ିବା ସହିତ ପ୍ରମୁଖ ସୂଚକାଙ୍କ ଲାଲ୍ ଚିହ୍ନରେ ଖସିଯାଇଥିଲେ। ପ୍ରାରମ୍ଭିକ କାରବାରରେ ଝରଭସ୍ୱରଙ୍ଘ ୬୬୭ ପଏଣ୍ଟରୁ ଅଧିକ ଖସି ୭୨,୯୩୧ ନିକଟକୁ ଆସିଥିଲା। ଘସଲସ୍ୱଚ୍ଛ ମଧ୍ୟ ପ୍ରାୟ ୧୫୯ ପଏଣ୍ଟ ହ୍ରାସ ପାଇ ୨୨,୫୯୧ ନିକଟରେ ପହଞ୍ଚିଥିଲା। ପରେ ଆହୁରି ତଳକୁ ଆସିଥିଲା। ଆଜିର ପ୍ରାରମ୍ଭିକ କାରବାରରେ ସବୁଠୁ ବେଶି ଚାପ ଟେକ୍ନୋଲୋଜି ଓ ଓଞ୍ଚ ଶେୟାର ଉପରେ ଦେଖାଯାଇଛି। ଘସଲସ୍ୱଚ୍ଛ ଓଞ୍ଚ ଓଭୟରଙ୍ଘ ପ୍ରାୟ ୩ ପ୍ରତିଶତରୁ ଅଧିକ ଖସିଥିଲା।

## ବିଦେଶୀ ହେବା ଜାମିନ୍ ରୋକିବାର ଆଧାର ନୁହେଁ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୮ ।୧୦:** ବୈଧ ଓ ଅଧିକୃତ ଉପାୟରେ ଭାରତ ଆସିଥିବା ବିଦେଶୀ ନାଗରିକଙ୍କୁ ୟୁଏପିଏରେ ଜାମିନ ଦିଆଯାଇ ପାରିବ । କେବଳ ବିଦେଶୀ ହୋଇଥିଲେ ଏହା ଜାମିନ ରୋକିବାକୁ ଯଥେଷ୍ଟ ବୋଲି କୁହାଯାଇ ପାରିବ ନାହିଁ । ସୁପ୍ରିମକୋର୍ଟ ମଙ୍ଗଳବାର ଏହି ଟିପ୍ପଣୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜଷ୍ଟିସ ଅରବିନ୍ଦ କୁମାର ଓ ଜଷ୍ଟିସ ବିପୁଲ ଏମ୍ ପଞ୍ଚୋଲିଙ୍କ ଖଣ୍ଡପୀଠ ମାଡ୍ରାସ ହାଇକୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି । ଆତଙ୍କବାଦ ସହ ଜଡ଼ିତ ମାମଲାରେ ଏକ ତଳ କୋର୍ଟ ଜଣେ ଶ୍ରୀଲଙ୍କା ନାଗରିକଙ୍କ ଜାମିନ ରଦ୍ଦ କରିଥିଲେ । ଏହି ଆଦେଶକୁ ହାଇକୋର୍ଟ ଖାରଜ କରିଦେଇଥିଲେ । ହାଇକୋର୍ଟଙ୍କ ରାୟକୁ କାଏମ ରଖି ସର୍ବୋଚ୍ଚ ଅଦାଲତ କହିଛନ୍ତି, ଅଭିଯୁକ୍ତ ମହମ୍ମଦ ରିଫାସ ଓରଫ ମହମ୍ମଦ ରିଗଓ୍ୱାସ ବେଆଇନ ଭାବେ ବା ବିନା ଅନୁମତିରେ ଭାରତରେ ପ୍ରବେଶ କରିଥିବା ନେଇ ଏନ୍ଆଇଏ ପ୍ରମାଣ କରିପାରି ନାହିଁ । ରେକର୍ଡ ମୁତାବକ, ସେ ବୈଧ ଭିସାରେ ଭାରତ ଆସିଥିଲେ ଏବଂ ଭିସା ଅବଧି ଶେଷ ହେବା ପରେ ତାଙ୍କ ରହଣି ବେଆଇନ ବିବେଚିତ ହୋଇଥିଲା । ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି, ବିଦେଶୀ ନାଗରିକଙ୍କୁ ୟୁଏପିଏର ଧାରା ୪୩ଡି(୭) ଅନୁସାରେ, ଜାମିନ ଦେବା ଲାଗି କଠୋର ସର୍ତ୍ତ ରହିଛି । ତଥାପି ଅଭିଯୋଜନ ପକ୍ଷ ଅଭିଯୁକ୍ତ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିବା ନେଇ ପ୍ରମାଣ କରିପାରି ନାହାନ୍ତି । ଏନ୍ଆଇଏ ସେଭଳି କୌଣସି ରେକର୍ଡ ପ୍ରମାଣ ଭାବେ ରଖିପାରି ନାହିଁ, ଯାହାଦ୍ୱାରା ଅଭିଯୁକ୍ତଙ୍କ ପ୍ରବେଶ ଅନଧିକୃତ ବା ଅବୈଧ ପ୍ରମାଣିତ ହୋଇପାରିବ । ରିଫାସ ବୈଧ ଭିସା ଜରିଆରେ ଭାରତ ଆସିଥିବା ପରେ ଏଫଆଇଆରରେ କୁହାଯାଇଥିଲା । କିନ୍ତୁ , ଭିସା ଅବଧି ସରିବା ପରେ ଭାରତରେ ରହିବା ବେଆଇନ ହୋଇଯାଇଥିଲା ।

# କେନ୍ଦ୍ରମନ୍ତ୍ରୀ ହରଦୀପ ପୁରୀଙ୍କୁ ପୁଣି ସୁଯୋଗ ଦେଲା ବିଜେପି

**ନୂଆଦିଲ୍ଲୀ,୨୮।୧୦:** କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଭବିଷ୍ୟତକୁ ନେଇ ଲାଗିଥିବା ଅନିଶ୍ଚିତତାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ଅନେକ ବିବାଦରେ ଫସିଥିବା ହରଦୀପ ପୁରୀଙ୍କୁ ପୁଣି ସୁଯୋଗ ଦେବାକୁ ନିଷ୍ପତ୍ତି ନେଇଛି ବିଜେପି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ପୁରୀଙ୍କୁ ମଧ୍ୟପ୍ରଦେଶରୁ ରାଜ୍ୟସଭା ପ୍ରାର୍ଥୀ କରିଛି ଦଳ। ମଧ୍ୟପ୍ରଦେଶର ଗୋଟିଏ ରାଜ୍ୟସଭା ଆସନ ପାଇଁ ଉପ ନିର୍ବାଚନ ହେବ। ଆଉ ବିଜେପିର କେନ୍ଦ୍ରୀୟ ନିର୍ବାଚନ କମିଟି ଏଥିପାଇଁ ପୁରୀଙ୍କ ନାଁ ଘୋଷଣା କରିଛି। କେନ୍ଦ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଏଲ ମୁର୍ଗାନ ନିକଟରେ ରାଜ୍ୟସଭା ଓ କେନ୍ଦ୍ର କ୍ୟାବିନେଟରୁ ଇସ୍ତଫା ଦେଇଥିଲେ। ସେ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ଯାଇଥିଲେ। ହେଲେ ସେ ଇସ୍ତଫା ଦେଇଥିବାରୁ ଏଠାରେ ଉପ ନିର୍ବାଚନ ହେବାକୁ ଯାଉଛି ଓ ବିଜେପି ହରଦୀପ ପୁରୀଙ୍କୁ ପ୍ରାର୍ଥୀ କରିଛି। ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ଏକମାତ୍ର ଶିଖ



ସଦସ୍ୟ ହେଉଛନ୍ତି ହରଦୀପ ସିଂହ ପୁରୀ। ପୂର୍ବରୁ ସେ ଉତ୍ତର ପ୍ରଦେଶରୁ ରାଜ୍ୟସଭାକୁ ଯାଇ ମୋଦିଙ୍କ କ୍ୟାବିନେଟରେ ସ୍ଥାନ ପାଇଥିଲେ। ତାଙ୍କ କାର୍ଯ୍ୟକାଳ ନଭେମ୍ବରରେ ଶେଷ ହେଉଥିବା ବେଳେ ବିଜେପି ତାଙ୍କୁ ନିକଟରେ ଉତ୍ତର ପ୍ରଦେଶ ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ କରି ନଥିଲା। ତେଣୁ ପୁରୀଙ୍କ ରାଜନୀତିକ ଭବିଷ୍ୟତକୁ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ସେହିପରି ଯୌନ ଶିଶୁ ଅପରାଧୀ ଜେଫ୍ରୀ ଏପଷ୍ଟିନଙ୍କ ସହ ପୁରୀଙ୍କ ଗୋଟିଏ ଫଟୋ ମଧ୍ୟ ନିକଟରେ ଭାଇରାଲ ହେବାକୁ ବିରୋଧୀ ଏହାକୁ ପ୍ରସଙ୍ଗ କରିଥିଲେ। ସେମାନେ ହରଦୀପ ପୁରୀଙ୍କୁ କେନ୍ଦ୍ରମନ୍ତ୍ରୀ ପଦରୁ ହଟାଇବାକୁ ମଧ୍ୟ ଦାବି କରୁଛନ୍ତି। ଏପରି ସ୍ଥିତିରେ ବିଜେପି ୭୪ ବର୍ଷୀୟ ପୁରୀଙ୍କୁ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ପଠାଇ ପୁଣି କେନ୍ଦ୍ରମନ୍ତ୍ରୀ ପଦରେ ରଖିବାକୁ ଯୋଜନା କରିଛି। ପୁରୀ ଦୁଇ ଥର ରାଜ୍ୟସଭାକୁ ଯାଇ ସାରିଲେଣି। ସେ ଏକଦା ଲୋକସଭା ନିର୍ବାଚନ ଲଢ଼ିଥିଲେ ହେଁ ତାଙ୍କୁ ପରାସ୍ତ ହେବାକୁ ପଡ଼ିଥିଲା। ଏବେ ସେ ତୃତୀୟ ଥର ପାଇଁ ରାଜ୍ୟସଭାକୁ ଯିବା ଏକ ପ୍ରକାରର ନିଶ୍ଚିତ ହୋଇଛି। କାରଣ ମଧ୍ୟପ୍ରଦେଶରେ ବିଜେପିର ସରକାର ରହିଛି। ଜଣେ ରାଜନେତାଙ୍କୁ ମଧ୍ୟପ୍ରଦେଶରୁ ରାଜ୍ୟସଭାକୁ ପଠାଇବା ପାଇଁ ବିଜେପି ପାଖରେ ଆବଶ୍ୟକ ବିଧାୟକ ଅଛନ୍ତି।

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ଔଷଧ ଉତ୍ପାଦନକାରୀଙ୍କୁ ଏତେ ଅନୁଗ୍ରହ କାହିଁକି

**ନୂଆଦିଲ୍ଲୀ,୨୮।୧୦:** ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ (ଏମ୍ଆରପି) ଏବଂ ଖୁଚୁରା ବ୍ୟବସାୟୀଙ୍କ ପାଇଁ ଥିବା ମୂଲ୍ୟ ମଧ୍ୟରେ ଅତ୍ୟଧିକ ବ୍ୟବଧାନକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ସବମ୍ପୂର୍ଣ୍ଣ ବ୍ୟବସ୍ଥା ଔଷଧ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ସହାୟତା ପାଇଁ କାର୍ଯ୍ୟ କରୁଛି କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପଚାରିଛନ୍ତି। କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ, ସରକାରଙ୍କ ନୀତି ହେଉଛି, ସମ୍ପୂର୍ଣ୍ଣ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯିବ ନାହିଁ। ଶୁଣାଣି ବେଳେ ଜଷ୍ଟିସ୍ ବିକ୍ରମ ନାଥ ଓ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥାର କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ସମ୍ପୂର୍ଣ୍ଣ ଅଚଳ ସଂସ୍ଥାରେ ପରିଣତ ହୋଇଥିଲା ଭଳି ଜଣାପଡୁଥିବା ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଦେଶରେ ଔଷଧର ମୂଲ୍ୟ ପ୍ରସଙ୍ଗକୁ ନେଇ ୨ଟି ପିଟିଶନ୍‌ର ଶୁଣାଣି ହୋଇଥିଲା। ଏମ୍ଆରପି ଏବଂ ଖୁଚୁରା ବିକ୍ରେତାଙ୍କ ପାଇଁ ଥିବା ମୂଲ୍ୟ ମଧ୍ୟରେ ବ୍ୟାପକ ପାର୍ଥକ୍ୟକୁ ସରକାର ଅନୁମତି ଦେଉଛନ୍ତି। ସରକାରଙ୍କ ଆଖି ଆଗରେ ଏସବୁ ଘଟୁଛି। ଏହାକୁ ଅନିୟନ୍ତ୍ରିତ ଭାବେ ଛାଡ଼ିଦିଆଯିବା ଉଚିତ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟି ଉପସ୍ଥିତ ରହି ଖଣ୍ଡପୀଠଙ୍କୁ କହିଥିଲେ, ଭାରତରେ ଔଷଧ ମୂଲ୍ୟ ବିଶ୍ୱରେ ସବୁଠୁ କମ୍ ଥିଲା। ସରକାରୀ ପକ୍ଷଙ୍କ ମତ ଶୁଣିବା ପରେ ଖଣ୍ଡପୀଠ ରାୟ ସଂରକ୍ଷିତ ରଖିଛନ୍ତି। ଗତ ୧୨ ତାରିଖରେ ସର୍ବୋଚ୍ଚ ଅଦାଲତ କହିଥିଲେ, କ୍ୟାନ୍‌ସର ଔଷଧର ସର୍ବାଧିକ ଖୁଚୁରା ମୂଲ୍ୟ ଉପରେ ବାଣିଜ୍ୟ ମାର୍ଜିନକୁ ୩୦ ପ୍ରତିଶତରେ ସୀମିତ ରଖିବା ନେଇ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟାରେ ଖୁସି ହେଲାଭଳି କିଛି ନାହିଁ। ସବୁ ଔଷଧ ଉପରେ ଟ୍ରେଡ୍ ମାର୍ଜିନ୍‌କୁ ସରକାର ସୀମିତ କରୁନାହାନ୍ତି କାହିଁକି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

# ସୁଡାନରେ ଭୟଙ୍କର ଡ୍ରୋନ୍ ଆକ୍ରମଣ: ୧୦୦ରୁ ଅଧିକ ମୃତ, ୧୧୩ ଆହତ

**ନୂଆଦିଲ୍ଲୀ,୨୮।୧୦:** ସୁଡାନରେ ଜାରି ରହିଥିବା ଗୃହଯୁଦ୍ଧ ମଧ୍ୟରେ ଡ୍ରୋନ୍ ଆକ୍ରମଣ । ଭୟଙ୍କର ବିସ୍ଫୋରଣରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୧୧୩ଜଣ ଆହତ ହୋଇଛନ୍ତି। ଦକ୍ଷିଣ-ପଶ୍ଚିମ ସୁଡାନର ଦକ୍ଷିଣ ଦାରଫୁର ପ୍ରଦେଶର ରାଜଧାନୀ ନ୍ୟାଲା ସହରରେ ଏହି ଆତ୍ମଘାତୀ ଡ୍ରୋନ୍ ହମଲା ହୋଇଛି । ଦେଶର ମାନବାଧିକାର ସଂଗଠନ 'ଇମର୍ଜେନ୍ସି ଲୟର୍ସ' ମଙ୍ଗଳବାର ଜାରି ନିଜର ବିବୃତିରେ ଏହି ହମଲା ପାଇଁ ସୁଡାନୀ ସେନାକୁ ଦାୟୀ କରିଛି । 'ଇମର୍ଜେନ୍ସି ଲୟର୍ସ' ଅନୁସାରେ, ସୋମବାର ସନ୍ଧ୍ୟାରେ ଏହି ଡ୍ରୋନ୍ ଆକ୍ରମଣ ହୋଇଥିଲା। ଶତାଧିକ ମୃତାହତଙ୍କ ମଧ୍ୟରେ ବହୁ ସଂଖ୍ୟାରେ ମହିଳା ଓ ଶିଶୁ ଥିବା କୁହାଯାଉଛି। ରାଜଧାନୀ ନ୍ୟାଲାର ଜନଗହଳୀପୂର୍ଣ୍ଣ ସ୍ଥାନ ଶ୍ମଶାନରେ ପରିଣତ ହୋଇଛି । ଅନ୍ୟପଟେ ଏହି ଡ୍ରୋନ ଅକ୍ରମଣକୁ 'ଇମର୍ଜେନ୍ସି ଲୟର୍ସ' ସଂଗଠନ ତୀବ୍ର ନିନ୍ଦା କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି ।

ଅନ୍ତର୍ଜାତୀୟ ଚିକିତ୍ସା ସଂଗଠନ 'ଡକ୍ଟର୍ସ ୱିଦାଉଟ୍ ବର୍ଡର୍ସ' ପୂର୍ବରୁ ସୂଚନା ଦେଇଥିଲା ଯେ, ନ୍ୟାଲାରେ ଥିବା ଏହାର ହସ୍ପିଟାଲକୁ ୩୬ଜଣଙ୍କ ମୃତଦେହ ଅଣାଯାଇଥିଲା। ଏହା ସହ ହସ୍ପିଟାଲର ଜରୁରୀକାଳୀନ ବିଭାଗରେ ୧୫୦ଜଣ ଗୁରୁତର ପହଞ୍ଚିଥିଲେ । ଏହି ଆତ୍ମଘାତୀ ହମଲା ପରେ ରାଜଧାନୀ ନ୍ୟାଲା ବର୍ତ୍ତମାନ ଅର୍ଦ୍ଧସାମରିକ



ସଂଗଠନ ରାପିଡ୍ ସପୋର୍ଟ ଫୋର୍ସେସ୍ ନିୟନ୍ତ୍ରଣରେ ରହିଛି। ଅନ୍ୟପଟେ ସଂଗଠନ ଏପ୍ରିଲ୍ ୨୦୨୩ରୁ ସୁଡାନୀ ସେନା ବିରୋଧରେ ଯୁଦ୍ଧ କରୁଛି। ସୁଡାନରେ ଚାଲିଥିବା ଗୃହଯୁଦ୍ଧରେ ଡ୍ରୋନ୍ ଆକ୍ରମଣର ବ୍ୟବହାର ଦିନକୁ ଦିନ ବଢୁଛି । ଗତ କିଛି ସପ୍ତାହ ମଧ୍ୟରେ ସୁଡାନୀ ସେନା ଓ ଜଝର ଉଭୟ ପକ୍ଷରୁ ଡ୍ରୋନ୍ ଆକ୍ରମଣ ବଢ଼ିଥିବା ରିପୋର୍ଟ କୁହାଯାଇଛି । ଏହି ହମଲାରେ ଶତାଧିକ ଲୋକଙ୍କ ଜୀବନ ଯାଇଛି । ଉଭୟ ପକ୍ଷ ବିସ୍ଫୋରକ ଭର୍ତ୍ତି ଡ୍ରୋନ୍ ବ୍ୟବହାର କରୁଥିବାବେଳେ ହସ୍ପିଟାଲ, ବନ୍ଧ, ସ୍କୁଲ, ବଜାର ଓ ବିସ୍ଥାପିତଙ୍କ ଶିବିର ଭଳି ସ୍ଥାନକୁ ଟାର୍ଗେଟ୍ କରୁଛନ୍ତି । ମିଳିତ ଜାତିସଂଘ (ଟଘ) ଅନୁସାରେ, ସୁଡାନରେ ଡ୍ରୋନ୍ ଆକ୍ରମଣ ସାଧାରଣ ନାଗରିକଙ୍କ ପାଇଁ ଏକ ଗୁରୁତର ବିପଦ ପାଲଟିଛି । ସୁଡାନରେ ଜାରି ରହିଥିବା ଗୃହଯୁଦ୍ଧ ବିଶ୍ୱର ସବୁଠାରୁ ବଡ଼ ମାନବୀୟ ସଙ୍କଟ ସୃଷ୍ଟି କରିଛି ।

## ଭାରତ-ନ୍ୟୁଜିଲାଣ୍ଡ ଚତୁର୍ଥ ଟ୍ୱେଣ୍ଟି-୨୦ର ସବୁ ଟିକେଟ ଶେଷ

ଅକ୍‌ଲାଣ୍ଡ: ସ୍ଥାନୀୟ ଏଡେନ୍ ପାର୍କରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଶୁକ୍ରବାର ଖେଳାଯିବାକୁ ଥିବା ଚତୁର୍ଥ ଟ୍ୱେଣ୍ଟି-୨୦ ମ୍ୟାଚ୍‌ର ସମସ୍ତ ଟିକେଟ୍ ବିକ୍ରି ହୋଇଯାଇଛି। ଫଳରେ ଷ୍ଟାଡିୟମ୍‌ରେ ପ୍ରାୟ ୪୦,୦୦୦ ଦର୍ଶକ ଉପସ୍ଥିତ ରହିବାର ସମ୍ଭାବନା ରହିଛି। ଯାହା ଇଡେନ୍ ପାର୍କରେ ଅନ୍ତର୍ଜାତୀୟ କ୍ରିକେଟ୍‌ର ମ୍ୟାଚ୍ ବେଳେ ଦର୍ଶକ ଉପସ୍ଥିତିରେ ତୃତୀୟ ସର୍ବାଧିକ ରେକର୍ଡ ହେବ। ନ୍ୟୁଜିଲାଣ୍ଡ କ୍ରିକେଟ୍‌ର ଦ୍ୱିପାକ୍ଷିକ ଶୃଙ୍ଖଳାରେ କିନ୍ତୁ ଏହା ରେକର୍ଡ କରିବ। ପୂର୍ବରୁ ୨୦୧୯ରେ ଭାରତ-ନ୍ୟୁଜିଲାଣ୍ଡ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍‌ରେ ଇଡେନ୍ ପାର୍କରେ ୩୬, ୫୨୩ ଜଣ ଦର୍ଶକ ଉପସ୍ଥିତ ଥିଲେ। ହେଲେ ଇଡେନ୍ ପାର୍କରେ ଏହାଠାରୁ ଅଧିକ ଦର୍ଶକ ଉପସ୍ଥିତି କେବଳ ଦୁଇଟି ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଦେଖିବାକୁ ମିଳିଛି। ସେଗୁଡ଼ିକ ହେଲା ୨୦୧୫ରେ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ସେମିଫାଇନାଲ୍ (୪୧ ହଜାର) ଏବଂ ୧୯୮୨ରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ମ୍ୟାଚ୍ (୪୨ ହଜାର)। ଭାରତ ଜିତିଥିବା ପ୍ରଥମ ୩ ମ୍ୟାଚ୍‌ରେ ମଧ୍ୟ ଷ୍ଟାଡିୟମ୍ ଭରପୂର ଥିଲା। ଭାରତର ନ୍ୟୁଜିଲାଣ୍ଡ ଗସ୍ତର ସମସ୍ତ ମ୍ୟାଚ୍ ପାଇଁ ଏପର୍ଯ୍ୟନ୍ତ ୧ ଲକ୍ଷ ୨୬ ହଜାର ଟିକେଟ ବିକ୍ରି ହୋଇଥିଛି। ଏଥିରେ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ୭୧ ହଜାର ଟିକେଟ ରହିଛି। ସଂପ୍ରତି ୫ ମ୍ୟାଚ୍ ବିଶିଷ୍ଟ ଏହି ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ଭାରତ ୩-୦ରେ ଆଗରେ ରହିଛି।

# ଆଇସିସି ଟି-୨୦ ରାଙ୍କିଂରେ ବଡ଼ ଅଦଳବଦଳ

## ନମନ ଧୀରଙ୍କୁ ପଛରେ ପକାଇଲେ ବୈଭବ

ନୂଆଦିଲ୍ଲୀ, ୨୮।୧୦: ଭାରତୀୟ ଦଳ ଏବେ ନ୍ୟୁଜିଲାଣ୍ଡ ଗସ୍ତରେ ରହିଛି। ଏଠାରେ ଖେଳାଯାଉଥିବା ୫ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ୩ଟି ମ୍ୟାଚ ଜିତି ଟିମ ଇଣ୍ଡିଆ ସିରିଜରେ ଅପରାଜେୟ ଅଗ୍ରଣୀ ହାସଲ କରିଛି। ଅକ୍ଟୋବର ୨୭ରେ ଖେଳାଯାଇଥିବା ସିରିଜର ତୃତୀୟ ମ୍ୟାଚରେ ଭାରତୀୟ ଦଳ ୧୯୧ ରନର ଟାର୍ଗେଟକୁ ମାତ୍ର ୧୩.୨ ଓଭରରେ ୪ ଉଇକେଟ୍ ହରାଇ ହାସଲ କରିଥିଲା। ଏହି ମ୍ୟାଚରେ ଓପନିଂ ବ୍ୟାଟର ଅଭିଷେକ ଶର୍ମା ଶତକୀୟ ଇନିଂସ ଖେଳିଥିବା ବେଳେ ତାଙ୍କ ସହ ପାଳି ଆରମ୍ଭ କରିଥିବା ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ।ବୈଭବ ମାତ୍ର ୧୯ଟି ବଲ୍‌ରେ ୪ଟି ଚୌକା ଓ ୪ଟି ଛକା ସହ ୪୫ ରନର ଧମାକାଦାର ଇନିଂସ ଖେଳିଥିଲେ। ଏହି ପ୍ରଦର୍ଶନ ବଳରେ ସେ ଆଇସିସି ପକ୍ଷରୁ ଅକ୍ଟୋବର ୨୮ରେ ଜାରି ହୋଇଥିବା



ସଦ୍ୟତମ ଟି-୨୦ ବ୍ୟାଟିଂ ରାଙ୍କିଂର ଟପ-୫୦ ଖେଳାଳିଙ୍କ ତାଲିକାରେ ସ୍ଥାନ ପାଇଛନ୍ତି।ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚରେ ଇଶାନ କିଶନ ଆହତ ହେବା ପରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିଥିଲା। ସେହି ମ୍ୟାଚରେ ସେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିଲେ ମଧ୍ୟ ବ୍ୟାଟରେବିଶେଷ କମାଲ ଦେଖାଇପାରି ନଥିଲେ। କିନ୍ତୁ ତୃତୀୟ ଟି-୨୦ ମ୍ୟାଚରେ ତାଙ୍କୁ ଓପନିଂ କରିବାର ସୁଯୋଗ ମିଳିଥିଲା। ଏଠାରେ ସେ ଅଭିଷେକ ଶର୍ମାଙ୍କ ସହ ମିଶି ଭାରତୀୟ ଦଳକୁ ଦମଦାର ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ଉଇକେଟ୍ ପାଇଁ ୧୩୩ ରନର ଭାଗୀଦାରି କରିଥିଲେ, ଯାହା ମ୍ୟାଚକୁ ସମ୍ପୂର୍ଣ୍ଣ ଭାବେ ଏକପାଖିଆ କରିଦେଇଥିଲା। ମାତ୍ର ୧୫ ବର୍ଷ ବୟସରେ ବୈଭବ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ତୃତୀୟ ମ୍ୟାଚରେ ଖେଳିଥିବା ୪୫ ରନର ଇନିଂସ ଯୋଗୁ ସେ ଆଇସିସିର ସଦ୍ୟତମ ଟି-୨୦ ବ୍ୟାଟିଂ ରାଙ୍କିଂରେ ୯ଟି ସ୍ଥାନ ଉପରକୁ ଉଠି ୪୫ତମ ସ୍ଥାନରେ ପହଞ୍ଚିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦୁଇଟି ଟି-୨୦ ମ୍ୟାଚରେ ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ଅଲ୍ରାଉଣ୍ଡର ନମନ ଧୀର ମଧ୍ୟ ଆଇସିସି ଟି-୨୦ ରାଙ୍କିଂରେ ବଡ଼ ଉନ୍ନତି କରିଛନ୍ତି। ସେ ମୋଟ ୩୨୦ଟି ସ୍ଥାନ ଉପରକୁ ଉଠିଛନ୍ତି।

## ଜାଡେଜାଙ୍କ ରାଜୁତି ଶେଷ

ନୂଆଦିଲ୍ଲୀ, ୨୮।୧୦: ଆଇସିସି ଟେଷ୍ଟ ଅଲ-ରାଉଣ୍ଡର ମାନ୍ୟତାର ଶୀର୍ଷ ସ୍ଥାନରେ ରବୀନ୍ଦ୍ର ଜାଡେଜାଙ୍କ ଯୁଗର ଅନ୍ତ ଘଟିଛି। ଅକ୍ଟୋବର ୨୮, ବୁଧବାର ପ୍ରକାଶିତ ମାନ୍ୟତା ଅନୁଯାୟୀ, ଜାଡେଜା ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଏହି ଭାରତୀୟ କ୍ରିକେଟର ଗତ ଚାରି ବର୍ଷ ଧରି ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଥିଲେ। ଅନ୍ୟପକ୍ଷରେ, ଟି-୨୦ ବ୍ୟାଟିଂ ମାନ୍ୟତାରେ ଇଶାନ କିଷନ ମଧ୍ୟ ଶୀର୍ଷ ସ୍ଥାନରୁ ଖସି ତୃତୀୟ ସ୍ଥାନକୁ ଚାଲିଯାଇଛନ୍ତି। ତେବେ, ବର୍ତ୍ତମାନର ନୂଆ ନମ୍ବର ୱାନ ଖେଳାଳି ମଧ୍ୟ ଭାରତରୁ ହିଁ ଆସିଛନ୍ତିସେ ହେଉଛନ୍ତି ଅଭିଷେକ ଶର୍ମା, ଯିଏ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ତୃତୀୟ ଟି-୨୦ ମ୍ୟାଚରେ ୧୧୩ ରନର ଏକ ରେକର୍ଡ ସୃଷ୍ଟିକାରୀ ଇନିଂସ ଖେଳିଥିଲେ।ରବୀନ୍ଦ୍ର ଜାଡେଜା ଗତ ଚାରି ବର୍ଷ ଧରି ଟେଷ୍ଟ ଅଲ-ରାଉଣ୍ଡର ତାଲିକାରେ ଏକ ନମ୍ବର ସ୍ଥାନରେ ରହିଆସିଥିଲେ। ସଦ୍ୟତମ ମାନ୍ୟତା ଅନୁଯାୟୀ, ସେ ବର୍ତ୍ତମାନ ୪୨୨ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଦକ୍ଷିଣ ଆଫ୍ରିକାର ସାଇମନ ହାର୍ମର ଏକ ବଡ଼ ଡିଆଁ ମାରି ଶୀର୍ଷ ୧୦ ଜଣଙ୍କ ତାଲିକାରେ ସାମିଲ ହୋଇଛନ୍ତି; ସେ ୧୫ଟି ସ୍ଥାନ ଉପରକୁ ଉଠି ୨୨୮ ରେଟିଂ ପଏଣ୍ଟ ସହ ଅଷ୍ଟମ ସ୍ଥାନରେ ପହଞ୍ଚିଛନ୍ତି। ଦକ୍ଷିଣ ଆଫ୍ରିକାର ମାର୍କ ଜାନସେନ ୪୫୧ ରେଟିଂ ସହ ଆଇସିସି ଟେଷ୍ଟ ଅଲ-ରାଉଣ୍ଡର ମାନ୍ୟତାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛନ୍ତିଯାହା ତାଙ୍କ କ୍ୟାରିୟରର ସର୍ବୋତ୍ତମ ରେଟିଂ ଅଟେ। ଶୀର୍ଷ ପାଞ୍ଚ ଜଣଙ୍କ ମଧ୍ୟରେ ଅନ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ। ଗ୍ବେବେରହା ଠାରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ମ୍ୟାଚରେ, ଜାନସେନ ମୋଟ ୬ଟି ୱିକେଟ ନେଇଥିଲେ ଏବଂ ୮୫ ରନର ଏକ ଇନିଂସ ଖେଳିଥିଲେ। ଓଉଡ ଟେଷ୍ଟ ଅଲ-ରାଉଣ୍ଡର ମାନ୍ୟତାରେ ବାଂଲାଦେଶର ମେହିଦି ହାସନ ମିରାଜ ତୃତୀୟ ସ୍ଥାନରେ ରହିଛନ୍ତି। ୱିଆନ ମୁଲଡର ଚତୁର୍ଥ ସ୍ଥାନରେ ଥିବାବେଳେ ମିଚେଲ ଷ୍ଟାର୍କ ପଞ୍ଚମ ସ୍ଥାନରେ ଅଛନ୍ତି। ରବୀନ୍ଦ୍ର ଜାଡେଜାଙ୍କ ପରେ ୱାଶିଂଟନ ସୁନ୍ଦର ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି; ସେ ବର୍ତ୍ତମାନ ୨୩୪ ରେଟିଂ ସହ ୭ମ ସ୍ଥାନରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ମାର୍କ ଜାନସେନ କେବଳ ଟେଷ୍ଟ ଅଲ-ରାଉଣ୍ଡର ମାନ୍ୟତାରେ ନୁହେଁ, ବରଂ ଟେଷ୍ଟ ବୋଲିଂ ମାନ୍ୟତାରେ ମଧ୍ୟ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ପାଞ୍ଚଟି ସ୍ଥାନ ଉପରକୁ ଉଠି ଜାନସେନ ବର୍ତ୍ତମାନ ଟେଷ୍ଟ ବୋଲିଂ ମାନ୍ୟତାରେ ଏକ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ଏହା ସହିତ ସେ ମିଚେଲ ଷ୍ଟାର୍କଙ୍କ ଆଧିପତ୍ୟର ଅନ୍ତ ଘଟାଇଛନ୍ତି, ଯିଏ ବର୍ତ୍ତମାନ ଖସିଯାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଓଡ଼ିଶା-ସର୍ଭିସେସ୍ ରଣଜୀ ମ୍ୟାଚ୍: ତୃତୀୟ ଦିନର ଖେଳ ବାତିଲ

ଭୁବନେଶ୍ୱର: ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ସ୍ଥାନୀୟ କିଟ୍ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ରଣଜୀ ଟ୍ରଫି ତୃତୀୟ ରାଉଣ୍ଡ ମ୍ୟାଚ୍‌ର ତୃତୀୟ ଦିନ ଖେଳ ଘୂର୍ଣ୍ଣିଝଡ଼ 'ଅର୍ଣ୍ଣବ' ଜନିତ ଲଗାଣ ବର୍ଷା ପାଇଁ ବାତିଲ ହୋଇଯାଇଛି। ସକାଳୁ ବର୍ଷା ଲାଗି ରହିବାରୁ ବୁଧବାର ଗୋଟିଏ



ହେଲେ ବି ବଲ୍ ପଡ଼ି ନଥିଲା କିମ୍ବା ଖେଳାଳି ବାହାରକୁ ବାହାରି ନଥିଲେ। ସଂପୂର୍ଣ୍ଣ ଷ୍ଟାଡିୟମ୍‌କୁ ଦିନ ତମାମ ପାଲରେ ଘୋଡ଼ାଇ ରଖା ଯାଇଥିଲା।

ସେହିଭଳି ଆସନ୍ତାକାଲି ବି ପାଗ ମେଘୁଆ ସହ ବର୍ଷା ହେବାର ପୂର୍ବାନୁମାନ ରହିଛି। ଏଣୁ ଆସନ୍ତାକାଲି ଖେଳ ହେବା ନେଇ ମଧ୍ୟ ଆଶଙ୍କା ବଢ଼ିଛି। ସୂଚନାଯୋଗ୍ୟ ଯେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଘରୋଇ ପରିବେଶରେ ଖେଳୁଥିବା ସତ୍ତ୍ୱେ ଘୋର ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୧୯୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହାର ଜବାବରେ ସର୍ଭିସେସ୍ ସୋମବାର ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ବିନା କ୍ଷତିରେ ୧୩ ରନ୍ କରି ନେଇଥିଲା। ଉଭୟ ଓଡ଼ିଶା ଓ ସର୍ଭିସେସ୍ ନିଜ ନିଜର ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜିତ ହୋଇଥିବାରୁ ଚଳିତ ରତୁର ପ୍ରଥମ ପଏଣ୍ଟ ସନ୍ଧାନରେ ଅଛନ୍ତି। ଆଗାମୀ ଦୁଇ ଦିନ ଯଦି ଖେଳ ସମ୍ଭବ ନହୁଏ, ତାହେଲେ ଅମୀମାଂସିତ ମ୍ୟାଚ୍ ବଳରେ ଦୁଇଟି ଯାକ ଦଳ ପଏଣ୍ଟ ଖାତା ଖୋଲିବେ।

### ସିକେ ନାୟୁଡୁ ଟ୍ରଫି

## ଗୋଆଠାରୁ ୩୩ ରନ୍ ପଛରେ ଓଡ଼ିଶା

କଟକ, ୨୮/୧୦: କଲୋନେଲ ସି.କେ. ନାୟୁଡୁ ଟ୍ରଫି ଅଣ୍ଡର-୨୩ ପୁରୁଷ ମଲ୍ଟି-ଡେ କ୍ରିକେଟ୍ ପ୍ରତିଯୋଗିତାରେ ଓଡ଼ିଶା ଓ ଗୋଆ ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩୩ ରନ୍ ପଛରେ ରହିଛି। ଗୋଆ ପ୍ରଥମ ଇନିଂସରେ ୨୫୩ ରନ୍ କରିଥିବା ବେଳେ ଓଡ଼ିଶା ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ହରାଇ ୫୧ ରନ୍ ସଂଗ୍ରହ କରିଛି। ପ୍ରଥମ ଇନିଂସରେ ଓଡ଼ିଶା ୫୯.୨ ଓଭରରେ ୧୯୯ ରନ୍ କରି ଅଲଆଉଟ୍ ହୋଇଥିଲା।



ଏହାର ଜବାବରେ ଗୋଆ ୯୦.୨ ଓଭରରେ ୨୫୩ ରନ୍ କରିଥିଲା। ଗୋଆ ପକ୍ଷରୁ ଆର୍ଯ୍ୟନ ଅଜୟ ନରଭେକର ୧୩ଟି ଚୌକା ସହ ୧୩୯ ବଲ୍‌ରୁ ୮୨ ରନ୍ କରିଥିବା ବେଳେ ଶାନ୍ତନୁ ନେଭାଗି ୧୦୩ ବଲ୍‌ରୁ ୫୩ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଅଭିଷେକ ସିଂହ ଚମତ୍କାର ବୋଲିଂ କରି ୧୫.୩ ଓଭରରେ ୨୬ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ସାର୍ଥକ ପଣ୍ଡା ୨ଟି ୱିକେଟ୍ ନେଇଥିଲେ। ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରୁଥିବା ଓଡ଼ିଶା ଖେଳ ଶେଷ ସୁଦ୍ଧା ୨୧ ଓଭରରେ ୫୧ ରନ୍ କରିଛି। ପାନକାଲା ଶଶାଙ୍କ ୫୩ ବଲ୍‌ରୁ ୨୭ ରନ୍ କରି ଅପରାଜିତ ଥିବା ବେଳେ ଆୟୁଷ ସୁତାର ୫୩ ବଲ୍‌ରୁ ୧୭ ରନ୍ କରି ଅପରାଜିତ ଅଛନ୍ତି। ବର୍ତ୍ତମାନ ଓଡ଼ିଶା ଗୋଆର ପ୍ରଥମ ଇନିଂସ ସ୍କରଠାରୁ ୩୩ ରନ୍ ପଛରେ ରହିଛି। ତୃତୀୟ ଦିନର ଖେଳରେ ଓଡ଼ିଶା ବ୍ୟାଟର୍‌ମାନେ କିପରି ଦଳର ସ୍ଥିତି ମଜଭୁତ କରୁଛନ୍ତି, ତାହା ଉପରେ ନଜର ରହିବ।

# 'ଖେଲୋ ଇଣ୍ଡିଆ କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ଯୋଜନା'କୁ ମଞ୍ଜୁରି

ନୂଆଦିଲ୍ଲୀ, ୨୮।୧୦(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍, ୨୦୨୬ରୁ ୨୦୩୩-୩୪ ମସିହା ପର୍ଯ୍ୟନ୍ତ ଅବଧି ପାଇଁ ୧,୮୫୬.୬୭ କୋଟି ଟଙ୍କାର ମୋଟ ବ୍ୟୟବରାଦ ସହିତ ଖେଲୋ ଇଣ୍ଡିଆ କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ଯୋଜନାକୁ ମଞ୍ଜୁର କରିଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି ନିବେଶ, ଉତ୍ପାଦନ, ନବସୃଜନ ଏବଂ ରପ୍ତାନିକୁ ପ୍ରୋତ୍ସାହିତ କରିବା ସହ ବିଶ୍ୱ କ୍ରୀଡ଼ା ସାମଗ୍ରୀ କ୍ଷେତ୍ରରେ ଭାରତର ସ୍ଥିତିକୁ ସୁଦୃଢ଼ କରିବା।

କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ଘୋଷଣା କରାଯାଇଥିବା ଏହି ଯୋଜନା ନିବେଶ, ପ୍ରଯୁକ୍ତିବିଦ୍ୟା ଗ୍ରହଣ, ଗବେଷଣା ଏବଂ ନବସୃଜନ, ଦକ୍ଷତା ବିକାଶ, ଗୁଣାତ୍ମକ ପ୍ରମାଣପତ୍ର ଏବଂ ବଜାର ବିକାଶ ପାଇଁ ଲକ୍ଷ୍ୟଭିତ୍ତିକ ସହାୟତା ମାଧ୍ୟମରେ ଭାରତର କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ଆଧାରକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଯୋଜନା ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କ୍ରୀଡା ସାମଗ୍ରୀ ଶିଳ୍ପର ବିକାଶକୁ ସମର୍ଥନ କରିବ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଭାରତର ସ୍ଥିତିକୁ ମଜବୁତ କରିବ।

ଖେଲୋ ଭାରତ ନୀତି ୨୦୨୫, ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ସମନ୍ୱିତ, ଏହି ଯୋଜନା ନିବେଶକୁ ଆକର୍ଷିତ କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଘରୋଇ ଉତ୍ପାଦନ କ୍ଷମତାକୁ ମଜବୁତ କରିବା ଏବଂ ଭାରତୀୟ କ୍ରୀଡା ସାମଗ୍ରୀର ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ବୃଦ୍ଧି କରିବା ଆଶା କରାଯାଉଛି।

ଏହି ଯୋଜନା ନିର୍ମାତା, ଯୋଗାଣକାରୀ, ପରୀକ୍ଷଣ ସୁବିଧା, ଡିଜାଇନ୍ ଏବଂ ପ୍ରୋଟୋଟାଇପିଂ କେନ୍ଦ୍ର ଏବଂ ସହାୟକ ଉଦ୍ୟୋଗଗୁଡ଼ିକର କ୍ଲଷ୍ଟର-ଆଧାରିତ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏବଂ ସମନ୍ୱିତ ଶିଳ୍ପ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ସମର୍ପିତ କ୍ରୀଡା ସାମଗ୍ରୀ ଉତ୍ପାଦନ କ୍ଷେତ୍ର (ଏସଜିଏମଜେଡ୍) ବିକାଶର ପରିକଳ୍ପନା କରେ। ଏହି ଜୋନଗୁଡ଼ିକୁ ଭବ୍ୟ ଯୋଜନା ଏବଂ ଏନଆଇସିଡିସି ଶିଳ୍ପ ପାର୍କ ଅଧୀନରେ ବିଦ୍ୟମାନ ଶିଳ୍ପ ଭିତ୍ତିଭୂମି ସହିତ ସମନ୍ୱୟ ମାଧ୍ୟମରେ ବିକଶିତ କରାଯିବ, ଯାହା ଦ୍ୱାରା ଦକ୍ଷ ଉତ୍ପାଦନ, ଦୃଢ଼ ଶିଳ୍ପ ସଂଯୋଗ ଏବଂ କ୍ରୀଡା ସାମଗ୍ରୀ ମୂଲ୍ୟ ଶୃଙ୍ଖଳାରେ




ପ୍ରତିଯୋଗିତାମୂଳକତା ବୃଦ୍ଧି ପାଇବ।

ଏହି କ୍ଷେତ୍ରଗୁଡ଼ିକ ସମନ୍ୱିତ ଉତ୍ପାଦନ ସୁବିଧା ସୃଷ୍ଟି, ଶିଳ୍ପ ସଂଯୋଗକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବାରେ ସହାୟତା କରିବ। ଏହି ହସ୍ତକ୍ଷେପଗୁଡ଼ିକ ନିବେଶକୁ ସହଜ କରିବା, ଉତ୍ପାଦନ କ୍ଷମତା ବୃଦ୍ଧି କରିବା ଏବଂ ଦେଶରେ ଏକ ଦୃଢ଼ କ୍ରୀଡା ସାମଗ୍ରୀ ଉତ୍ପାଦନ ଆଧାରର ଅଭିବୃଦ୍ଧିକୁ ସମର୍ଥନ କରିବା ଆଶା କରାଯାଉଛି।ଏହି ଯୋଜନାର ଏକ ମୁଖ୍ୟ ଲକ୍ଷ୍ୟ ହେଉଛି ନୂତନ ନିବେଶକୁ ଆକର୍ଷିତ କରିବା ଏବଂ କ୍ରୀଡା ସାମଗ୍ରୀ କ୍ଷେତ୍ରରେ ଘରୋଇ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା। ପ୍ରମୁଖ ନିବେଶ ସହାୟତା ଉପାଦାନ ପ୍ରମୁଖ ଘରୋଇ ଏବଂ ବିଶ୍ୱସ୍ତରୀୟ ନିର୍ମାତା, ବ୍ରାଣ୍ଡ ଏବଂ ଖୁଚୁରା ଶୃଙ୍ଖଳାକୁ ନିର୍ଦ୍ଦିଷ୍ଟ କ୍ରୀଡା ସାମଗ୍ରୀ ଉତ୍ପାଦନ କ୍ଷେତ୍ର ମଧ୍ୟରେ ଉତ୍ପାଦନ ସୁବିଧା ସ୍ଥାପନ କରିବାକୁ ଏବଂ ଦୃଢ଼ ଯୋଗାଣକାରୀ ଏବଂ ସହାୟକ ଇକୋସିଷ୍ଟମର ବିକାଶକୁ ପ୍ରୋତ୍ସାହିତ କରିବ। ଏହା ସହିତ, ଟର୍ଣ୍ଣଓଭର ଲିଙ୍କ୍ଡ ସପୋର୍ଟ ଉପାଦାନ ଉଚ୍ଚ ଉତ୍ପାଦନ, କ୍ଷମତା ବିସ୍ତାର ଏବଂ ନିରନ୍ତର ଉତ୍ପାଦନ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ।ମିଳିତ ଭାବରେ, ଏହି ହସ୍ତକ୍ଷେପଗୁଡ଼ିକ, ୧,୧୩୦ କୋଟି ଟଙ୍କାର ମିଳିତ ବ୍ୟୟବରାଦ ଦ୍ୱାରା ସମର୍ଥିତ। ଏହା ଘରୋଇ ଉତ୍ପାଦନକୁ ସୁଦୃଢ଼ କରିବା, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ଘରୋଇ ମୂଲ୍ୟ ବୃଦ୍ଧି ବୃଦ୍ଧି କରିବା, ଗୁରୁତ୍ୱପୂର୍ଣ୍ଣ ଘରୋଇ ନିବେଶକୁ ପ୍ରୋତ୍ସାହିତ କରିବା, ମୂଲ୍ୟ ଶୃଙ୍ଖଳାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ବିଶ୍ୱ ବଜାରରେ ଭାରତର ପ୍ରତିଯୋଗିତାମୂଳକତାକୁ ଉନ୍ନତ କରିବା ଆଶା କରାଯାଉଛି।

କ୍ରୀଡା ସାମଗ୍ରୀ କ୍ଷେତ୍ରରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମଏସଏମଇ)ର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରି, ଏହି ଯୋଜନା ବିଦ୍ୟମାନ ଉତ୍ପାଦନ କ୍ଲଷ୍ଟରଗୁଡ଼ିକୁ ସୁଦୃଢ଼ କରିବା ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ଅଭିବୃଦ୍ଧିକୁ ସମର୍ଥନ କରିବା ଉପରେ ଗୁରୁତ୍ୱାରୋପ କରେ। ସାଧାରଣ ସୁବିଧା ଏବଂ ସହଭାଗୀ ଭିତ୍ତିଭୂମିର ବିକାଶ ସମେତ ବିଦ୍ୟମାନ କ୍ରୀଡ଼ା ସାମଗ୍ରୀ ଉତ୍ପାଦନ କ୍ଲଷ୍ଟରଗୁଡ଼ିକର ଉନ୍ନତି ପାଇଁ ସହାୟତା ପ୍ରଦାନ କରାଯିବ। ଏହି ଯୋଜନା ଭାରତୀୟ କ୍ରୀଡା ସାମଗ୍ରୀର ପ୍ରତିଯୋଗିତାମୂଳକତା ବୃଦ୍ଧି କରିବାରେ ଅନ୍ତର୍ଜାତୀୟ ସ୍ତରରେ ଗୃହୀତ ଗୁଣବତ୍ତା ଏବଂ ପ୍ରଦର୍ଶନ ମାନଦଣ୍ଡର ଗୁରୁତ୍ୱକୁ ସ୍ୱୀକାର କରେ। ଅନ୍ତର୍ଜାତୀୟ କ୍ରୀଡା ଫେଡେରେସନଗୁଡ଼ିକରୁ ପ୍ରମାଣପତ୍ର ପାଇବା ଏବଂ ନବୀକରଣ ପାଇଁ ନିର୍ମାତାମାନଙ୍କୁ ସହାୟତା ଯୋଗାଇ ଦିଆଯିବ, ଯାହାର ବ୍ୟୟବରାଦ ୧୦୫ କୋଟି ଟଙ୍କା ହେବ। ଏହି ପଦକ୍ଷେପଗୁଡ଼ିକ ଉତ୍ପାଦ ଗୁଣବତ୍ତା ଉନ୍ନତ କରିବାରେ, ଅନ୍ତର୍ଜାତୀୟ ବଜାରକୁ ପହଞ୍ଚିବାକୁ ସହଜ କରିବା ଏବଂ ଭାରତୀୟ ନିର୍ମିତ କ୍ରୀଡା ସାମଗ୍ରୀ ପ୍ରତି ବିଶ୍ୱାସକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ଏହି ଯୋଜନାରେ କ୍ରୀଡା ସାମଗ୍ରୀ କ୍ଷେତ୍ରରେ ଗବେଷଣା, ଡିଜାଇନ୍ ଏବଂ ନବସୃଜନକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

## ୩ ଥର ପାରା ଏସିଆନ୍ସ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତାଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୮।୧୦: ଭାରତୀୟ ପାରା ଆଥଲେଟିକ୍ସ ଜଗତକୁ ସ୍ତବ୍ଧ କରିଦେଇଛି ତିନିଥର ଏସୀୟ ପାରା ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଯାଦବଙ୍କ ମୃତ୍ୟୁ ଖବର । ୪୨ ବର୍ଷୀୟ ଏହି ଖେଳାଳି ମଙ୍ଗଳବାର ରାତିରେ ନିଜ ଫ୍ଲାଟ୍‌ରେ ବିଷାକ୍ତ ପଦାର୍ଥ ସେବନ କରିଥିବା ଅଭିଯୋଗ ହୋଇଛି । ତେବେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଏବଂ ପରିସ୍ଥିତି ସମ୍ପର୍କରେ ତଦନ୍ତ ପରେ ହିଁ ସ୍ପଷ୍ଟତା ଆସିବ।ଭାରତୀୟ ପାରା ଆଥଲେଟିକ୍ସର ମୁଖ୍ୟ ପ୍ରଶିକ୍ଷକ ଏସ୍. ସତ୍ୟନାରାୟଣ ଏହି ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ନୀରଜଙ୍କ ମୃତ୍ୟୁ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ବଡ଼ କ୍ଷତି ବୋଲି ସେ କହିଛନ୍ତି । ପାରାଲିମ୍ପିକ୍ସ ଚାମ୍ପିଅନ୍ ସୁମିତ ଅନ୍ତିଲ ଏବଂ ସାଥୀ ପାରା ଆଥଲେଟ୍ ବିପିନ କସାନା ଡାକ୍ତରଖାନାରେ ଉପସ୍ଥିତ ଥିବା ସୂଚନା ମିଳିଛି ।କୋଚ୍ ସତ୍ୟନାରାୟଣଙ୍କ କହିବା ଅନୁଯାୟୀ, ଡୋପିଂ ମାମଲାରେ ନିଲମ୍ବନ ଯୋଗୁଁ ନୀରଜ ଆଗାମୀ ଏସୀୟ ପାରା ଗେମ୍ସରେ ଭାଗ ନେଇପାରି ନ ଥାଆନ୍ତେ । ଏହା ତାଙ୍କୁ ମାନସିକ ଭାବେ ପ୍ରଭାବିତ କରିଥାଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏସୀୟ ପାରା ଗେମ୍ସରେ ପଦକ ଜିତିଲେ ଖେଳାଳିଙ୍କୁ ସରକାରଙ୍କ ପକ୍ଷରୁ ଉଲ୍ଲେଖନୀୟ ଆର୍ଥିକ ପୁରସ୍କାର ସହ ସ୍ଥାୟୀ ନିଯୁକ୍ତିର ସୁଯୋଗ ମିଳିଥାଏ। ତେବେ ଏହି କାରଣ ନୀରଜଙ୍କ ମୃତ୍ୟୁ ପଛରେ ରହିଛି ବୋଲି ଏଯାଏଁ କୌଣସି ନିଶ୍ଚିତ ତଥ୍ୟ ମିଳିନାହିଁ। ମୃତ୍ୟୁର ପ୍ରକୃତ କାରଣ ତଦନ୍ତ ପରେ ହିଁ ଜଣାପଡ଼ିବ।

# ଡିସେମ୍ବରରେ ଅଖିଳ ଭାରତୀୟ କ୍ରୀଡ଼ା

## କଳିଙ୍ଗ ଷ୍ଟାଡିୟମରେ ଏକାଠି ହେବେ ୩୧ଟି ରାଜ୍ୟ ଓ ନେପାଳର ୮୦୦ ଜନଜାତି ଖେଳାଳି

ଭୁବନେଶ୍ୱର, ୨୮।୧୦: ଜନଜାତି ଯୁବ କ୍ରୀଡ଼ାବିତ୍‌ଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଯାଉଛି ଅଖିଳ ଭାରତୀୟ କ୍ରୀଡ଼ା ପ୍ରତିଯୋଗିତା। ଆସନ୍ତା ଡିସେମ୍ବର ୩୧, ୨୦୨୬ରୁ ଜାନୁଆରୀ ୩, ୨୦୨୭ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ଚାରିଦିନିଆ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଭାରତର ୩୧ଟି ରାଜ୍ୟ ଓ ନେପାଳରୁ ପ୍ରାୟ ୮୦୦ ଜନଜାତି ବାଳକ ଓ ବାଳିକା ଅଂଶଗ୍ରହଣ କରିବେ। ଖେଳାଳିଙ୍କୁ ସହଯୋଗ କରିବା ପାଇଁ ପ୍ରାୟ ୨୦୦ ଜଣ ପ୍ରଶିକ୍ଷକ ଓ ସଂଗଠକ ନିୟୋଜିତ ହେବେ।

ବୁଧବାର ଭୁବନେଶ୍ୱରର ତେରାପନ୍ଥ ସଭାଗୃହରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବନବାସୀ କଲ୍ୟାଣ ଆଶ୍ରମର ଉପସଭାପତି ତଥା ଅଖିଳ ଭାରତୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ୱାଗତ ସମିତିର ଅଧ୍ୟକ୍ଷ ଶ୍ରୀ ସଞ୍ଜୟ ଲାଟ୍ ଏହି ସୂଚନା ଦେଇଛନ୍ତି ।କାର୍ଯ୍ୟସୂଚୀ ଅନୁଯାୟୀ, ଡିସେମ୍ବର ୨୯ ତାରିଖରେ ଖେଳାଳିମାନେ ଭୁବନେଶ୍ୱରରେ ପହଞ୍ଚିବେ। ଡିସେମ୍ବର ୩୦ରେ ପଞ୍ଜୀକରଣ ଓ ଶୋଭାଯାତ୍ରା ଅଭ୍ୟାସ କରାଯିବ। ଡିସେମ୍ବର ୩୧ରେ ଉଦ୍‌ଘାଟନୀ ସମାରୋହ ସହ ପ୍ରତିଯୋଗିତା ଆରମ୍ଭ ହେବ ଏବଂ ଜାନୁଆରୀ ୩, ୨୦୨୭ରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ ।ଆୟୋଜକଙ୍କ ସୂଚନା ଅନୁଯାୟୀ, ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନୀ କିମ୍ବା ଉଦ୍‌ଯାପନୀ ସମାରୋହରେ ଯୋଗଦେବାର ସମ୍ଭାବନା ରହିଛି। ଏହି ଅବସରରେ ଓଡ଼ିଶାର ପ୍ରାୟ ୧୦ ହଜାର ଜନଜାତି ଭାଇଭଉଣୀ ମଧ୍ୟ ସାମିଲ ହେବେ ବୋଲି ଆଶା କରାଯାଉଛି।

ଏହି କ୍ରୀଡ଼ା ମହୋତ୍ସବରେ ତୀରନ୍ଦାଜୀ, ମାରାଥନ୍ ଓ ବିଭିନ୍ନ ଆଥଲେଟିକ୍ସ ପ୍ରତିଯୋଗିତା ଆୟୋଜିତ ହେବ ।ସବ୍-ଜୁନିୟର ବାଳକ ଓ ବାଳିକା ବର୍ଗରେ ତୀରନ୍ଦାଜୀ ସହ ୧୦୦, ୪୦୦ ଓ ୮୦୦ ମିଟର ଦୌଡ଼, ୪x୧୦୦ ମିଟର ରିଲେ, ଲମ୍ଫଡିଆଁ ଓ ଗୋଲାଫିଙ୍ଗା ପ୍ରତିଯୋଗିତା ରହିଛି ।ମାରାଥନ୍‌ରେ ବାଳକଙ୍କ ପାଇଁ ୨୧ କିଲୋମିଟର ଓ ୪୨.୧୯୫ କିଲୋମିଟର ଦୌଡ଼ ଏବଂ ବାଳିକାଙ୍କ ପାଇଁ ୭ କିଲୋମିଟର ଓ ୧୪ କିଲୋମିଟର ଦୌଡ଼ ଆୟୋଜିତ ହେବ। ଜୁନିୟର ବାଳକ ବର୍ଗରେ ୧୦୦, ୪୦୦, ୮୦୦ ଓ ୩୦୦୦ ମିଟର ଦୌଡ଼, ୪x୪୦୦ ମିଟର ରିଲେ, ଲମ୍ଫଡିଆଁ ଓ ଗୋଲାଫିଙ୍ଗା ପ୍ରତିଯୋଗିତା ହେବ। ସେହିପରି ଜୁନିୟର ବାଳିକା ବର୍ଗରେ ୧୦୦, ୨୦୦, ୪୦୦ ଓ ୧୫୦୦ ମିଟର ଦୌଡ଼, ୪x୧୦୦ ମିଟର ରିଲେ, ଲମ୍ଫଡିଆଁ ଓ ଗୋଲାଫିଙ୍ଗା ସାମିଲ ରହିଛି ।ଏହି ପ୍ରତିଯୋଗିତା ଜନଜାତି ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ଆଗ୍ରହ ବୃଦ୍ଧି କରିବା ସହ ସେମାନଙ୍କୁ ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ।



ସାମ୍ବାଦିକ ସମ୍ମିଳନୀରେ ପ୍ରତିଯୋଗିତାର ଆୟୋଜନ ପାଇଁ ଗଠିତ ସ୍ୱାଗତ ସମିତିର ସଦସ୍ୟମାନଙ୍କ ପରିଚୟ କରାଯାଇଥିଲା ।ଏଥିରେ ବନବାସୀ କଲ୍ୟାଣ ଆଶ୍ରମର ଅଖିଳ ଭାରତୀୟ ସଂଗଠନ ସଚିବ ଶ୍ରୀ ଅତୁଲ ଜୋଗ, ଅଖିଳ ଭାରତୀୟ ସହ-ବ୍ୟବସ୍ଥା ପ୍ରମୁଖ ଶ୍ରୀ ବିଜୟ କୁମାରଜୀଙ୍କ ସମେତ ଓଡ଼ିଶା କଲ୍ୟାଣ ଆଶ୍ରମର ପ୍ରାନ୍ତୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।ଜନଜାତି ଯୁବ କ୍ରୀଡ଼ାବିତ୍‌ଙ୍କ ପ୍ରତିଭାର ବିକାଶ, ସେମାନଙ୍କୁ ଉତ୍ସାହିତ କରିବା ଏବଂ ବିଭିନ୍ନ ଅଞ୍ଚଳର ଖେଳାଳିଙ୍କ ମଧ୍ୟରେ ଏକତା ଓ କ୍ରୀଡ଼ା ମନୋଭାବ ବୃଦ୍ଧି କରିବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ।

## ଭାରତ ବିପକ୍ଷ ଶୃଙ୍ଖଳାରୁ ଅଷ୍ଟ୍ରେଲିଆର ରେକର୍ଡ ଆୟ

ସିଡ୍‌ନି, ୨୮।୧୦: ଭାରତ ବିପକ୍ଷ ଶୃଙ୍ଖଳାରୁ ଅଷ୍ଟ୍ରେଲିଆ କ୍ରିକେଟ୍ (ସିଏ) ରେକର୍ଡ ଆୟ କରିଛି। 'ସିଏ' ୨୦୨୫-୨୬ ଆର୍ଥିକ ବର୍ଷରେ ୬୦୧.୧ ନିୟୁତ ଅଷ୍ଟ୍ରେଲୀୟ ଡଲାର (ପ୍ରାୟ ୪୦୨୪ କୋଟି ଟଙ୍କା) ରାଜସ୍ୱ ସଂଗ୍ରହ କରିଛି। ଏହି ରାଜସ୍ୱ ଭାରତ ବିପକ୍ଷ ସୀମିତ ଓଭର ଶୃଙ୍ଖଳା ଏବଂ ଇଂଲଣ୍ଡ ବିପକ୍ଷ ଆସେସ୍ ମିଡିଆ ପ୍ରସାରଣ ଅଧିକାରୁ ପାଇଛି। ଏଥିରୁ ସଂସ୍ଥା ମୋଟ ୮୧.୮ ନିୟୁତ ଡଲାର ଲାଭ କରିଛି। ହେଲେ ଆସେସ୍ ଶୃଙ୍ଖଳାର ୨ ମ୍ୟାଚ୍ ମାତ୍ର ଦୁଇ ଦିନରେ ଶେଷ ହେବାରୁ ସିଏ' ପ୍ରାୟ ୨୦ ନିୟୁତ ଡଲାର କ୍ଷତି ସହିଥିଲା। ମେଲବର୍ଣ୍ଣ ଓ ପର୍ଥରେ ଅନୁଷ୍ଠିତ ଏହି ଦୁଇଟି ଯାକ ଟେଷ୍ଟ ମ୍ୟାଚ୍ ତୃତୀୟ ଦିନକୁ ନଯିବାରୁ ଆୟ ହ୍ରାସ ପାଇଥିଲା। ସିଏ'ର ପୂର୍ବତନ ଅଧ୍ୟକ୍ଷ ମାଇକ୍ ବେୟାର୍ଡ କହିଛନ୍ତି, ଟେଷ୍ଟ ମ୍ୟାଚ୍ ପାଞ୍ଚ ଦିନ ଚାଲିବା ହିଁ ଭଲ। ଗତ ବର୍ଷ ଭଲ ଲାଭ ହୋଇଥିଲା ବେଳେ ଆସନ୍ତା ଦୁଇ ବର୍ଷ କ୍ଷତି ହେବାର ଆଶଙ୍କା କରିଛି ସିଏ'। ୨୦୨୫-୨୪ ବର୍ଷରେ ୧୧.୩ ମିଲିଅନ୍ କ୍ଷତି ହୋଇଥିବା କ୍ରିକେଟ୍ ଅଷ୍ଟ୍ରେଲିଆ କହିଛି। ଗତ ବର୍ଷ ୧୮ ଦିନର ଆସେସ୍‌ରେ ଦିନପ୍ରତି ହାରାହାରି ୪୭,୭୪୪ ସହ ୮ ଲକ୍ଷ ୫୯ ହଜାର ୫୮୦ ଦର୍ଶକ ଷ୍ଟାଡିୟମ୍‌କୁ ଆସିଥିଲେ।

### ଏସ୍‌ଜିଏଫ୍‌ଆଇ ରଗବୀ ପ୍ରତିଯୋଗିତା

## ୧୭ ବର୍ଷରୁ କମ୍ ଓଡ଼ିଶା ବାଳିକା ଦଳ ବିଜେତା

ଭୁବନେଶ୍ୱର, ୨୮।୧୦: ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମଠାରେ ଅକ୍ଟୋବର ୨୬ ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ଏସ୍‌ଜିଏଫ୍‌ଆଇଜାତୀୟ ବିଦ୍ୟାଳୟସମୂହ ରଗବି




କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୧୭ ବର୍ଷରୁ କମ୍ ରଗବି ପ୍ରତିଯୋଗିତାରେ ଓଡ଼ିଶା ଦଳ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଦେଇଛି ।ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଅଂଶଗ୍ରହଣ କରିଥିବା ଓଡ଼ିଶା ୧୭ ବର୍ଷରୁ କମ୍ ବାଳିକା ରଗବି ଦଳ ଫାଇନାଲ ମ୍ୟାଚରେ ବିହାରକୁ ୧୨-୦ ସ୍କୋରରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଓଡ଼ିଶା ଦଳ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରି ଫାଇନାଲରେ ପହଞ୍ଚିଥିଲା। ବିହାର ଠାରୁ ୧୨-୭ ଗୋଲ ବ୍ୟବଧାନରେ ପରାସ୍ତ ହୋଇ ଦଳ ରୌପ୍ୟ ପଦକ ସହ ଉପବିଜେତା ହୋଇଛି। ଓଡ଼ିଶାର ଏହି ଅସାଧାରଣ ବିଜୟ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଆୟୁକ୍ତ ତଥା ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମସ୍ତ ବିଜେତା ଖେଳାଳି, ଟିମ୍ ମ୍ୟାନେଜର ଏବଂ କୋଚ୍ ମାନଙ୍କୁ ସାଧୁବାଦ ଓ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha), Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର